RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | VOLUME- 43 ISSUE-97 TUESDAY 30 SEPTEMBER 2025 PAGE-12 ₹ 6.00

ବର୍ଷ-୪୩ ସଂଖ୍ୟା-୯୭ ମଙ୍ଗଳବାର ୩୦ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦



ନୟାପଲ୍ଲୀ ପୂଜା ମଣ୍ଡପରେ ବିରାଜିତ ମା' ଦଶଭୁଜା

### ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ଲାଗୁ ହେବ ୮ମ ବେତନ ଆୟୋଗ

# ମୂଳ ଦରମା ୧୮ରୁ ୪୪ ହଜାର ହେବ

■ **ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି):** ୨୦୨୬ ଜାନୁଆରୀରୁ ଲାଗୁ ହୋଇପାରେ ଅଷ୍ଟମ ବେତନ ଆୟୋଗର ସୁପାରିସ। ତେବେ ଏଥିପାଇଁ ୨୦୨୮ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ତେବେ ସରକାରୀ ଭାବେ ଏପର୍ଯ୍ୟନ୍ତ କିଛି କୁହାଯାଇ ନାହିଁ। କେନ୍ଦ୍ର କ୍ୟାବିନେଟ ଏହାକୁ ଚଳିତବର୍ଷ ଜାନୁଆରୀରେ ମଞ୍ଜୁରୀ ଦେଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ସମ୍ପର୍କରେ ନା କୌଣସି ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି, ନା ଏହାର ସନ୍ଦର୍ଭ ସର୍ତ୍ତାବଳୀ ଚୂଡ଼ାନ୍ତ ହୋଇଛି। ଏମିତିକି ୮ମ ବେତନ ଆୟୋଗରେ ନିଯୁକ୍ତ ହେବାକୁ ଥିବା ସଦସ୍ୟଙ୍କ ତାଲିକା ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ



ତେବେ କମିସନ ସୁପାରିସ କାର୍ଯ୍ୟକାରୀ ହେଲେ କର୍ମଚାରୀମାନେ ଦୁଇ ବର୍ଷର ବକେୟା ପାଇବେ। ନୂତନ ବେତନ କମିସନ ସୁପାରିସ କାର୍ଯ୍ୟକାରୀ ହେବା ଦ୍ୱାରା ୫୦ ଲକ୍ଷରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରାୟ ୬.୫ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହାସହିତ ଲେବଲ-୧ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ରୁ ୪୪,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଏଥିରେ ଆୟୋଗ ୨.୪୬ ର ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରନ୍ତି।

୮ମ ବେତନ ଆୟୋଗ ଅନୁଯାୟୀ ଧାର୍ଯ୍ୟ ମୂଳ ଦରମା ଫିଟ୍‌ମେଣ୍ଟ ଫ୍ୟାକ୍ଟର ଏବଂ ଡିଏ ମିଶ୍ରଣ ଉପରେ ନିର୍ଭର କରେ। ୭ମ ବେତନ ଆୟୋଗରେ ଫିଟମେଣ୍ଟ ଫ୍ୟାକ୍ଟର ୨.୫୭ ଥିଲା। ୮ମରେ ଏହା ୨.୪୬ ହୋଇପାରେ। ପ୍ରତ୍ୟେକ ବେତନ ଆୟୋଗରେ ଡିଏ ଶୂନ୍ୟରୁ ଆରମ୍ଭ ହୁଏ। କାରଣ ନୂଆ ମୂଳ ଦରମା ପୂର୍ବରୁ ହିଁ ମୁଦ୍ରାସ୍ଫୀତିକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥାଏ। ଏହାପରେ ଡିଏ ଧୀରେ ଧୀରେ ପୁଣି ▶ପୃଷ୍ଠା-୭

## ଆଜି ସୃଷ୍ଟିହେବ ଘୂର୍ଣ୍ଣିବଳୟ

■ **ଭୁବନେଶ୍ୱର, ୨୯।୯ (ସମିସ):** ମଙ୍ଗଳବାର ଉତ୍ତର ଆଣ୍ଡାମାନସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଦକ୍ଷିଣ ଚାଇନା ସାଗରରୁ ଏହା ଆଣ୍ଡାମାନ ସାଗରକୁ ପ୍ରବେଶ କରିବ। ଏହା ପ୍ରଭାବରେ ଉତ୍ତର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ୧ତାରିଖ ବେଳକୁ ଏକ ନୂତନ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ପୁଣି ବର୍ଷାର ପରିମାଣ ବଢ଼ିପାରେ। ମଙ୍ଗଳବାର ଅର୍ଥାତ୍ ଅଷ୍ଟମୀରେ ଉପକୂଳବର୍ତ୍ତୀ ଜିଲ୍ଲାର କିଛି ସ୍ଥାନରେ ବର୍ଷା ହେବାକୁ ଥିବା ବେଳେ ନବମୀ ଓ ଦଶମୀ ବର୍ଷା ଯୋଗୁଁ ଅନେକ ସ୍ଥାନରେ ପ୍ରଭାବିତ ହେବାର ଆଶଙ୍କା ରହିଛି।

**ଅକ୍ଟୋବର ୧ରେ ଲଘୁଚାପ**

**ଆସନ୍ତାକାଲି ୨୦ ଜିଲ୍ଲାକୁ ବର୍ଷା ସତର୍କତା ଜାରି**

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ମଙ୍ଗଳବାର ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଆଦି ଜିଲ୍ଲାର କିଛି ସ୍ଥାନରେ ଭାରୀ ବର୍ଷା ହେବାକୁ ଥିବା ବେଳେ ବାଲେଶ୍ୱର, ଭଦ୍ରକ, ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ମୋହର

# ଦିନକୁ ୧୦ ଘଣ୍ଟା କାମ କରିବେ ଘରୋଇ କର୍ମଚାରୀ

■ **ଭୁବନେଶ୍ୱର, ୨୯।୯ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ଟି ପ୍ରସ୍ତାବ ଉପରେ ଲାଗିଛି ମୋହର। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ,୧୯୫୬ ଓ କାରଖାନା ଆଇନ ୧୯୪୮ରେ କେତେକ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସଂଶୋଧିତ ନିୟମ ଅନୁସାରେ ୨୦ କିମ୍ବା ତହିଁରୁ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ କର୍ମଚାରୀଙ୍କ ଦୈନିକ କାର୍ଯ୍ୟନିର୍ଘଣ୍ଟ ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। କୌଣସି ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟପାଳି ଅତି କମରେ ଅଧଘଣ୍ଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ। ତିନିମାସରେ ଓଭର ଟାଇମ କାର୍ଯ୍ୟସୀମା ୧୪୪ ଘଣ୍ଟାକୁ ବୃଦ୍ଧି ପାଇଥିବା ବେଳେ କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ ସେ ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରି ହାରର ଦ୍ୱିଗୁଣିତ ମଜୁରି ପାଇବାକୁ ହକଦାର ହେବେ। ପ୍ରତିଷ୍ଠାନ ଗୁଡିକ ଦିନରାତି ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହି ପାରିବ। ସେହିପରି ଭାବେ ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧକ ହଟିବ। ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ▶ପୃଷ୍ଠା-୭

**ଲିଖିତ ସମ୍ମତି ଦେଇ ରାତିରେ କାମ କରିପାରିବେ ମହିଳା କର୍ମଚାରୀ**

**ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ**

**୨୨୦୦ ଆଦର୍ଶ ବିଦ୍ୟାଳୟ ଲାଗି ୧୨,୦୦୦ କୋଟିର ବ୍ୟୟବରାଦ**

# ଶିରୀଶ ମୁର୍ମୁ ଆର୍‌ବିଆଇର ଡେପୁଟୀ ଗଭର୍ଣ୍ଣର ନିଯୁକ୍ତ

■ **ଭୁବନେଶ୍ୱର / ବାରିପଦା, ୨୯।୯ (ସମିସ):** ମୟୂରଭଞ୍ଜ ବେତନଟୀ ମାଟିର ସୁଯୋଗ୍ୟ ସନ୍ତାନ ତଥା ଭାରତର ପୂର୍ବତନ ସିଏଜି ଏବଂ ଜମ୍ମୁ-କଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ସାନଭାଇ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାରେ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଥିବା ନାଗେଶ୍ୱର ରାଓ ଆସନ୍ତା ୮ ତାରିଖରେ ଅବସର ନେଉଥିବା ବେଳେ ୯ ତାରିଖରୁ ଶିରୀଶ ଚନ୍ଦ୍ର ମୁର୍ମୁ ତାଙ୍କ ସ୍ଥାନରେ ଯୋଗଦେବେ। ସେ ଆର୍‌ବିଆଇର ଡେପୁଟୀ ଗଭର୍ଣ୍ଣର ଭାବେ ଆସନ୍ତା ୩ବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ।



୧୯୮୩ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ଉପକଣ୍ଠ ଗଣ୍ଡମୁଣ୍ଡାରୁ ମାଟ୍ରିକ ପାସ କରିଥିବା ଶିରୀଶ ବାରିପଦା ଏମପିସି କଲେଜରୁ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ନୂଆଦିଲ୍ଲୀସ୍ଥିତ ଜେଏନୟୁରୁ ସ୍ନାତକ ଓ ସ୍ନାତକୋତ୍ତରରେ ▶ପୃଷ୍ଠା-୭







## ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ



ଯାଜପୁର,୨୯।୯(ସମିସ): ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ ବରିଷ୍ଠ ଭବନରେ ଉଦୟ ନାରାୟଣ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଭ୍ୟ ବସନ୍ତ କୁମାର ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମହାବୀର ହାଇସ୍କୁଲର ପ୍ରାଙ୍ଗଣରେ ବୃକ୍ଷରୋପଣ ଓ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଯାଜପୁରର ବରପତ୍ର ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର, କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ, ଉତ୍କଳପ୍ରାଣ ବ୍ରଜସୁନ୍ଦର ଦାସ, ଓଡ଼ିଶାର ଆଦିନେତା ବିଚିତ୍ରାନନ୍ଦ ଦାସ ଓ ନିଃସ୍ୱାର୍ଥପର ସ୍ୱାଧୀନତା ସଂଗ୍ରାମୀ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି ହୋଇଥିଲା। ବୈଠକକୁ ସଂପାଦକ ପ୍ରବୋଧ କୁମାର ନାୟକ ପରି.ଳନା କରିଥିଲେ ଓ ସଭ୍ୟ ଗଦାଧର ରାଉତ, ଧନଞ୍ଜୟ ରାଉତରାୟ, ବୃନ୍ଦାବନ ମିଶ୍ର, ଶିଶିର କୁମାର ମିଶ୍ର, ବିଷ୍ଣୁଚରଣ ଲେଙ୍କା, ନୃସିଂହ ଚରଣ ଜେନା, ମିହିର ରଂଜନ ନାୟକ, ଧିରେନ୍ଦ୍ର କୁମାର ପରିଡ଼ା, ହରିଶ ଚନ୍ଦ୍ର ପଣ୍ଡା, ପ୍ରସନ୍ନ ରାଉତରାୟ, ଗୋପୀନାଥ ସେଠି, ଦିବାକର ମିଶ୍ର ଆଦି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନୂତନ ଗୃହ ପ୍ରବେଶ

ପାଣିକୋଇଲି,୨୯।୯(ସମିସ): ପାଣିକୋଇଲିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଜି ନୂତନ ଗୃହରେ ପ୍ରବେଶ କରିଛି। ପାଣିକୋଇଲି ବଜାର ଦୁର୍ଗା ମାର୍କେଟରେ ବ୍ୟାଙ୍କ ସ୍ଥାନାନ୍ତରିତ କରାଯାଇ ଗ୍ରାହକମାନଙ୍କୁ ସେବା ଯୋଗାଇଛି। ପୂର୍ବରୁ ଥିବା ଘରେ ବ୍ୟାଙ୍କ ପରିଚାଳନାରେ ଅସୁବିଧା ହେବା ସହ ଆବଶ୍ୟକତା ଅନୁଯାୟୀ



ଗୃହ ନଥିଲା। ଫଳରେ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ସ୍ଥାନାନ୍ତର କରାଯାଇଥିବା ବ୍ୟାଙ୍କ ପରିଚାଳକ ବର୍ଷା ପ୍ରୀୟଦର୍ଶିନୀ ବେହେରା ସୂଚନା ଦେଇଥିଲେ। ଏହି ନୂତନ ଗୃହକୁ ଚଣ୍ଡିଖୋଲ ଆଞ୍ଚଳିକ ପରିଚାଳକ ଆପିଫ ଅନୱାର ଉଦ୍‌ଘାଟନ କରିଥିଲେ। ସହ ପରିଚାଳକ ନିବେଦିତା ରାଉତ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ, ସେକ୍ ସୌକତ ଅଲ୍ଲୀ, ରଶ୍ମୀରଞ୍ଜନ ସାହୁ, ଶଶିଭୂଷଣ ସାହୁ, ହିମାଂଶୁ ସୋରେନ ଓ ଲୋକନାଥ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଓସିଏସ୍‌ରେ ସଫଳ ରଜତଙ୍କୁ ସମ୍ବର୍ଦ୍ଧନା



ଯାଜପୁର,୨୯।୯(ସମିସ): ଯାଜପୁର ବ୍ଲକ ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛତିଶଦେବିଲ ପଞ୍ଚାୟତ ଦେବିଲ ଗ୍ରାମର ରଜତ କୁମାର ବିଶ୍ୱାଳ ଓସିଏସ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ଆଜି ଶ୍ରୁତି ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ରଜତଙ୍କୁ ତାଙ୍କ ବାସଭବନଠାରେ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା କରାଯାଇଛି। ଏଥିରେ ସ୍ମୃତି ପରିଷଦର ସଭାପତି କାମଦେବ ବିଶ୍ୱାଳ, ଆନନ୍ଦ ଚନ୍ଦ୍ର ବିଶ୍ୱାଳ, ନିତ୍ୟାନନ୍ଦ ବିଶ୍ୱାଳ, ବିଜୟ କୁମାର ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ସନ୍ତୋଷ କୁମାର ବିଶ୍ୱାଳ, ବିମଳ ମହାପାତ୍ର, ପ୍ରମୋଦ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ, ମଧୁସୂଦନ ବିଶ୍ୱାଳ, ଶୁଭେନ୍ଦୁ ବିଶ୍ୱାଳ, ମଦନ ମୋହନ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ଦେବବ୍ରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଶ୍ରୁତି ବିଶ୍ୱାଳ ପରିବାରର ଦାୟଦ ସୂର୍ଯ୍ୟମଣି ବିଶ୍ୱାଳ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ। ବାପା ରାମଚନ୍ଦ୍ର ବିଶ୍ୱାଳ ଓ ମାତା ସୀତାରାଣୀ ବିଶ୍ୱାଳଙ୍କ ସମର୍ଥନ ମୋତେ ଆଜି ଏହି ସ୍ଥାନରେ ପହଞ୍ଚାଇଛି। ଆଗାମୀ ଦିନରେ ଜଣେ ଭଲ ଅଧିକାରୀ ଭାବେ କାର୍ଯ୍ୟନିର୍ବାହ କରି ଲୋକଙ୍କ ସେବା କରିବି ବୋଲି ରଜତ ପ୍ରତିକ୍ରିୟାରେ କହିଛନ୍ତି। ଏହି ଅବସରରେ ତାଙ୍କ ଜେଜେବାପା ଈଶ୍ୱର ଚନ୍ଦ୍ର ବିଶ୍ୱାଳ ରଜତକୁ ଶୁଭାଶୀର୍ବାଦ କରିଥିଲେ।

## ସାହିତ୍ୟ ଦର୍ପଣର ପୂଜା ସଂଖ୍ୟା ଉନ୍ମୋଚିତ

ଧର୍ମଶାଳା,୨୯।୯(ସମିସ): ଧର୍ମଶାଳା ଅଞ୍ଚଳରୁ ପ୍ରକାଶ ପାଉଥିବା ଅଗ୍ରଣୀ ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣର ପାର୍ବଣ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ବିମଳ ପତିଙ୍କ ସଂପାଦନାରେ ପ୍ରକାଶ ପାଉଥିବା ଏହି ପତ୍ରିକାରେ ଗ୍ରାମାଞ୍ଚଳର ଲେଖକମାନଙ୍କ ଲେଖା ପ୍ରକାଶ ପାଇ ପାଠକଙ୍କ ଆଦୃତ ପାଇଆସିଛି। ଏହି ପତ୍ରିକାରେ ବାଇଶି ଗୋଟି ମନ୍ମୟ ଗଳ୍ପ, ବାରଟି ପ୍ରବନ୍ଧ, ଅଶିରୁ ଊର୍ଦ୍ଧ୍ୱ ନବୀନ ଓ ପ୍ରବୀଣଙ୍କ କବିତା ସହ ସୃଜନ ସାକ୍ଷାତକାର ରହିଛି। ଲେଖାଗୁଡ଼ିକ ଚଳିତ ପୂଜାରେ ପାଠକଙ୍କୁ ଛୁଇଁବ ବୋଲି ସମ୍ପାଦକ କହିଛନ୍ତି।











































# ଜୟଦୁର୍ଗା ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର



**ଡେରାବିଶ, ୨୯।୯ (ସମିସ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଛଟିଶାସ୍ଥ ମା' ଦୁର୍ଗାପୂଜା ମଣ୍ଡପ ନିକଟରେ ଆଜି ଜୟଦୁର୍ଗା ପୂଜା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ, କଳିଙ୍ଗ ଆବାସିକ ବିଦ୍ୟାଳୟ ଚେୟାରମ୍ୟାନ ମନୋଜ ପ୍ରଧାନ, ଅନନ୍ତ ଭୂୟାଁ, ଲଲାଟ କେଶରୀ ଭୂୟାଁ, ଶାନ୍ତିସ୍ୱରୂପ ଭୂୟାଁ, ଡେରାବିଶ ଜାର କମିଟି ସଭାପତି ସଞ୍ଜୟ ସାହୁ ଓ ସମ୍ପାଦକ ବିଶ୍ୱମୋହନ ଦାସ, ସୁଦୀପ୍ତ କେଶରୀ ସାମଲ, ଅଶ୍ୱିନୀ ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡ଼ା ବ୍ଲଡ଼ ବ୍ୟାଙ୍କର ସଂଯୋଜକ ରାକେଶ ମିଶ୍ରଙ୍କ ନେତୃତ୍ୱରେ ଆସିଥିବା ଟିମ୍ ରକ୍ତଦାତାଙ୍କଠାରୁ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଅନୁପ ରାଉତ, ପଞ୍ଚାୟତ ସମିତିସଭ୍ୟ ଫନିନ୍ଦ୍ର ବେହେରା, ଜୟଦୁର୍ଗା ପୂଜା କମିଟିର ବିଶ୍ୱଜିତ ଭୂୟାଁ, ତନ୍ମୟ ଭୂୟାଁ ପ୍ରମୁଖ ପରିଚାଳନା କରିଥିବାବେଳେ ପବିତ୍ର ଭୂୟାଁ, ପ୍ରଭାସ ଭୂୟାଁ, ଅକ୍ଷୟ ନାୟକ, ଆକାଶ ବାରିକ, ଶାରଦା ଭୂୟାଁ, କୁଳଦୀପ ଭୂୟାଁ, ପ୍ରିୟାଂଶୁ ଭୂୟାଁ, ରଶ୍ମିରଞ୍ଜନ ଭୂୟାଁଙ୍କ ସମେତ ପୂଜା କମିଟିର ସମସ୍ତ ସଭ୍ୟ ଓ କଳିଙ୍ଗ ଆବାସିକ ବିଦ୍ୟାଳୟର ହରେକୃଷ୍ଣ ମହାନ୍ତି, ନିଶିକାନ୍ତ ମହାନ୍ତି, ଶକ୍ତିପ୍ରସାଦ ନାଥ, ଦୁର୍ଗାପ୍ରସାଦ ପଣ୍ଡା, ମନୋଜ ପୋଥାଳ, ଅବିନାଶ ପଲାଇ ପ୍ରମୁଖ ସହଯୋଗ କରିଥିଲେ।

## ସରକାରଙ୍କ ବିଭିନ୍ନ ଯୋଜନା ବିଫଳ

# ମିଳୁନି ଶୌଚାଳୟ ଅର୍ଥ, ଉଜ୍ୱଳା ଗ୍ୟାସ

**ପଞ୍ଚୁପାଣ୍ଡବ, ୨୯।୯ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର। କିନ୍ତୁ ବିଭିନ୍ନ ଯୋଜନାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ସରକାରକୁ ଆସିବା ପାଇଁ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇଲେ। କିନ୍ତୁ ଲୋକଙ୍କୁ ପ୍ରାୟ ଦେଢ଼ ବର୍ଷ ହେବ ଭୁଆଁ ବୁଲାଉଥିବା ଲୋକେ କହିଲେଣି। ଏମିତି ଦେଖିବାକୁ ମିଳୁଛି ଡେରାବିଶ ବ୍ଲକରେ। ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସରକାରଙ୍କ ପକ୍ଷରୁ ଶୌଚାଳୟ ପାଇଁ ୧୨ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଥିଲା। ଏବେ ଲୋକେ ପାଇଖାନା କରି ବ୍ଲକରେ ଛଅ ମାସରୁ ଅଧିକ ଦିନ ଧରି କାଗଜ ପତ୍ର ଦେଇଥିବାବେଳେ ସରକାରଙ୍କ ଅବହେଳା ଯୋଗୁଁ ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ସେହିପରି ସ୍ୱାସ୍ଥ୍ୟ ସେବାରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ ମିଳୁ ନ ଥିବା ଅଭିଯୋଗ ହେଉଛି। ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ କମ୍ପଗଡ଼ଠାରେ ଥିବା ଡିପୁରେ ଗ୍ୟାସ ମିଳୁନାହିଁ। ମିସ୍ କଲ୍ କଲେ ସାଙ୍ଗେ ଓଟିପି ଆସୁଛି। କିନ୍ତୁ ଚାରିଦିନ ପର୍ଯ୍ୟନ୍ତ ଗ୍ୟାସ ମିଳୁନାହିଁ। ଏହି ଗ୍ୟାସ ଅଫିସକୁ ଫୋନ କଲ୍ କଲେ ଉଠାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜଣେ କର୍ମଚାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଉପରୁ କମ୍ ପରିମାଣରେ ଗ୍ୟାସ ଆସୁଛି। ଲୋକଙ୍କୁ ସଠିକ୍ ଭାବେ ଯୋଗାଇ ହେଉନାହିଁ। ଏ ବାବଦରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ନିଦାନ ବିଭାଗରେ ଆଉଟସୋର୍ସିଂ ଏଲ୍‌ଟିଙ୍କ ମନମୁଖୀ କାର୍ଯ୍ୟ

# ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ରୋଗୀ

**ରାଜକନିକା, ୨୯।୯ (ସମିସ):** ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ନିଦାନ ବିଭାଗରେ କ୍ରିଷ୍ଣା ଡାଇଗ୍ନୋଷ୍ଟିକ ପକ୍ଷରୁ ନିଯୁକ୍ତ ମହିଳା ଏଲଟିଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରତ୍ୟେକ ଦିନ ଥାଇରଏଡ଼, ଭିଟାମିନ, ଏଚବି ଏ ୧ସି, ଆଣ୍ଟି ସିସିପି, ସିବିସି ଭଳି ରକ୍ତ ପରୀକ୍ଷା, ୟୁରିନ କଲଚର କରାଇବାକୁ ଆସି ରୋଗୀ ହଇରାଣ ହେଉଛନ୍ତି।

ନିୟମାନୁଯାୟୀ ନିଦାନ ବିଭାଗରେ ଦୈନିକ ଏହି ସେବା ସକାଳ ୧୦ରୁ ଅପରାହ୍ନ ୪ଟା ଯାଏ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବାବେଳେ ଏହି ମହିଳା ଜଣକ ଦୈନିକ ୧୨ଟାରେ ଭୁବନେଶ୍ୱରକୁ ସାମ୍ପଲ ପଠାଇ ନିଦାନ ବିଭାଗକୁ ଆସୁନାହାନ୍ତି। ମଧ୍ୟାହ୍ନ ୧୨ଟା ପରେ ପୁଣି ଅପରାହ୍ନ ୪ଟା ଯାଏ ନିଦାନ ବିଭାଗକୁ ଆସୁଥିବା ରୋଗୀ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ତେବେ ୧୨ଟା ପରେ କେବେ କେମିତି କେହି ରୋଗୀ ତାଙ୍କୁ ସାମ୍ପଲ ନେବାକୁ କହିଲେ ସେ ସିଧା କାଲି ଆସ ବୋଲି କହୁଥିବା ବହୁ ରୋଗୀ ଅଭିଯୋଗ କରିଛନ୍ତି। ତେବେ ଲୋକଙ୍କ ସେବାରେ ସମ୍ପୂର୍ଣ୍ଣ ନିୟୋଜିତ ହେବାକୁ ଚୁକ୍ତି କରି ଅପରାହ୍ନ ୪ଟା ଯାଏ ସେବା ଦେବାକୁ ଥିବା ଏହି ଆଉଟସୋର୍ସିଂ ସଂସ୍ଥାର ଏଲଟି ଅପରାହ୍ନରେ ଦୈନିକ ସାମ୍ପଲ ଟେଷ୍ଟ ରିପୋର୍ଟ ଦେବାକୁ ଥିଲେ ବି ସେ କାହାକୁ ସେଦିନ ନଦେଇ ଦୁଇଦିନ ପରେ ଦେବାକୁ କହିବା ସେବାରେ ଖିଲାପ ହେଉଛି। ସରକାରଙ୍କ ନିୟମକୁ ଫାଙ୍କି ରୋଗୀଙ୍କୁ ହଇରାଣ କରୁଥିବା କର୍ମଚାରୀଙ୍କ ବିରୋଧରେ ମେଡିକାଲ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ସ୍ୱାମୀର ଗଳାକାଟି ହତ୍ୟା ଅଭିଯୋଗ

**ମହାକାଳପଡ଼ା, ୨୯।୯ (ସମିସ):** ମହାକାଳପଡ଼ା ବ୍ଲକ ତଥା ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ସୁନୀତି ଗ୍ରାମର ସୁକାନ୍ତ ସର୍ଦାରଙ୍କ ପୁଅ ପ୍ରହଲ୍ଲାଦ ସର୍ଦାର (୩୫)ଙ୍କ ଗଳା କାଟି ତାଙ୍କ ପତ୍ନୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ପ୍ରହଲ୍ଲାଦ ପ୍ରାୟ ୧୫ ବର୍ଷ ପୂର୍ବେ ଚେନ୍ନାଇର କୁମାରନଗର ଆର-ସିକ୍ସ ପୁଲିସ ଷ୍ଟେସନ ଅଧୀନସ୍ଥ ଏକ ଘରୋଇ କମ୍ପାନୀରେ ସଟରିଂ କାମ କରୁଥିଲେ। ଉକ୍ତ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ସେଠାରେ ଜଣେ ଝିଅକୁ ପ୍ରେମ କରି ଉଭୟ ପତିପତ୍ନୀ ରୂପେ ରହିଆସୁଥିଲେ। ଗତକାଲି ରାତିରେ ଭଡାଘରୁ ପୁଅର ବେକକାଟି ତାଙ୍କ ପତ୍ନୀ ହତ୍ୟା କରିଥିବା ଖବର ଚେନ୍ନାଇରୁ ମିଳିଥିଲା। ଏ ନେଇ ମୃତକ ପ୍ରହଲ୍ଲାଦଙ୍କ ପିତା ସୁକାନ୍ତ ସର୍ଦାର ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ପୁଅର ମୃତଦେହ ଚେନ୍ନାଇରୁ ଘରକୁ ଆଣିବାକୁ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।











































ସକାଳ
THE SAKALA



# ଜନବସତି ଅଞ୍ଚଳରେ ୪୨ ଟିକିଆ ହାତୀପଲ

ଅନୁଗୋଳ,୨୯ ।୯ (ସମିସ): ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ହାତୀପଲ ଗାଁ ଅଭିମୁଖୀ ହେଉଛନ୍ତି । ଫଳରେ ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ହାତୀ ଓ ମଣିଷଙ୍କ ସୁରକ୍ଷା ପାଇଁ ସରକାର ନାନା ଯୋଜନାରେ କୋଟି କୋଟି ଟଙ୍କା ବିନିଯୋଗ କରୁଥିବା ବେଳେ କିଛି ବନ କର୍ମଚାରୀଙ୍କ ବେପରୁଆ ମନୋବୃତ୍ତି ପାଇଁ ଲୋକଙ୍କ



ଧନଜୀବନ ନଷ୍ଟ ହେଉଛି । ଅପରପକ୍ଷରେ ଲୋକଙ୍କ କ୍ରୋଧରୁ ହାତୀ ମଧ୍ୟ କେତେକ ସ୍ଥାନରେ ମୃତ୍ୟୁମୁଖରେ ପଡୁଛନ୍ତି । ଅନୁଗୋଳ ଫରେଷ୍ଟ ରେଞ୍ଜ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ନିକଟ ବେନ୍ତପୁର, ଗୋପୀନାଥପୁର, ନୂଆସାହି ଅଞ୍ଚଳରେ ୪୨ଟିକିଆ ହାତୀପଲ ଫସଲ ଉଜାଡ଼ିଛନ୍ତି । ଦିନତମାମ ହାତୀପଲ ଏକ ବୁଦବୁଦିଆ ଜଙ୍ଗଲରେ ରହିଥିଲେ । ଏ ନେଇ ସ୍ଥାନୀୟ ଲୋକେ ଅନୁଗୋଳ ଫରେଷ୍ଟ ରେଞ୍ଜ ଦାୟିତ୍ୱରେ ଥିବା ଜରପଡ଼ା ରେଞ୍ଜର ମାଧବ ଚନ୍ଦ୍ର ନାୟକଙ୍କୁ ମୋବାଇଲ ନଂ ୮୨୪୯୯୫୫୦୧୦ରେ ଯୋଗାଯୋଗ କରିଥିଲେ । ତେବେ ପୂଜାରେ ବସିଛି, ପରେ ଫୋନ କର ବୋଲି ଉତ୍ତର ମିଳିଥିଲା । ପରେ ସନ୍ଧ୍ୟା ୭ଟା ବେଳକୁ ହାତୀଙ୍କ ଗତିବିଧି ସମ୍ପର୍କରେ ଫୋନରେ ପୁନଶ୍ଚ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନାହିଁ, ଫରେଷ୍ଟ ଗାର୍ଡକୁ ପଚାରନ୍ତୁ ବୋଲି ଉତ୍ତର ଦେଇଥିଲେ ।

ହାତୀପଲକୁ ଘଉଡ଼ାଇବାକୁ ଯାଇ ଲୋକେ ସେମାନଙ୍କୁ ବିଚଳିତ କରି ପକାଉଛନ୍ତି । ଦୀର୍ଘଦିନ ହେବ ଗଣ୍ଡିଗାଡ଼ିଆ, ତୁଳସୀପାଳ ଅଞ୍ଚଳରେ ଉପଦ୍ରବ କରିଆସୁଥିବା ୪୨ଟିକିଆ ହାତୀପଲ ସୋମବାର ସକାଳେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ଦକ୍ଷିଣ ଦିଗ ପାଚେରି ନିକଟ ବୁଦୁବୁଦିଆ ନଟିରେ ଦେଖିବାକୁ ମିଳିଥିଲା । ଅପରାହ୍ନ ଯାଏଁ ହାତୀପଲ ସେହି ସ୍ଥାନରେ ରହିଥିଲେ । ମଠ ନିକଟରେ ଏକାଠି ରୁଣ୍ଡହୋଇ ରହିଥିଲେ । ନାଲକୋ ଟାଉନସିପରୁ କେନାଲ ରୋଡ୍ ଦେଇ ନୂଆସାହି, ଗୋପୀନାଥପୁର, କାଙ୍ଗୁଲା, ବେନ୍ତପୁର, ଲାଙ୍ଗୁଳିଆ ବେଡ଼ା, ତୁଳସୀପାଳ ଗାଁ ଲୋକେ ଯାତାୟାତ କରିବାକୁ ଡରିଥିଲେ । ହାତୀପଲ ଗୋପୀନାଥପୁର, କାଙ୍ଗୁଲା ଗ୍ରାମର ଶହ ଶହ ଏକର ଧାନ କ୍ଷେତକୁ ଉଜାଡ଼ି ଦେଇଛନ୍ତି । ତେବେ ଅପରାହ୍ନ ୪ଟା ବେଳକୁ ହାତୀପଲ ଉକ୍ତ ସ୍ଥାନ ଛାଡ଼ି ଲଙ୍ଗୁଳିଆ ବେଡ଼ା ଗାଁ ଆଡ଼କୁ ମୁହାଁଇଥିଲେ । ଗାଁର ସ୍ୱେଚ୍ଛାସେବୀ "ଗଜ ସାଥୀ' ଏବଂ ଦୁଇଜଣ ମହିଳା ବନରକ୍ଷୀ ହାତୀପଲଙ୍କ ଗତିବିଧି ତଦାରଖ କରିଥିବା ଦେଖାଯାଇଥିଲା । ହାତୀଙ୍କୁ ବିଚଳିତ କରନ୍ତୁ ନାହିଁ ଏବଂ ହାତୀ ପାଖକୁ ନ ଯିବାକୁ ବାରଣ କରିଥିଲେ ।

## ● ବଡ଼ଭାଇଙ୍କୁ ହତ୍ୟା ଘଟଣା
# ଅଭିଯୁକ୍ତ ସାନଭାଇ ଗିରଫ

କିଶୋରନଗର,୨୯ ।୯ (ସମିସ): କିଶୋରନଗର ଥାନା ଜଏରାଟ ପଞ୍ଚାୟତ ବ୍ରାହ୍ମଣୀପାଲ୍ଲୀ ଭାରଦର ସାହିର କସି ପ୍ରଧାନଙ୍କୁ ହତ୍ୟା ମାମଲାରେ ପୁଲିସ ଅଭିଯୁକ୍ତ ତଥା କସି ପ୍ରଧାନଙ୍କ ସାନଭାଇ ହଜାରୀ ପ୍ରଧାନ (୪୦)ଙ୍କୁ ଗିରଫ କରିଛି ।



ହତ୍ୟାକାଣ୍ଡ ପରେ ହଜାରୀ ଜଙ୍ଗଲରେ ଲୁଚିଥିବା କୌଣସି ସୂତ୍ରରୁ ସୂଚନା ପାଇ ପୁଲିସ ସେଠାରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜମିବାଡ଼ି ଭାଗବଣ୍ଟା ଓ ହଜାରୀଙ୍କୁ ବିବାହ କରାଇ ନ ଦେବା ନେଇ ରବିବାର କସିଙ୍କ ସହ ତାଙ୍କର ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ହଜାରୀ ଏକ ଟାଙ୍ଗିଆରେ କସିଙ୍କୁ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ କସିଙ୍କ ମୃତ୍ୟୁ ହୋଇଥିଲା । ଏହି କାଣ୍ଡ ଭିଆଇ ହଜାରୀ ଫେରାର ହୋଇଯାଇଥିଲେ ।

# ରୋଟାରୀ ରୟାଲର ବିଶ୍ୱ ହୃତପିଣ୍ଡ ଦିବସ ପାଳିତ

ଅନୁଗୋଳ,୨୯ ।୯ (ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ୍ ଏବଂ ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଶାଖା ତରଫରୁ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡସ୍ଥିତ ଡାକ୍ତର ବିଶୋଇ ଭାଇଟାଲିଟି କ୍ଲିନିକ ପରିସରରେ ବିଶ୍ୱ ହୃତପିଣ୍ଡ ଦିବସ ପାଳନ କରାଯାଇଅଛି । କ୍ଲବ ସଭାପତି ରୋଟାରିୟାନ ଡା. କୁମାର ସୌମ୍ୟକାନ୍ତ ବିଶୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହୃତପିଣ୍ଡର କିପରି ରକ୍ଷଣାବେକ୍ଷଣ ଭଲ ଭାବରେ କରିବେ ଏବଂ ଧୂମପାନ ହୃଦଘାତର ଏକ ମୁଖ୍ୟ କାରଣ ବୋଲି ଆଲୋକପାତ କରିଥିଲେ । ଆଗାମୀ ଦିନରେ କ୍ଲବ ତରଫରୁ ଅନୁଗୋଳ ନିକଟସ୍ଥ ଗ୍ରାମାଞ୍ଚଳରେ ଶିବିର ଆୟୋଜନ କରାଯାଇ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କରାଯିବ ବୋଲି ସମ୍ପାଦକ ନୀହାର ରଞ୍ଜନ ପ୍ରସାଦ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ବାଣୀ ଦେବ, ଉର୍ମିଳା ଅଗ୍ରୱାଲ, ମଧୁସୂଦନ ଶର୍ମା, ମିଳନ କୁମାର ଅଗ୍ରୱାଲ, ସଞ୍ଜୀବ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ । ଶିବିରରେ ୫୨ ଜଣଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।




# ଜମି ବିବାଦକୁ ନେଇ ହଣାକଟା ଘଟଣାରେ ୬ ଗିରଫ

ଛେଣ୍ଡିପଦା,୨୯ ।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ହଣାକଟା ଘଟଣାରେ ପୁଲିସ ଦୁଇଟି ମାମଲା ରୁଜୁ କରି ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକମାନେ ହେଲେ ସନ୍ତରବନ୍ଧ ଗାଁର ଦୁଲ୍ଲଭ ବେହେରା, କଷ୍ଟୁ ବେହେରା, ମୁକେଶ ନାଏକ, ନେଙ୍କୁରୀ ନାଏକ, ବିରଞ୍ଚି ବେହେରା ଓ ମନୋଜ କୁମାର ବେହେରା । ପୁଲିସ ସୂଚନା ଅନୁଯାୟୀ, ସନ୍ତରାବନ୍ଧ ଗ୍ରାମର ମୁକେଶ ନାଏକ ଓ ତାଙ୍କ ପଡ଼ୋଶୀ କଷ୍ଟୁ ବେହେରାଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜମିବାଡ଼ି ବିବାଦ ଲାଗିରହିଥିଲା । ରବିବାର ରାତି ୮ଟାରେ ଉଭୟ ପରିବାର ମଧ୍ୟରେ ପୁଣି ଝଗଡ଼ା ହୋଇଥିଲେ । ଏଥିରେ ଉଭୟ ପକ୍ଷ ମାରଣାସ୍ତ୍ର ଧରି ପରସ୍ପରକୁ ଆକ୍ରମଣ କରିଥିଲେ । ଟାଙ୍ଗିଆ ଚୋଟରେ ମୁକେଶଙ୍କ ହାତ ଏବଂ ମୁହଁରେ ଗୁରୁତର ଆଘାତ ଲାଗିଥିଲା ବେଳେ କଷ୍ଟୁ ବେହେରାଙ୍କ ପୁଅ ମଧ୍ୟ ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ମୁକେଶ ନାଏକ ଓ ଦୁଲ୍ଲଭ ବେହେରା ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଉଭୟ ପକ୍ଷର ୬ ଜଣଙ୍କୁ ଗିରଫ କରିଛି ।













































# ଆଜି ମହାଷ୍ଟମୀ; ମଣ୍ଡପରେ ହେବ ଭିଡ଼

ଦୁଲୁକୁଛି ଐତିହାସିକ ରୌପ୍ୟନଗରୀ। ଝଟକୁଛି ମହାମାୟୀଙ୍କ ମଣ୍ଡପ। ଆକାଶ, ପାଣି ଓ ପବନରେ ଆଧ୍ୟାତ୍ମିକତାର ମହକ। ୧୭୦ଟି ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି। ଏଥର ଚାନ୍ଦି ମେଢ଼ ସଂଖ୍ୟା ୩୭ ରେ ପହଞ୍ଚିଛି। ୧୨୦ କ୍ୱିଣ୍ଟାଲରୁ ଅଧିକ ଓଜନର ଚାନ୍ଦି ବ୍ୟବହାର ହୋଇଥିବା ବେଳେ ୯ଟି ମେଢ଼ରେ ପ୍ରାୟ ୯୭କେଜିରୁ ଅଧିକ ଓଜନର ସୁନା ଅଲଙ୍କାର ବ୍ୟବହୃତ ହୋଇଛି। ସହରରେ ନିର୍ମିତ ମେଢ଼ ଗୁଡ଼ିକ ସୁନା-ଚାନ୍ଦି ଅଲଙ୍କାରରେ ଝଲସି ଉଠୁଛି। ଷଷ୍ଠୀରେ ବିଲ୍ୱବରଣୀ ପରେ ଆଜି ମହାସପ୍ତମୀରେ ମା'ଙ୍କ ଚକ୍ଷୁଦାନ କରାଯାଇଥିଲା। ମଙ୍ଗଳବାର ମହାଷ୍ଟମୀରେ ସନ୍ଧିପୂଜା କରାଯିବ। ବ୍ରତଧାରୀମାନେ ମଣ୍ଡପରେ ଭିଡ ଜମାଇବେ।



**କଟକ, ୨୯।୯ (ସମିସ)**

ସୋମବାର ଦେବୀ ପୀଠ ଗୁଡିକରେ ମହାଷ୍ଟମୀ ପୂଜା ଶେଷ ହୋଇଥିବା ବେଳେ ମଣ୍ଡପରେ ମହାମାୟୀଙ୍କ ସପ୍ତମୀ ପୂଜା କରାଯାଇଥିଲା। କଟକ ଚଣ୍ଡୀ ମନ୍ଦିର, ଗଡ଼ଚଣ୍ଡୀ ମନ୍ଦିର, ଝାଞ୍ଜିରୀମଙ୍ଗଳା ମନ୍ଦିର ସମେତ ସମସ୍ତ ଦେବୀ ପୀଠରେ ଅଷ୍ଟମୀ ପୂଜା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ନୀତିକାନ୍ତି ଅନୁସାରେ ପୀଠରେ ପୂଜାର୍ଚ୍ଚନା କରିବା ପାଇଁ ରାତି ପର୍ଯ୍ୟନ୍ତ ଭିଡ ଦେଖିବାକୁ ମିଳିଥିଲା। ସେହିପରି ସମସ୍ତ ମଣ୍ଡପରେ ମଙ୍ଗଳବାର ମହାଷ୍ଟମୀ ପୂଜା ହେବ। ମା'ଙ୍କ ପାଖେ ସନ୍ଧିପୂଜା କରାଯିବ। ମହାଷ୍ଟମୀର ଶେଷ ଦଣ୍ଡ ଓ ମହାନବମୀର ଆଦ୍ୟ ଦଣ୍ଡର ମଧ୍ୟକାଳୀନ ସମୟରେ ଏହି ପୂଜା ପ୍ରତ୍ୟେକ ମଣ୍ଡପରେ କରାଯିବ। ବିଶେଷକରି ମହିଳାମାନେ ମହାଷ୍ଟମୀ ବ୍ରତ ପାଇଁ ମଣ୍ଡପରେ ଭିଡ ଜମାଇବେ। ଭିଡକୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଛି।

ମହାଷ୍ଟମୀ ପୂଜା ପରେ ନବମୀରେ ମା' ପୀଠରେ ମାଛ ଭୋଗ ହେବ। ସିନ୍ଦୂର ଖେଳ ଭଳି ପରମ୍ପରା କେତେକ ପୂଜା ମଣ୍ଡପରେ କରାଯିବାର ବିଧି ରହିଛି। ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ସକାଳ ଧୂପ, ଷୋଡ଼ଶ ଉପଚାର କରାଯାଉଛି। ଶିଖରପୁର-ଗଣ୍ଡରପୁର ପୂଜା କମିଟି, ଚାଉଳିଆଗଞ୍ଜ ପୂଜା କମିଟି, ବାଖରାବାଦ, ଛତ୍ରବଜାର, ରାଣୀହାଟ, ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି, କାଜି ବଜାର, ଫିରିଙ୍ଗି ବଜାର, ନୟାସଡ଼କ, ଅଲିଶା ବଜାର, ବାଲୁବଜାର-ବିନୋଦବିହାରୀ, କାଠଗଡ଼ା ସାହି, ଗଣେଶ ଘାଟ, ଶଙ୍କରପୁର-ବାଦାମବାଡ଼ି, ଦରଘାବଜାର, ଗଙ୍ଗାମନ୍ଦିର, ମାଛୁଆ ବଜାର, ମଙ୍ଗଳାବାଗ, ପିଠାପୁର କାଳୀୟଦଳନ, ହରିପୁର-ଦୋଳମୁଣ୍ଡାଇ, ଚାନ୍ଦିନୀଚୌକ, ବୁଢ଼ୀ ଠାକୁରାଣୀ କାଳିଗଳି, ବିଡ଼ାନାସୀ, ତୁଳସୀପୁର ମହାଦେବ ଏବଂ ଖଟବିନ୍ ସାହିରେ ପୂଜା ଧୂମଧାମ୍‌ରେ ପାଳନ କରାଯାଉଛି।





## ଗୁରୁକ୍ଷେତ୍ରରେ ଆଜି ମହାଷ୍ଟମୀ

ଗୁରୁକ୍ଷେତ୍ର ଭାବେ ପରିଚିତ କାଳିଆବୁଦା ଏକ ପ୍ରାଚୀନ ଧାର୍ମିକ କେନ୍ଦ୍ର, ଯାହା ଆଜି ମଧ୍ୟ ଭକ୍ତି, ସଂସ୍କୃତି ଓ ପରମ୍ପରାରେ ଲୋକଙ୍କୁ ଏକତ୍ର କରୁଛି। ଏଠି ବିରାଜିତା ମା ଅଷ୍ଟାଭୁଜା ଦୁର୍ଗା, ଯାହାଙ୍କ ଆଠଟି ହସ୍ତ ଭକ୍ତମାନଙ୍କ ପାଇଁ ଶକ୍ତି, ସାହସ ଓ ଦୟାର ପ୍ରତୀକ। ଐତିହ୍ୟ ଓ କିମ୍ବଦନ୍ତୀ ଅନୁସାରେ, ଅନେକ ଦଶନ୍ଧି ପୂର୍ବରୁ ଏଠାରେ ଜଣେ ତପସ୍ୱୀ ଦୁର୍ଗା ସାଧନା କରୁଥିଲେ। ତାଙ୍କର ତପସ୍ୟାରେ ପ୍ରସନ୍ନ ହୋଇ ମା ଦୁର୍ଗା ଅଷ୍ଟାଭୁଜା ରୂପେ ସ୍ୱୟଂ ପ୍ରକାଶିତା ହୋଇଥିଲେ। ସାଧୁଙ୍କର ଗୁରୁଙ୍କ ନାମରୁ ଏହି ସ୍ଥାନର ପରିଚୟ 'ଗୁରୁ କ୍ଷେତ୍ର' ବୋଲି ପ୍ରଚଳିତ ହେଲା। ଏପରିକି ମାଳିକାରେ ଏହି ପୀଠର ନାମ ଉଲ୍ଲେଖ ରହିଛି। କଳ୍କୀ ଅବତାର ଏବଂ ୧୨ହାତ ଖଣ୍ଡା ପ୍ରସଙ୍ଗରେ ଗୁରୁକ୍ଷେତ୍ରରେ ମାହାତ୍ମ୍ୟ ସ୍ଥାନ ପାଇଛି। ସମସ୍ତ ପୀଠରେ ସୋମବାର ଅଷ୍ଟମୀ ପୂଜା ଶେଷ ହୋଇଥିବା ବେଳେ ଗୁରୁକ୍ଷେତ୍ରରେ ମଙ୍ଗଳବାର ଦେବୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା କରାଯିବ। ଏକହଜାର ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।









## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସେମିନାର ଉଦ୍‌ଯାପିତ

**କଟକ, ୨୯।୯ (ସମିସ):** ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଦୁଇଦିନ ଧରି ସାମ୍ପ୍ରତିକ ପରିସ୍ଥିତିରେ ଅପ୍ଟିକାଲ୍ ସ୍ପେକ୍ଟ୍ରୋସ୍କୋପିର ଅଗ୍ରଗତି ଓ ପ୍ରୟୋଗାତ୍ମକ ଦିଗ ଉପରେ ଚାଲୁଥିବା ଆର୍ନ୍ତଜାତୀୟ ସେମିନାର ଉଦଯାପିତ ହୋଇଯାଇଛି। ଉଦଯାପନ ଦିବସରେ ମୁଖ୍ୟବକ୍ତା ଭାବରେ ଜୀବ ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଡକ୍ଟର ବାଲଚନ୍ଦ୍ରନ୍ ରବୀନ୍ଦ୍ରନ, ଅନ୍ୟତମ ବକ୍ତା ଭାବରେ ଯୋଗଦେଇଥିଲେ ଦକ୍ଷିଣ କୋରିଆର ଜେଇଁବୁକ୍ ବିଶ୍ୱବିଦ୍ୟାଳୟର ରସାୟନବିଜ୍ଞାନୀ ପ୍ରଫେସର ଡ. ଲେଖା ପ୍ରାମାଣିକ, ବୁଲଗେରିଆ ଏକାଡେମୀ ଅଫ ସାଇନ୍ସର ପ୍ରଫେସର ଡକ୍ଟର ଇଭିଲିନା ଜର୍ଜିଭା, ଫ୍ରାନ୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଷ୍ଟିଫାନ ବେଲିମିନ୍, ଦକ୍ଷିଣ କୋରିଆ ପୁକୋଙ୍ଗ ଜାତୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଜଗନ୍ନାଥ ପଣ୍ଡା, ରିପବ୍ଲିକ ଅଫ ବେନିନର ପ୍ରଫେସର ଡ. ବରଟାଣ୍ଡ ଆନାଗୋନଉ, ନାଇଜେରିଆର ବାଲୋଗନ ଆୟୋ ଫେଲିକ୍ସ, ଉତ୍କଳ ବିଶ୍ୱବଦ୍ୟାଳୟର ରସାୟନବିତ୍ ପ୍ରଫେସର୍ ଡକ୍ଟର ଜୟଦେବ ଦିଣ୍ଡା, ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ପ୍ରଫେସର ଡ. ବିକାଶ ଜେନା, ପ୍ରଫେସର ଡକ୍ଟର ବଙ୍କିମଚନ୍ଦ୍ର ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ବିଜୟଲକ୍ଷ୍ମୀ ଜେନା, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୁର୍ଣ୍ଣେନ୍ଦୁ ପାଢ଼ୀ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଝାଡ଼ଖଣ୍ଡର ପ୍ରଫେସର ଡ. ରତନ କୁମାର ଦେ ଯୋଗଦେଇ, ସ୍ପେକ୍ଟ୍ରସ୍କୋପିର ବିଭିନ୍ନ ଦିଗ, ସାମ୍ପ୍ରତିକ ପରିସ୍ଥିତରେ ପ୍ରୟୋଗ ବିଷୟରେ ଆଲୋକପାତ କରିଥିଲେ। ଦେଶ ବିଦେଶରୁ ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ତଥା ଗବେଷଣା ଅନୁଷ୍ଠାନରୁ ଆସିଥିବା ଗବେଷଣା ବିଦ୍ୱାନୀ, ପ୍ରକଳ୍ପ ବିଦ୍ୱାନୀମାନେ ଗବେଷଣାଭିତ୍ତିକ ନିବନ୍ଧ ଉପସ୍ଥାପନ କରିବା ସହ ପୋଷ୍ଟର ପ୍ରଦର୍ଶନ କରିଥିଲେ ଓ ମୌଖିକ ଭାବରେ ଗବେଷଣାତ୍ମକ ବିଷୟବସ୍ତୁ ଗୁଡ଼ିକୁ ଉପସ୍ଥାପନ କରିଥିଲେ। ବିଚାରପତିଙ୍କ ଦ୍ୱାରା ଚୟନ ହୋଇଥିବା ଶ୍ରେଷ୍ଠ ବିବେଚିତ ବିଦ୍ୱାନଙ୍କୁ ପୁରସ୍କୃତ କରାଯାଇଥିଲା ଏହି ଅବସରରେ ସେବାନିବୃତ ରସାୟନବିତମାନଙ୍କୁ ସେମାନଙ୍କର ରସାୟନବିଭାଗ ପ୍ରତି ଉତ୍ସର୍ଗୀକୃତ ସେବା ପାଇଁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମିନାରର ସଫଳତା ପାଇଁ ଅଧ୍ୟକ୍ଷା ଡକ୍ଟର ନାଗ ରସାୟନ ବିଜ୍ଞାନ ବିଭାଗର ସମସ୍ତ ସଦସ୍ୟ, ପରିଚାଳନା କମିଟିର ସମସ୍ତ ସଦସ୍ୟ, ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧିଙ୍କୁ ଧନ୍ୟବାଦ ଦେଇଛନ୍ତି।




## ପୂର୍ବ ଭଳି କିଲ୍ଲା ପଡ଼ିଆରେ ବାଲିଯାତ୍ରା ଆୟୋଜନ ଦୃଢ଼ ଦାବି

**କଟକ, ୨୯।୯ (ସମିସ)**

କିଲ୍ଲା(ଉପର) ପଡ଼ିଆରେ ବାଲିଯାତ୍ରା ଏଥର ଆୟୋଜନ ନ କରିବା ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରିପାରେ । ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ସର୍ବୋପରି କଟକର ଜନପ୍ରତିନିଧି ମାନଙ୍କର ସୁଚିନ୍ତିତ ମତାମତ ତଥା କଟକର ଐତିହ୍ୟକୁ ଦୃଷ୍ଟି ରଖି ପୂର୍ବ ଭଳି କିଲ୍ଲା ପଡ଼ିଆରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇପାରେ। ଏହାକୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କ ନିକଟରେ ଦାଖଲ କରାଯିବ ବୋଲି କହିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। କଟକ ସହର ସମସ୍ୟା ସମ୍ପର୍କରେ ଶୁଣାଣି କରୁଥିବା ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଆସନ୍ତା ଅକ୍ଟୋବର୪ତାରିଖରେ ଏହି ପ୍ରସଂଗରେ ଶୁଣାଣି କରିବେ। ଏହି ଦିନ ହାଇକୋର୍ଟଙ୍କ ରାୟ ଅନୁସାରେ ଉକ୍ତ ବିବାଦରେ ପୂର୍ଣ୍ଣଛେଦ ପଡ଼ିବ ବୋଲି କୁହାଯାଉଛି। ଆସନ୍ତା ୩-୪ ଦିନ ମଧ୍ୟରେ କିଲ୍ଲା ପଡ଼ିଆରେ ବାଲିଯାତ୍ରା ଆୟୋଜନ ସମ୍ପର୍କିତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଲୋକଙ୍କ ନିରାପତ୍ତା, ପାର୍କିଂ ଓ ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱର ସହ ଗ୍ରହଣ କରି ଏହି ରୂପରେଖ ପ୍ରସ୍ତୁତ ହୋଇ ଅଦାଲତଙ୍କୁ ଅବଗତ କରାଯିବ। କିଲ୍ଲା ପଡ଼ିଆରେ ବିଭିନ୍ନ ମେଳା ମହୋତ୍ସବ ପାଇଁ ବ୍ୟବହାର କରାଯାଉଥିବା ପ୍ରସଂଗରେ ଗତବର୍ଷ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ। ଏପରିକି ଏହି ଅଞ୍ଚଳ ସନ୍ନିକଟରେ ୪ଜଣ ବିଚାରପତିଙ୍କ ସରକାରୀ ଆବାସିକ ଗୃହ, ସ୍କୁଲ କଲେଜ ସରକାରୀ ଅଫିସ ଆଦି ରହିଥିବାରୁ ବାଲିଯାତ୍ରା ବେଳେ ସମସ୍ୟା ଉପୁଜୁଥିବାରୁ ବାଲିଯାତ୍ରାକୁ ମଧ ତଳ ପଡ଼ିଆକୁ ସ୍ଥାନାନ୍ତର କରାଯାଇପାରନ୍ତା ବୋଲି ହାଇକୋର୍ଟ ପରାମର୍ଶ ଦେଇଥିଲେ। ଗତବର୍ଷ ଯେହେତୁ ପ୍ଲଟ ଆବଣ୍ଟନ ହୋଇସାରିଥିଲା ଏଣୁ ପର ବର୍ଷ ଠାରୁ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ସେହି ସମୟରେ ଜିଲ୍ଲାପାଳ କହିଥିଲେ। ଏପରିକି କଟକ ଡିସିପିଙ୍କ ପକ୍ଷରୁ ମଧ ଏହାକୁ ମେଳା ପାଇଁ ବ୍ୟବହାର ନ କରି ପାର୍କିଂ ପାଇଁ ବ୍ୟବହାର କରିବା ପାଇଁ ଜିଲ୍ଲାପାଳଙ୍କୁ ଚିଠି ଦିଆଯାଇଥିଲା। ହାଇକୋର୍ଟଙ୍କ ପରାମର୍ଶ ଓ ବିଭିନ୍ନ ବିଷୟକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥର ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ ହେବ ନାହିଁ ବୋଲି ପ୍ରଥମେ ନିଷ୍ପତ୍ତି ହୋଇ ପ୍ଲଟ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା।କଟକ ବାଲିଯାତ୍ରାର ଐତିହ୍ୟ ଓ ପରମ୍ପରା ସହ କିଲ୍ଲା ପଡ଼ିଆ ଜଡିତ ଥିବାରୁ କଟକ ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂହ, ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ସମେତ ବହୁ ଲୋକପ୍ରତିନିଧି ଉପର ପଡ଼ିଆରେ ପୂର୍ବ ଭଳି ବାଲିଯାତ୍ରା ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲେ। ଗତ ଶୁଣାଣିରେ ହାଇକୋର୍ଟ ମଧ ବାଲିଯାତ୍ରା ଆୟୋଜନ ପ୍ରସଂଗରେ ଜିଲ୍ଲା ପ୍ରଶାସନ ଠାରୁ ଜବାବ ଲୋଡିଥିଲେ।

**ହାଇକୋର୍ଟରେ ଜିଲ୍ଲା ପ୍ରଶାସନ ସତ୍ୟପାଠ ଦେବ**

**ଅକ୍ଟୋବର ୪ ଶୁଣାଣି ପରେ ବିବାଦରେ ପଡ଼ିବ କି ପୂର୍ଣ୍ଣଛେଦ**

## ଇଂ. ଗୋପାଳକୃଷ୍ଣ ବେହେରାଙ୍କ ଜନ୍ମଦିନ ପାଳିଲା ଏମ୍‌ଡିଏ



**କଟକ, ୨୯।୯ (ସମିସ):** ବିଶିଷ୍ଟ ମୁରବୀ ମହାନଦୀ ବିହାରର ପୂର୍ବତନ ସଭାପତି, ବର୍ତ୍ତମାନର ଏମଡିଏ ଉପଦେଷ୍ଟା ଇଂ. ଗୋପାଳ କୃଷ୍ଣ ବେହେରାଙ୍କ ୮୬ତମ ଜୟନ୍ତୀ ଏମଡିଏ ଗୋଷ୍ଠୀ କେନ୍ଦ୍ରରେ ପାଳନ କରାଯାଇଛି। ଏମଡିଏ ସଭାପତି ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାର ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡ଼. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ମହାନଦୀ ବିହାର ନିର୍ମାଣରେ ଇଂ ବେହେରା ଅନ୍ୟତମ ବିନ୍ଧାଣୀ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଡ. ଗୋବିନ୍ଦ ଭୂୟାଁ ଅଭିଭାଷଣ ଦେଇଥିଲେ। ବିଶିଷ୍ଟ ବୁଦ୍ଧିଜୀବୀ ନରେନ୍ଦ୍ର ମନ୍ତ୍ରୀ, ସୁଶ୍ରୀ ଇନ୍ଦୁ ଦାଶ, ମହିଳା ସମିତି ସଭାନେତ୍ରୀ ନମିତା ଦାଶ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପସଭାପତି ସରୋଜ ସ୍ୱାଇଁ, ସହସମ୍ପାଦକ ଜ୍ଞାନ ରଞ୍ଜନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ରଣା, ସୁଶାନ୍ତ ଘୋଷ, ଡ. କମଳ ପ୍ରସାଦ ମହାନ୍ତି ଓ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏମଡିଏ ସମ୍ପାଦକ ଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।







# ଆନ୍ଧ୍ର-ଓଡ଼ିଶା ମିଳିତ ଅବକାରୀ ଚଢ଼ଉ

ନନ୍ଦପୁର,୨୯।୯ (ସମିସ): ନନ୍ଦପୁର ବ୍ଲକ ସୀମାନ୍ତରେ ବଡ଼ଧରଣର ଅବକାରୀ ଚଢ଼ଉ ହୋଇଛି । ଓଡିଶା-ଆନ୍ଧ୍ର ମିଳିତ ଅବକାରୀ ଚଢ଼ଉରେ ଆତଙ୍କିତ ହୋଇଛନ୍ତି ମଦ ମାଫିଆ ।



ସୂଚନା ଅନୁସାରେ, ସୋମବାର ଉଭୟ ରାଜ୍ୟର ଅବକାରୀ ଦଳ ଆନ୍ଧ୍ର ପ୍ରଦେଶର ଅବକାରୀ ସିଆଇ ଟି ଭି ଭି ଏସ ଏନ ଅଚାରୀ ଆରୁକ ଅବକାରୀ ଦଳ ସହ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅବକାରୀ ବିଭାଗର ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ଓଆଇସି ଅଭୟ କୁମାର ନାୟକଙ୍କ ସହ ଅବକାରୀ ଦଳ କନେଷ୍ଟବଲ ଦେବେନ୍ଦ୍ର ଖରା, ଗୀତାଞ୍ଜଳି ଦଳପତି, ତ୍ରିଲୋଚନ ସିଂ, ଗଙ୍ଗା ଶଙ୍କର, ଦାମଲ ସୁମନ ପ୍ରମୁଖଙ୍କୁ ନେଇ ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଥାନା ଅଧୀନସ୍ଥ ସୀମାନ୍ତ ଅଞ୍ଚଳ ପାଣ୍ଟଲୁଙ୍ଗ ଗ୍ରାମ ପଞ୍ଚାୟତ ଅଣ୍ଡୁରୁଗୁଡା, ସବାପୁଟ ଗ୍ରାମରୁ ଆତର୍କିତ ଚଢ଼ଉ କରି ୫୫୦୦ ଲିଟର ପୋଚ ଓ ୫୦୦ ଲିଟର ଦେଶୀ ରନ୍ଧା ମଦ ନଷ୍ଟ କରିଛି ଅବକାରୀ ଦଳ । ତେବେ ଅବକାରୀ ଚଢ଼ଉ ଦେଖି ମଦ ମାଫିଆ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ ।

# ଓସିଏସ୍ ପରୀକ୍ଷାରେ ରଶ୍ମିଙ୍କ ସଫଳତା

ଉମରକୋଟ,୨୯।୯ (ସମିସ): ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ଖାଣ୍ଡା ଗ୍ରାମର ରଶ୍ମି ରଞ୍ଜନ ପୁଜାରୀ (୨୪) ପ୍ରଥମ ଚେଷ୍ଟାରେ ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଉମରକୋଟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ରଶ୍ମି ୩୭୦ ର୍‌ୟାଙ୍କ ରଖିଛନ୍ତି । ରଶ୍ମି ପିଲାଦିନରୁ ଜଣେ ମେଧାବୀ ଛାତ୍ର ଥିଲେ । ସେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଉମରକୋଟ ଶିଶୁ ମନ୍ଦିରରେ ପାଠ ପଢିଥିଲେ । ସେ ଭୁବନେଶ୍ୱର କୃଷି ବିଶ୍ୱ ବିଦ୍ୟାଳୟରେ ଜଙ୍ଗଲ ବିଭାଗରେ ରେ ଗ୍ରାଜୁଏସନ କରିଥିଲେ । ଏବେ ସେ ପ୍ରାକୃତିକ ସମ୍ବଳ ପରିଚାଳନାରେ ପିଜିରେ ଶେଷ ବର୍ଷର ଛାତ୍ର । ତାଙ୍କ ବାପା ଜଳଧର ପୁଜାରୀ ଖାଣ୍ଡା ବ୍ରାଞ୍ଚ ପୋଷ୍ଟ ଅଫିସ୍‌ରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କ ମା' କୁନ୍ତୀ ପୂଜାରୀ କୁମିବେଡା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ । ସମାଜରେ ଦୁର୍ନୀତିକୁ ରୋକିବା, ଆଦିବାସୀଙ୍କ ବିକାଶ, ସମାଜର ସବୁ ଧାରାରେ ଆଦିବାସୀ ଓ ନିଷ୍ପେସିତ ବ୍ୟକ୍ତିମାନେ ଯେପରି ଅଂଶ ଗ୍ରହଣ କରିବେ ସେ ଦିଗରେ କାର୍ଯ୍ୟ କରିବେ ବୋଲି ରଶ୍ମି କହିଛନ୍ତି ।।



# ଓସିଏସ୍‌ରେ ପାନ ବ୍ୟବସାୟୀଙ୍କ ପୁଅର ସଫଳତା

ସେମିଳିଗୁଡା,୨୯।୯ (ସମିସ) କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରର ପାନ ବ୍ୟବସୟୀଙ୍କ ପୁଅ ପାଇଲେ ଓଏଏସ । ଓଡିଶା ପ୍ରଶାସନିକ ସେବା ପରୀକ୍ଷା ରେ ବ୍ୟବସୟୀ ମନ୍ମଥ ସାହୁଙ୍କ ଦ୍ୱିତୀୟ ପୁଅ ସୌମ୍ୟ ରଂଜନ ସାହୁ କୃତକାର୍ଯ୍ୟ ହୋଇଛନ୍ତି । ତିନି ଦିନ ପୂର୍ବ ରୁ ପ୍ରକାଶ ପାଇଥିବା ପରୀକ୍ଷା ଫଳ ରେ ସୌମ୍ୟ ୧୫୪ ରାଙ୍କ ପାଇଛନ୍ତି । ତାଙ୍କ ସେମିଳିଗୁଡା ନନ୍ଦପୁର ରୋଡରେ ପାନ ଦୋକାନ କରି ବ୍ୟବସାୟ କରୁଛନ୍ତି । ସୌମ୍ୟ ଗୋପବନ୍ଧୁ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଥମରୁ ସପ୍ତମ ଶ୍ରେଣୀ ପାସ କରିବା ପରେ ଅଷ୍ଟମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପରେ ସୁନାବେଡ଼ା ଏରୋନେଟିକ୍ସ ମହାବିଦ୍ୟାଳୟ ରେ +୩ ବିଜ୍ଞାନ ପଢିଥିଲେ । ନିଜେ ଓ ଏ ଏସ କରିବା ଲକ୍ଷ୍ୟ ରେ ସୌମ୍ୟ ନିଜେ ଅନଲାଇନ ମାଧ୍ୟମରେ ପ୍ରସ୍ତୁତ କରି ୧୫୪ ରାଙ୍କ ହାସଲ କରି ସହର ପାଇ ଆଦର୍ଶ ଆଣିଛନ୍ତି । କଠିନ ପରିଶ୍ରମ, ବାପା , ମା, ର ପ୍ରେମ ଓ ସହଯୋଗ ତାଙ୍କୁ ଏହି ସଫଳତା ମିଳିଛି ବୋଲି ସୌମ୍ୟ କହିଛନ୍ତି । ସୌମ୍ୟଙ୍କୁ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଓ ଅନ୍ୟ ମାନେ ଶୁଭେଚ୍ଛା ଜଣାଉଛନ୍ତି ।



# ଏକ ରାଷ୍ଟ୍ର , ଏକକାଳୀନ ନିର୍ବାଚନ ଆଲୋଚନାଚକ୍ର




ସୁନାବେଡ଼ା,୨୯।୯ (ସମିସ): ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ରାଷ୍ଟ୍ର ଏବଂ ଏକକାଳୀନ ନିର୍ବାଚନ ପ୍ରକ୍ରିୟା ବିଷୟକୁ ନେଇ ଏକ ଆଲୋଚନା ଚକ୍ର ସହିତ ନବାଗତମାନଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷା ଉଷାରାଣୀ ଦାସ ମୁଖ୍ୟ ଅତିଥି ଭାବରେ ସଭାରେ ଅଂଶ ଗ୍ରହଣ କରିଥିଲେ । କଲେଜର ଶେଷ ବର୍ଷ ଛାତ୍ରୀ ସୁଶ୍ରୀ ସରୋଜିନୀ ଗୌଡ଼ ,ରଶ୍ମିତା ସାହୁ , ନିକିତା ରାଣୀ ପଟ୍ଟନାୟକ ଏ ସମ୍ପର୍କରେ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଅଧ୍ୟାପକ ଆଲୋକ କୁମାର ଥାନାପତି ଏବଂ ଅଧ୍ୟାପିକା ସରିତା ପରିଡା ଆଲୋଚନାଚକ୍ରରେ ଯୋଗ ଦେଇ ନିଜର ମତ ଉପସ୍ଥାପନ କରିଥିଲେ । ଶେଷ ବର୍ଷ ଛାତ୍ରୀ ସୋନାଲି ଡାକୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଗରିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ 'ଶିକ୍ଷା ଓ ଶିକ୍ଷଣ ପ୍ରକ୍ରିୟାର ପରିବର୍ତ୍ତନଶୀଳ ଉପାଦାନ ' ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଅଧ୍ୟକ୍ଷା ଉଷାରାଣୀ ଦାସ ମୁଖ୍ୟ ଅତିଥି ଭାବରେ ସଭାରେ ଅଂଶ ଗ୍ରହଣ କରି ଉକ୍ତ ବିଷୟ ବସ୍ତୁ ସମ୍ପର୍କରେ ଆଲୋଚନା କରିବା ସହ ନବାଗତା ମାନଙ୍କୁ ସ୍ୱାଗତ ଜଣାଇଥିଲେ । ଅଧ୍ୟାପିକା ସୁଶ୍ରୀ ସୁଜ୍ଞାନି ମଞ୍ଜରୀ ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଶେଷ ବର୍ଷ ଛାତ୍ରୀ ମହିମା ଭାତ୍ରା, ଦ୍ୱିତୀୟ ବର୍ଷ ଛାତ୍ରୀ ଅଞ୍ଜଳି ତାଡିଙ୍ଗି ନିଜ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଟୁଇଙ୍କଲ ଖେମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାପ କାମୁଡ଼ାରେ ଅଷ୍ଟମ ଶ୍ରେଣୀ ଛାତ୍ର ମୃତ

ବୈପାରିଗୁଡା,୨୯।୯ (ସମିସ) ସାପ କାମୁଡ଼ାରେ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ଘଟଣା ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ଗୟଲକୁଣ୍ଡ ଗ୍ରାମର କାନ୍ଧୁ ଦୁରୁଆଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ଚନ୍ଦ୍ରସେନ ଦୁରୁଆ (୧୩) ଗତକାଲି ଅପରାହ୍ନରେ ପରିବାର ଲୋକଙ୍କ ସହ ନିଜ ମକା ବାଡ଼ରେ ମକା ତୋଳିବାକୁ ଯାଇଥିଲେ । ମକା ତୋଳି ବାପା ମା ଘରକୁ ଫେରିଥିଲେ କିନ୍ତୁ ଚନ୍ଦ୍ରସେନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମକା ତୋଳୁଥିଲେ । ମକା ତୋଳୁଥିବା ସମୟରେ ହଠାତ୍ ଏକ ବିଷାକ୍ତ ସାପ ଚନ୍ଦ୍ରସେନଙ୍କ ବାମ ହାତର ଆଙ୍ଗୁଳିରେ କାମୁଡ଼ି ଦେଇଥିଲା । ଚନ୍ଦ୍ରସେନ ଦୌଡ଼ି ଆସି ପରିବାର ଲୋକଙ୍କୁ ଘଟଣା ସଂପର୍କରେ କହିଥିଲେ । ପରିବାର ଲୋକେ ଡାକ୍ତରଖାନା ନେବା ପରିବର୍ତ୍ତେ ଗୁଣିଆର ସାହାଯ୍ୟ ନେଇଥିଲେ । ଗୁଣିଗାରେଡ଼ି ରେ ଚିକିତ୍ସା ଚାଲିଥିବା ବେଳେ ମଧ୍ୟରାତ୍ରରେ ଚନ୍ଦ୍ରସେନଙ୍କ ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ରାମଗିରି ଫାଣ୍ଡି ଏଏସଆଇ ବିଷ୍ଣୁ ମାଡକାମି ଗୟଲକୁଣ୍ଡ ଗ୍ରାମରେ ପହଞ୍ଚି ଶବ ଜବତ କରିବା ସହ ଆଜି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଆଜିର ଆଧୁନିକ ଯୁଗରେ ମଧ୍ୟ ବହୁ ଆଭ୍ୟନ୍ତରୀଣ ଅଞ୍ଚଳରେ ଗୁଣିଗାରେଡ଼ି ଉପରେ ବିଶ୍ୱାସ କରି ଜୀବନ ହରାଉଥିବା ଜଣାପଡିଛି ।

# ବାଲ୍ୟ ବିବାହ ନେଇ ସଚେତନତା

ପଟ୍ଟାଙ୍ଗି,୨୯।୯ (ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ସଭାଗୃହ ଠାରେ ଶୋଭା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବାଲ୍ୟ ବିବାହ ନେଇ ସଚେତନ ବୈଠକ ଅନୁଷ୍ଠିତ ହୋଇଯାଇଥିଲା । କାର୍ଯ୍ୟକ୍ରମରେ କମାର ସମାଜ ସଭାପତି ଭଗବାନ ଗୋଲରି, ଦୋରା ଆମାଜ ସଭାପତି ବୈଦ୍ୟନାଥ ଗେମେଲ, ଜିଲ୍ଲା ପରିଷଦ ସଭ୍ୟ ଟିକାଇ ଗେମେଲ, ରାଲେଗଡ଼ା ସରପଞ୍ଚ ରଶ୍ମିତା ପେଦାନ୍ଟି, ଚନ୍ଦକା ସରପଞ୍ଚ ଦେବକୀ ଗଣ୍ଡ , ଚନ୍ଦକା ସମିତି ସଭ୍ୟ ଲଖଣ ପଡାଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା ଓ ଆଦିବାସୀ ସମାଜର ନେତା ଗୁଣିଆ ଦିସାରି ପ୍ରମୁଖ ଉପସ୍ଥିତ ରହିଥିଲେ । ସେଠାରେ ଶୋଭା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ମଦନ କିରସାନି, ସଂଯୋଜକ ବିଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବାଲ୍ୟବିବାହ କରିବା ଦ୍ୱାରା ପଡୁଥିବା କୁ ପ୍ରଭାବ ନେଇ ସଚେତନ କରିଥିଲେ । କାର୍ଯ୍ୟକ୍ରମିକୁ ଶୋଭା କର୍ମୀ ଅମଜାଡ଼ ସାର, ସ୍ୱେଚ୍ଛାସେବୀ ବିମଳା ପାଙ୍ଗି , ଦେବ ଜୟପୁରିଆ ଓ ତ୍ରିନାଥ ଗେମେଲ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ପିଲାଙ୍କୁ ଟିସି ଦେବା ଘଟଣା

# ଶୁଣିଲେନି ଅଧିକାରୀ; ଥାନାର ଦ୍ୱାରସ୍ଥ ଅଭିଭାବକ

ମୁନିଗୁଡା,୨୯।୯ (ସମିସ): ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଙ୍କୁ ଟିସି ଦେବା ଘଟଣା ନେଇ ବିବାଦ ବଢୁଛି । ଶୁଣିଲେନି ଜିଲ୍ଲା ମଙ୍ଗଳ ଅଧିକାରୀ । ଏଣୁ ଥାନାର ଦ୍ୱାରସ୍ଥ ହେଲେ ଅଭିଭାବକ । ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପାଇଁ ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମନମାନି ବିଷୟକୁ ନେଇ ସାମାଜିକ କର୍ମୀ ଓ ଗ୍ରାମବାସୀଙ୍କ ତରଫରୁ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ହୋଇଥିଲା । ଜିଲ୍ଲା ମଙ୍ଗଳ ଅଧିକାରୀ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ ନକରିବାରୁ ଅଭିଭାବକ ମାନେ ଅମ୍ବାଦଳା ଥାନାର ଦ୍ୱାରସ୍ଥ ହେବାସହ ଲିଖିତ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି । ଛାତ୍ର ମାନଙ୍କ ନାଆଁ କାଟିବା, ଅଭିଭାବକ ମାନଙ୍କୁ ଡରାଇବା ,ସହ ଅନୁସୂଚିତ ଜାତିର ଅଭିଭାବକ ମାନଙ୍କୁ ଅସ୍ପୃଶ୍ୟ କହିବା ସହ ଛୁଇଁବାକୁ ବାରଣ କରିବା, ଛାତ୍ର ମାନଙ୍କୁ ଶିକ୍ଷା ଅଧିକାରରୁ ବଞ୍ଚିତ କରିବା ଭଳି ଅନେକ ଲିଖିତ ସଙ୍ଗୀନ ଅଭିଯୋଗ ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତିଙ୍କ ନାଁରେ ଅଭିଯୋଗ କରିଛନ୍ତି ଅଭିଭାବକ । ଉକ୍ତ ଘଟଣାକୁ ନେଇ ବିଷମ କଟକ ଏସଡିପିଓ ସନ୍ତୋସୀନି ଓରାମ ଅମ୍ବାଦଳା ଥାନାରେ ପହଞ୍ଚି ଆଜି ଉଭୟ ଶିକ୍ଷକ,ଅଭିଭାବକ ଓ ଛାତ୍ରଙ୍କୁ ନେଇ ତଦନ୍ତ କରି ଫେରିଥିବା ଜଣାପଡ଼ିଛି । ପ୍ରକାଶ ଥାଉକି ଅଭିଭାବକ ମାନେ ପ୍ରଥମେ ପ୍ରଧାନ ଶିକ୍ଷକଙ୍କ ଗୋଡ ହାତ ଧରି ନେହୁରା ହେଲେ, ପରେ ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ । ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅଭିଭାବକ ମାନଙ୍କୁ ସ୍କୁଲକୁ ପଠାଇଥିବା ବେଳେ ଛାତ୍ରଙ୍କୁ ପରୀକ୍ଷା ଗୃହରୁ ଗେଟଆଉଟ୍ କହି ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କ ପାଖକୁ ଯାଇ ପରୀକ୍ଷା ଦେ ବୋଲି କହି ବାହାର କରିଦେଇଥିବା ଛାତ୍ର ଜଣଙ୍କ ଅଭିଯୋଗ କରିଥିଲେ । ଉକ୍ତ ଘଟଣା ବିଷୟରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଗ୍ରାମବାସୀଙ୍କ ସମେତ ଅଭିଭାବକ ମାନେ ଏକ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଫଳ ଶୂନ । ଅଧିକରୁ ଅଧିକ ଅଭିଯୋଗ ସହିତ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା, ପିଲାଙ୍କୁ ପରୀକ୍ଷାରୁ ନିବୃତ, ନିଜ ଜିଦରେ ଅଧିକାଂଶ ପିଲାଙ୍କ ନାଆଁ କାଟି ଦେବାଭଳି ସାଙ୍ଘାତିକ ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ମଙ୍ଗଳ ଅଧିକାରୀ କାହିଁକି ଚୁପ ବସିଛନ୍ତି ଅଞ୍ଚଳରେ ଏହା ଏକ ଆଲୋଚନାର ପ୍ରସଙ୍ଗ ପାଲଟିଛି । ମଙ୍ଗଳ ଅଧିକାରୀଙ୍କ ଛତ୍ର ଛାୟା ତଳେ ଜିଦଖୋର ପ୍ରଧାନ ଶିକ୍ଷକଙ୍କ ଏକଚ୍ଛତ୍ରବାଦ ଶାସନ ଚାଲିଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ଉକ୍ତ ଘଟଣାକୁ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ତାଙ୍କ ପାଖକୁ ସେମିତି କିଛି ଲିଖିତ ଅଭିଯୋଗ ଆସିନାହିଁ, ଯଦି ଆସେ ତା ଉପରେ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇଛନ୍ତି ।

# ଜୟପୁର ଦଶହରା ସାଂସ୍କୃତିକ କାର୍ଯ୍ୟକ୍ରମ



ଜୟପୁର, ୨୯।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଦଶହରା ସାଂସ୍କୃତିକ ମହୋତ୍ସବ କାର୍ଯ୍ୟକ୍ରମ ସୋମବାର ତୃତୀୟ ସଂଧ୍ୟାରେ ସ୍ଥାନୀୟ ରାଜା ନହର ଛକ ଠାରେ ଆୟୋଜିତ ହୋଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଆ ସିନେ ଗାୟକ ସ୍ୱୟଂ ପାଢି ଏବଂ ସାଥିଙ୍କ ସଂଗୀତ ଦଳ ପକ୍ଷରୁ ବିଭିନ୍ନ ଓଡିଆ ଓ ହିନ୍ଦୀ ଗୀତ ପରିବେଷଣ କରିଥିଲେ । ଏହିପରି ତାଙ୍କ ସହିତ କଟକର ମେଲୋଡି ଦ୍ୱାରା ଅନ୍ୟାନ୍ୟ ଗାୟକ ଓ ମ୍ୟୁଜିକ ବାଦକ ସଂଗୀତରେ ସ୍ଥାନୀୟ ଦର୍ଶକ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦଶହରା ମହୋତ୍ସବ କମିଟିର ସଭାପତି ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଏସଡିପିଓ ପାର୍ଥ କାଶ୍ୟପ, ବିଦ୍ୟୁତ ବିଭାଗ ସାଉଥକୋ ଡିଜିଏମ ମନ୍ମଥ ନାଥ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ନିହାର ରଞ୍ଜନ ବିଶୋୟୀ, ସ୍ଥାନୀୟ କାଉନ୍‌ସିଲର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପାରାବେଡା ପୂଜା କମିଟି ପକ୍ଷରୁ ସ୍ଥାନୀୟ ପାରାବେଡା ଛକ ଠାରେ ରାଜ୍ୟର ସୁନାମଧନ୍ୟ ଗାୟକ ମହାପ୍ରସାଦ କର ଏବଂ ସ୍ଥାନୀୟ କଳାକାର ମାନେ ଭଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମାଦଳାସାହି ଠାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କୁନ୍ଦୁରା, ୨୯।୯ (ସମିସ):




କୋରାପୁଟ ଜିଲ୍ଲା ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ କୁନ୍ଦୁରା ଠାରେ ତ୍ରି-ଦିବସୀୟ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଆଜି ଉଦଘାଟିତ ହୋଇଯାଇଛି । ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଦ୍ୱାରା ପ୍ରଯୋଜିତ ଓ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ କୁନ୍ଦୁରା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୨୮ ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ । ଏଥିରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜୟପୁରର କୁଳସଚିବ ମହେଶ୍ୱର ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଯୁବଗୋଷ୍ଠୀ ରାଷ୍ଟ୍ର ଗଠନର ପ୍ରକୃତ ବିନ୍ଧାଣି ବୋଲି ମତବ୍ୟକ୍ତ କରିଥିଲେ । ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ମନୋରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଷ୍ଟ୍ର ବିକାଶରେ ଯୁବକ ମାନଙ୍କ ଭୂମିକା ତଥା ସାଂପ୍ରତିକ ସମୟକୁ ତାଳ ଦେଇ ଇଣ୍ଟରନେଟର ବହୁଳ ସୁବିଧାକୁ ଉପଯୋଗ କରି ଯୁବ ସମାଜ ବିଶ୍ୱ ଦରବାରରେ ଭାରତର ଟେକ କିଭଳି ରଖିବେ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା ତିନିଦିନିଆ ଶିବିର ସମ୍ପର୍କରେ ଆଲୋଚନା କରିଥିଲେ । ୧୫ଟି ସ୍ନାତକ ମହାବିଦ୍ୟାଳୟରୁ ୧୦୫ ଜଣ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଛନ୍ତି । ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ରମେଶ ଚନ୍ଦ୍ର ଲେଙ୍କା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଶିବିରରେ ଜାତୀୟ ସେବା ଯୋଜନାର ମୁଖ୍ୟ ଚିନ୍ତାଧାରା, ଯୁବ ନେତୃତ୍ୱ, ସଡ଼କ ସୁରକ୍ଷା, ସାମାଜିକ ଗଣମାଧ୍ୟମ ଓ ପରିବେଶ ପରିଚାଳନା, ପ୍ରକୃତିକ ଦୁର୍ବିପାକରୁ ରକ୍ଷା, ନିଶା ମୁକ୍ତ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବକ୍ତୃତା, ରଙ୍ଗୋଲି ଓ ସାଂସ୍କୃତିକ ପ୍ରତିଯୋଗୀତା ମାନ କରାଯିବ ବୋଲି ସୂଚନା ମିଳିଛି । ଏହାର ପ୍ରଥମ ଅଧିବେଶନରେ ବୈପାରିଗୁଡାର ସମାଜସେବୀ ତଥା ବିଶିଷ୍ଟ ଶିକ୍ଷାବିତ୍ ସୁନୀଲ କୁମାର ମିଶ୍ର ବୃତ୍ତି ମୂଳକ ଉପଦେଶ ଦେବା ସହିତ କୋଟସର ଅତିଥି ଅଧ୍ୟାପକ ରାଜେନ୍ଦ୍ର ପାଢୀ ଲିଙ୍ଗଗତ ବେଶ୍ୟମତା ଓ କୁନ୍ଦୁରା ଅଗ୍ନିଶମ ବିଭାଗ ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇବାର ଉପାୟ ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଜିତା କୁମାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ୟାସ୍ ଲିକ୍‌ରୁ ନିଆଁ ଲାଗି ଘରପୋଡ଼ି



ପାପଡାହାଣ୍ଡି, ୨୯।୯ (ସମିସ) ପାପଡାହାଣ୍ଡି ଥାନା ଅଟକବେଢାରେ ସୋମବାର ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ନରହରି ନାୟକଙ୍କ ଘର ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିବା ବେଳେ ପରିବାର ବହୁ ଦୟନୀୟ ଅବସ୍ଥାରେ ରହି ସରକାରୀ ସହାୟତା ଲାଗି ନିବେଦନ କରିଛନ୍ତି । ଦିନରେ ରୋଷେଇ ସାରିବା ପରେ ନରହରି ଗ୍ୟାସ ଲିକ ହେବା ଜାଣି ହାଣ୍ଡିର ରେଗୁଲେଟର ବନ୍ଦ କରିବା ସମୟରେ ନିଆଁ ବାହାରି ଚାଳକୁ ଲାଗିଯାଇଥିଲା । ତିନି ବଖରା ଘର ସମ୍ପୂର୍ଣ ରୁପେ ପୋଡି ଯାଇଥିଲା । ଗ୍ରାମବାସୀ ନିଆଁକୁ ଆୟତ କରିପାରିନଥିଲେ । ଘର ଭିତରେ ଥିବା ସମସ୍ତ ଆସବା ପତ୍ର ଚାଉଳ, ଟଙ୍କା ପୋଡି ନଷ୍ଟ ହୋଇଯାଇଛି । ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଖବର ଲେଖା ଶେଷ ସୁଦ୍ଧା ରାଜସ୍ୱ ବିଭାଗର କୌଣସି କର୍ମଚାରୀ ଗ୍ରାମରେ ପହଞ୍ଚି ନଥିବା ବେଳେ ନରହରି ସରକାରୀ ସହାୟତା ଲାଗି ନିବେଦନ କରିଛନ୍ତି ।







# ଜିଲ୍ଲା କଂଗ୍ରେସ ସଭାପତି ରୂପକଙ୍କ ଶିବିରରେ ଖୁସିର ଲହରୀ

ଜୟପୁର,୨୯।୯ (ସମିସ):

> ଆଶାୟୀ ନିରାଶ
> ଅଳ୍ପ ସଂଖ୍ୟକ ବର୍ଗକୁ ପ୍ରାଧାନ୍ୟ

କୋରାପୁଟ ଜିଲ୍ଲାରେ କଂଗ୍ରେସ ଦଳର ଜିଲ୍ଲା ସଭାପତି ଭାବେ ଯୁବ ନେତୃତ୍ୱ ରୂପକ ତୁରୁକଙ୍କୁ ଦାୟିତ୍ୱ ମିଳିଛି । କୋରାପୁଟ ଜିଲ୍ଲା କଂଗ୍ରେସ ଦଳ ପ୍ରଥମଥର ପାଇଁ ଜଣେ ଅଳ୍ପସଂଖ୍ୟକ ବର୍ଗର ଯୁବପୀଢିର ନେତା ଦାୟିତ୍ୱ ଦିଆଯାଇଛି । ଗତ ୨୬ ତାରିଖ ସଂଧ୍ୟାରେ ଏ ନେଇ ଘୋଷଣା ହେବା ପରେ ନୂତନ ସଭାପତି ରୂପକଙ୍କ ଶିବିରରେ ଆନନ୍ଦ ଖେଳିଯାଇଛି । ଅନ୍ୟପକ୍ଷରେ ଆଶାୟୀ ରହିଥିବା ଜଗଦିଶ ଖୋସ୍ଲା ଏବଂ ପୂର୍ବତନ ସଭାପତି ଶଶିଭୁଷଣ ପାତ୍ରଙ୍କ ଶିବିରରେ ନୈରାଶ୍ୟ ଖେଳିଯାଇଛି । ସେହିପରି ଆନ୍ୟାନ୍ୟ ଆଶାୟୀ ମାନେ ମଧ୍ୟ ନିରାଶ ହୋଇଯାଇଛନ୍ତି । କଂଗ୍ରେସ ଦଳର ନୂତନ ପଦ୍ଧତିରେ ଚୟନ ପ୍ରକ୍ରିୟା ମାଧ୍ୟମ ସଭାପତିଙ୍କ ମନୋନୀତ କରାଯାଇଥିଲା । ଦଳର ତୃଣମୂଳ ସ୍ତରର ସକ୍ରିୟ କର୍ମୀ ଏବଂ କର୍ମକର୍ତ୍ତାଙ୍କ ୱାନ ଟୁ ୱାନ ମାଧ୍ୟମରେ ମତାମତ ନିଆଯାଇ ସଭାପତି ଚୟନ କରାଯିବ ବୋଲି ଘୋଷଣା କରାଯାଇଥିଲା । ଏହାପରେ ଯେଉଁ ସଭାପତି ପ୍ରାର୍ଥୀଙ୍କ ପାଇଁ କର୍ମୀ ମାନେ ଅଧିକ ସଂଖ୍ୟକ ମତାମତ ପ୍ରଦାନ କରିବେ । ଉକ୍ତ ପ୍ରାର୍ଥୀ ସଭାପତି ଭାବେ ଘୋଷଣା କରାଯିବା ନେଇ ଏଆଇସିସି ପକ୍ଷରୁ ଦୁଇଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିଲା । ଉକ୍ତ ପର୍ଯ୍ୟବେକ୍ଷକ ମାନେ କୋରାପୁଟ ଜିଲ୍ଲା ଗସ୍ତ କରିବା ସହ ସକ୍ରୀୟ କର୍ମୀ ଓ କର୍ମକର୍ତ୍ତା ପ୍ରକିୟା ଯୋଗ ଦେଇ ମତାମତ ଗ୍ରହଣ କରିଥିଲେ । କିନ୍ତୁ ପ୍ରକୃତରେ କେଉଁ ପାର୍ଥୀଙ୍କୁ କେତେ ଜଣଙ୍କ ମତାମତ ମାଧ୍ୟମରେ ସମର୍ଥନ ମିଳିଛି ସେଥିନେଇ ମଧ୍ୟ ସୂଚନା ଦିଆଯାଇନାହିଁ । ଏଥିନେଇ ସର୍ବାଧିକ ସମର୍ଥନ ପାଇ ସଭାପତି ଭାବେ ନିଯୁକ୍ତ ହୋଇଥିବା ନେଇ ମଧ୍ୟ ସନ୍ଦେହ ଘେରରେ ରହିଛି ବୋଲି ମତାମତ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିବା କେତେକ ସକ୍ରିୟ କର୍ମୀ ମାନେ ସନ୍ଦେହ ପ୍ରକଟ କରିବା ସହ ନିଜ ନାମ ପ୍ରକାଶ ନ କରିବା ସର୍ତ୍ତରେ କହିଛନ୍ତି । ଏହି ପ୍ରକ୍ରିୟା କେବଳ ନାମକୁ ମାତ୍ର କର୍ମୀ ମାନଙ୍କ ମତାମତ ଅନୁଯାୟୀ ସଭାପତି ଚୟନ କରାଯାଇଥିବା କୁହାଯାଉଥିଲେ ସୁଦ୍ଧା ଏଥିରେ ଉପରସ୍ତରୀୟ ଲବି ଅଧିକ ପ୍ରଭାବ କରିଥିବା ନେଇ ଚର୍ଚ୍ଚା ଜୋର ଧରିଛି । ତେଣୁ କେବଳ ଗଣତନ୍ତ୍ର ପଦ୍ଧତିରେ ସକ୍ରୀୟ କର୍ମୀଙ୍କ ମତାମତକୁ ନେଇ ଚୟନ କରିଥିବା ପ୍ରକ୍ରିୟା ଏକ ପ୍ରହସନ ପାଲଟିଛି ବୋଲି ମଧ୍ୟ ଚର୍ଚ୍ଚା ବିଷୟ ପାଲଟିଛି । ଏହିପରି ନୂତନ ସଭାପତିଙ୍କୁ ରାଜ୍ୟର ଏକ ମାତ୍ର କଂଗ୍ରେସ ଦଳର କୋରାପୁଟ ଜିଲ୍ଲା ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ସମର୍ଥନ ରହିଥିବା ବେଳେ ଅନ୍ୟାନ୍ୟ ୨ଜଣ ବିଧାୟକଙ୍କ ସମର୍ଥନ ରହିଥିଲା । କିନ୍ତୁ କର୍ମୀଙ୍କ ମତାମତ ଏକ ପ୍ରହସନ ବୋଲି କଂଗ୍ରେସ ଦଳ ତୃଣମୂଳ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଏକ ଆଦିବାସୀ ବହୁଳ ଜିଲ୍ଲାରେ ବିଜେଡି ଏବଂ ବିଜେପି ଦଳ ବରିଷ୍ଠ ଆଦିବାସୀ ନେତାଙ୍କୁ ନିଜ ନିଜ ଦଳର ସଭାପତି ଭାବେ ଚୟନ କରିଥିବା ବେଳେ କଂଗ୍ରେସ ଦଳ କିନ୍ତୁ ଆଦିବାସୀ ନେତାଙ୍କ ଉପେକ୍ଷିତ କରିଥିବା ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । କଂଗ୍ରେସ ଦଳକୁ ନୂତନ ସଭାପତି ଶ୍ରୀ ତୁରୁକ କେତେ ସଂଗଠିତ କରିପାରିବେ ଏବଂ ଜିଲ୍ଲାରେ ଦଳକୁ ମଜଭୁତ କରିବା ନେଇ ଜିଲ୍ଲାର ସର୍ବାଧିକ ଆଦିବାସୀ ନେତା, କର୍ମୀ ମାନଙ୍କୁ କିଭଳି ଏକତ୍ରୀତ କରିପାରିବେ, ଏଥିନେଇ ଏକ ବଡ ସମସ୍ୟା ନୂତନ ସଭାପତିଙ୍କ ପାଇଁ ରହିଛି ବୋଲି ଆଲୋଚନାର ହେଉଛି । ଜିଲ୍ଲାରେ କଂଗ୍ରେସ ଦଳର ଭୋଟର ରହିଥିଲେ ସୁଦ୍ଧା ଦଳର ଆନ୍ତଃ କଳହ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି । ଗତ ସାଧାରଣ ନିର୍ବାଚନରେ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୩ଟିରେ କଂଗ୍ରେସ ପ୍ରାର୍ଥୀ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ଜିଲ୍ଲାରେ ପ୍ରଥମଥର ଜଣେ ଅଳ୍ପସଂଖ୍ୟକ ଏବଂ ଯୁବନେତାଙ୍କ ଏହି ଦାୟୀତ୍ୱ କଂଗ୍ରେସ ଦଳର ଉଚ୍ଚ କର୍ତ୍ତୃପକ୍ଷ ପ୍ରଦାନ କରିଛନ୍ତି । ତେଣୁ ଦଳ ଆଗାମୀ ଦିନରେ ମଜୁଭୁତ ହୋଇପାରିବ ବୋଲି ଆଶା ପ୍ରକୋଟ କରିଛନ୍ତି । ଏଥିନେଇ ନୂତନ ସଭାପତି ଶ୍ରୀ ତୁରୁକ କହିଛନ୍ତି ଯେ, କୋରାପୁଟ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ସମ୍ପୁର୍ଣ୍ଣ ଭାବେ ବିଫଳ ହୋଇଛି । ତେଣୁ ଏହି ଜିଲ୍ଲାର ବିକାଶ ଏବଂ ଲୋକଙ୍କ ସମସ୍ୟା ନେଇ ଆନ୍ଦୋଳନ ଜୋରଦାର କରାଯିବ । ଏହିପରି ଜିଲ୍ଲାର ସମସ୍ତ ବରିଷ୍ଠ ନେତା , କର୍ମୀ ଏବଂ ସମସ୍ତ ବର୍ଗର ଲୋକଙ୍କୁ ନେଇ ଦଳକୁ ସୁସଂଗଠିତ କରାଯାଇ କାର୍ଯ୍ୟ କରାଯିବ ।

**ସରିଲା ସପ୍ତମୀ ପୂଜା; ଆଜି ମହାଷ୍ଟମୀ**

# ଆଲୋକମାଳାରେ ଝଲସୁଛି ବାରିପଦା ସହର













**ବାରିପଦା, ୨୯ ।୯ (ସମିସ):** ମହାମାୟା ମା' ଦୁର୍ଗାଙ୍କ ଆଗମନରେ ବାରିପଦା ସହର ଉତ୍ସବ ମୁଖରିତ ହୋଇଉଠିଛି । ରବିବାରଠାରୁ ବିଭିନ୍ନ ମଣ୍ଡପରେ ବିଲ୍ୱବରଣ ଓ ଆମନ୍ତ୍ରଣାଧ୍ୱାସ ତଥା ତପଃ ଷଷ୍ଠୀରୁ ପୂଜାରମ୍ଭ ହୋଇଛି । ରବିବାର ମା'ଙ୍କ ଚକ୍ଷୁଦାନ ପରେ ସପ୍ତମୀ ପୂଜା ଆରମ୍ଭ ହୋଇଛି । ସପ୍ତମୀ ପୂଜା ନିମନ୍ତେ ଦିନ ତମାମ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି । ମଙ୍ଗଳବାର ମହାଷ୍ଟମୀ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ବୁଧବାର ନବମୀ ବା ସନ୍ଧିପୂଜା ସାଙ୍ଗକୁ ଗୁରୁବାର ଦଶହରା ତଥା ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ । ତେବେ ପୀଠପୂଜାରେ କେତେକ ସ୍ଥାନରେ କାର୍ଯ୍ୟସୂଚୀ ନିୟମାନୁଯାୟୀ ଫରକ ରହିଛି । ମା' ଅମ୍ବିକାଙ୍କ ପୀଠ, ପାଲବଣୀ, ତୁଳସୀ ଚଉରା, ଷ୍ଟେସନବଜାର, ବଡ଼ଦାଣ୍ଡ, କେସି ସର୍କଲ, ସହିଦ ପଡ଼ିଆ, ଫ୍ରେଜର ହଷ୍ଟେଲ, ଲାଲବଜାର, ଭଞ୍ଜପୁର, ମୁର୍ଗାବାଡ଼ି, ତକତପୁର, ତେନ୍ତୁଳିଡିଙ୍ଗା, ଅସ୍ତିଆ, ବାଘଡ଼ାରୋଡ଼, ମଧୁବନ, ବଡ଼ବଜାର ଓ ଗାନ୍ଧୀ ମାର୍କେଟ ଆଦି ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପାରମ୍ପରିକ ପୂଜା ଆରମ୍ଭ ହୋଇଛି । ଆୟୋଜକ କମିଟି ନିଜ ନିଜର ପୂଜାକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ବିଭିନ୍ନ ସ୍ଥାନରେ ଧାର୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଣ୍ଡପଗୁଡ଼ିକରେ ଭିଡ଼ ଲାଗିଛି । ସକାଳୁ ବିଭିନ୍ନ ଫଳ ଦୋକାନରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ନ ମଲ, ଗହଣା, ଲୁଗା ଓ ପୋଷାକ ଦୋକାନରେ ମଧ୍ୟ ଏକ ସପ୍ତାହ ଧରି ଭିଡ ଲାଗିରହିଛି । ସହରରେ ଚାକିରି କରିଥିବା ଅଧିକାଂଶ ଛୁଟି ମନାଇବାକୁ ଅନ୍ୟତ୍ର ଯାଇଥିବା ବେଳେ ବାହାରେ ରହିଥିବା ସହରବାସୀ ନିଜ ସହରକୁ ଆସୁଛନ୍ତି ।


ନବରାତ୍ରରେ ମା'ଅମ୍ବିକାଙ୍କ ମହାଗୌରୀ ବେଶ

**ତତଲା କଡ଼େଇରେ ପଡ଼ି ଛାତ୍ର ଗୁରୁତର ଘଟଣା**

## ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ଭବେଶ

**ମୋରଡ଼ା, ୨୯।୯ (ସମିସ):** ମୋରଡା ବ୍ଲକ କରମଶୋଳ ଉଚ୍ଚ ବିଦ୍ୟାଳୟରେ ଗତ ୨୫ତାରିଖରେ ୯ମ ଶ୍ରେଣୀ ଛାତ୍ର ଜ୍ଞାନରଞ୍ଜନ ମହାନ୍ତ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଇଥିବାବେଳେ ଗୋଡ ଖସିଯିବାରୁ ଗରମ ତରକାରୀ କଡେଇରେ ପଡ଼ିଯାଇଥିଲେ । ଫଳରେ ସେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ତାଙ୍କ ପିତା ଭବେଶ ମହାନ୍ତ ଏହି ଘଟଣାରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀକରି ଶୁକ୍ରବାର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ, ଗତ ବୁଧବାର ଜ୍ଞାନରଞ୍ଜନ ଅନ୍ୟ ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଇଥିଲେ ।ତେବେ ଖାଦ୍ୟ ବଢ଼ାହେଉଥିବା ସ୍ଥାନରେ ବର୍ଷା କାଦୁଅରେ ପାଣି ଜମିଥିବାବେଳେ ଅସାବଧାନତାବଶତଃ ଗୋଡ଼ ଖସି ଯିବାରୁ ତତଲା ତରକାରୀ କଡ଼େଇ ଉପରେ ଜ୍ଞାନରଞ୍ଜନ ପଡ଼ି ଯାଇଥିଲେ । ଫଳରେ ତାଙ୍କର ଶରୀରରେ ପୋଡ଼ାଜ୍ୱଳା ହେବା ସହ ଯନ୍ତ୍ରଣାରେ ଛଟପଟ ହୋଇଥିଲେ । ସ୍କୁଲ କର୍ତ୍ତୃପକ୍ଷ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ତାଙ୍କର ମୁଣ୍ଡ ଓ ଡାହାଣ କାନ, ଡାହାଣ ହାତ ଏବଂ ଛାତି ପୋଡ଼ିହୋଇ ଗଭୀର କ୍ଷତ ସୃଷ୍ଟି ହୋଇଛି । ଡାକ୍ତରଖାନାରୁ ଚିକିତ୍ସା କରାଇ ଆଣି ସ୍କୁଲ କର୍ତ୍ତୃପକ୍ଷ ଘରେ ଛାଡିଦେଇଥିଲେ । ତେବେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ତିନି ଦିନ ହେଲା ଠିକ୍ ନ ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ପୁଣି ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି ।

## ନବେଡ଼ୀ-କୁଲିଅଣା ରୋଡ୍ ରେଳଷ୍ଟେସନ ଦାବି

**ବାରିପଦା/କୁଲିଅଣା, ୨୯ ।୯ (ସମିସ):** ନବେଡ଼ୀ-କୁଲିଅଣା ରୋଡ୍ ରେଳୱେ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ସଭାପତି ବିଜୟ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ପାଦକ ପ୍ରଦୀପ ଆଚାର୍ଯ୍ୟ, କୁଲିଅଣା ସରପଞ୍ଚ ଅହଲ୍ୟା ନାଏକ, ପୁରୁଣାପାଣି ସରପଞ୍ଚ ମନୋଜ କୁମାର ନାଏକ, କୁଲିଅଣା ନାଏବ ସରପଞ୍ଚ ଆନନ୍ଦ ଚନ୍ଦ୍ର ହାଁସଦା, ସାମାଜିକ କର୍ମୀ ଝୁନୁରାମ ନାଏକ ଓ ହରିଶ ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ନାଏକ, ଜଗନ୍ନାଥ ମହାନ୍ତ, ବୈଦ୍ୟନାଥ ମୁର୍ମୁ, ଚନ୍ଦ୍ର ନାଏକ ଓ ଆର୍ ଅଶ୍ୱନୀ ବଞ୍ଜନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ । କମିଟି ସଭ୍ୟମାନେ ନବେଡ଼ୀ-କୁଲିଅଣା ରୋଡ୍ ରେଳୱେ ଷ୍ଟେସନ୍ ପାଇଁ ଦୀର୍ଘଦିନ ଧରି ଦାବି ରହିଥିବା ସତ୍ତ୍ୱେ ଦାବି ପୂରଣ ନ ହେବା ଯୋଗୁଁ ଅସନ୍ତୋଷ ପ୍ରକାଶ କରିଥିଲେ । ଉଲ୍ଲେଖ ଯୋଗ୍ୟ ଯେ ୨୦୨୩ ଏପ୍ରିଲ ୪ ତାରିଖରେ ଦକ୍ଷିଣ ପୂର୍ବ ରେଳୱେ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତାବିତ ରେଳ ଷ୍ଟେସନ ପରିଦର୍ଶନ ତଥା ସ୍ଥାନକୁ ନିରୀକ୍ଷଣ କରାଯାଇଥିଲା; କିନ୍ତୁ ଇତିମଧ୍ୟରେ ଦୁଇ ବର୍ଷ ବିତିଯାଇଥିଲେ କୌଣସି ଅଗ୍ରଗତି ହୋଇନାହିଁ । ଗମନା ଗମନ ତଥା ଯୋଗାଯୋଗ ଦୃଷ୍ଟିକୋଣରୁ ଝାରପୋଖରିଆ ଓ ବାରିପଦା ମଧ୍ୟରେ ଥିବା ଏହି ଷ୍ଟେସନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଏହି ଷ୍ଟେସନ କୁଲିଅଣା ଠାରୁ ଅଢେଇ କିମି ହେଉଥିବା ବେଳେ ବଣ୍ଡାବ, ହାତୀବାରି, ଗେଣ୍ଡାପୋଖରୀ ଓ ଅଦାପାଳ ଅଞ୍ଚଳବାସୀ ଉପକୃତ ହେଇପାରିବେ ବୋଲି କମିଟି କହିଛି ।



## ମହିଳା ଫୁଟବଲ ଟିମ୍‌ରେ ସ୍ଥାନ ପାଇଲେ ଅମ୍ବୃତା

**ଠାକୁରମୁଣ୍ଡା, ୨୯।୯ (ସମିସ):** ଓଡ଼ିଶା ମହିଳା ସିନିୟର ଫୁଟବଲ ଟିମ୍‌ରେ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମପଞ୍ଚାୟତ ସାତକୋଶିଆ ଗ୍ରାମର ଭାଗବତ ନାଏକଙ୍କ ଝିଅ ଅମ୍ବୃରତା ନାଏକ (୨୫) ସ୍ଥାନ ପାଇଛନ୍ତି । ସେ ଆସନ୍ତା ଡିସେମ୍ବର ୩ ତାରିଖରେ ଛତିଶଗଡ଼ଠାରେ ପଶ୍ଚିମବଙ୍ଗ ମହିଳା ଫୁଟବଲ ଟିମ ସହିତ ହେବାକୁ ଥିବା ମ୍ୟାଚରେ ଓଡ଼ିଶା ଦଳରୁ ଖେଳିବେ । ଏନେଇ କଟକ ଫୁଟବଲ ଆସୋସିଏସନ ପକ୍ଷରୁ ତାଲିକା ପ୍ରକାଶ ପାଇଛି । ସାତକୋଶିଆ ଗ୍ରାମର ଭାଗବତ ନାଏକଙ୍କ ଝିଅ ଅମ୍ବୃରତା ସାତକୋଶିଆ ଉଚ୍ଚ ବିଦ୍ୟାଳୟରେ ପଢ଼ା ସାରିବା ପରେ ଭୁବନେଶ୍ୱର ନିତା ଫୁଟବଲ ଏକାଡେମୀରେ ୬ ବର୍ଷ ଧରି ଅଭ୍ୟାସ କରୁଥିଲେ । ଓଡ଼ିଶା ଫୁଟବଲ ଟିମରେ ସ୍ଥାନ ପାଇଥିବାରୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାଏକ ଓ ଠାକୁରମୁଣ୍ଡା ଅଞ୍ଚଳ ବୁଦ୍ଧିଜୀବି ତଥା ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି ।

## ମହିଳାଙ୍କ ଦ୍ୱାରା ମା' ଦୁର୍ଗାଙ୍କ ଘଟ ଉତ୍ତୋଳନ



**ମୋରଡ଼ା, ୨୯।୯ (ସମିସ):** ସୋମବାର ମୋରଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଭକ୍ତିମୟ ପରିବେଶରେ ଦୁର୍ଗତିନାସିନୀ ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ସଦର ମହକୁମା ଚିତ୍ରଡାର ସାପ୍ଲାଇ ଛକ ଏବଂ ବସଷ୍ଟାଣ୍ଡରେ ମା'ଙ୍କ ପୂଜା ନିମନ୍ତେ ମହିଳାମାନେ ଘଟ ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମରେ ଚିତ୍ରଡା ରାଜାବନ୍ଧରୁ ଶତାଧିକ ମହିଳା ମୁଣ୍ଡରେ ଘଟ ଉତ୍ତୋଳନ କରି ସାପ୍ଲାଇ ଛକ ମା'ଙ୍କ ମଣ୍ଡପ ନିକଟକୁ ଆସିଥିଲେ । ସେହିପରି ଚିତ୍ରଡାର ଭକ୍ତାଘାଟ ନିକଟରୁ ପୂଜାର୍ଚ୍ଚନା କରି ସାର୍ବଜନୀନ ଦୁର୍ଗାପୂଜା କମିଟି ସଦସ୍ୟମାନେ ଘଣ୍ଟ ଏବଂ ସଂକୀର୍ତ୍ତନ ଦଳ ପଟୁଆରରେ ଆସି ଘଟ ଉତ୍ତୋଳନ କରିଥିଲେ ।






## ୭ ୯ ବର୍ଷରେ ସାର୍ବଜନୀନ ଦୁର୍ଗାପୂଜା କମିଟି

# ମନ ମୋହୁଛି ଶାନ୍ତିସ୍ତୂପ ତୋରଣ



**ବଣାଇଁ, ୨୯।୯ (ସମିସ):** ବଣାଇଁ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଶାରଦୀୟ ଦୁର୍ଗାପୂଜା ଚଳିତ ବର୍ଷ ୭ ୯ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ପୂଜା ମଣ୍ଡପରେ ଚଳିତ ବର୍ଷ ଶାନ୍ତିସ୍ତୁପ ତୋରଣ ନିର୍ମାଣ କରାଯାଇଛି। ଯାହା ଏବେ ଦର୍ଶକ ଓ ଶ୍ରଦ୍ଧାଳୁଙ୍କ ମନମୋହୁଛି। ବଣାଇଁ ବସଷ୍ଟାଣ୍ଡ ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ନିର୍ମିତ ଦୁର୍ଗା ମଣ୍ଡପରେ ଏହି ପୂଜା ଅନୁଷ୍ଠିତ ହୋଇଥିବା ବେଳେ ରବିବାର ମଣ୍ଡପରେ ବିଲ୍ୱବରଣ, ଷଷ୍ଠାଦି କର୍ମାରମ୍ଭ କରାଯାଇ ମା'ଙ୍କୁ ଆବାହନ କରାଯାଇଥିଲା। ଆଜି ସକାଳେ ମହାସପ୍ତମୀ ପୂଜା କରାଯାଇଥିବା ବେଳେ ପ୍ରତ୍ୟୁଷରୁ ପବିତ୍ର ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରାରେ ଯାଇ ନଦୀରେ ପୂଜାର୍ଚ୍ଚନା କରିବା ପରେ ମା'ଙ୍କୁ ଆବାହନ କରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ଆଜି ସନ୍ଧ୍ୟାରେ ପୂଜା ମଣ୍ଡପରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଭାଇ ଜିଉତିଆ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମଣ୍ଡପ ସମ୍ମୁଖରେ ଦୁଲୁଦୁଲି ବାଦ୍ୟ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ବେଳେ ଦିନ ବେଳେ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ପୂଜାରେ କର୍ତ୍ତା ଭାବେ ସତ୍ୟନାରାୟଣ ମିଶ୍ର କାର୍ଯ୍ୟ ତୁଲାଇଥିବା ବେଳେ ମୁଖ୍ୟପୂଜକ ଭାବେ ଅଜୟ ମିଶ୍ର, ଚଣ୍ଡୀ ପାଠକ ଭାବେ ପଣ୍ଡିତ ଅଜୟ ପ୍ରହରାଜ, ଚିନ୍ମୟ ତ୍ରିପାଠୀ, ଅଭିନନ୍ଦନ ମିଶ୍ର ଓ ଶୁଭମ ରଥ ପୂଜା କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ସେହିପରି ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ରାହସ ବିହାରୀ ପ୍ରଧାନ, ସାଧାରଣ ସମ୍ପାଦକ ତପନ କୁମାର ଦଣ୍ଡିଆ, କୋଷାଧ୍ୟକ୍ଷ ଆଇନଜୀବୀ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନଙ୍କ ଦ୍ୱାରା ଦୁର୍ଗାପୂଜା ପରିଚାଳିତ ହେଉଥିବା ଜଣାପଡ଼ିଛି।



# ରାସ୍ତା ଖୋଳି ଛାଡ଼ିଦେଲା ଆର୍‌ଏମ୍‌ସି

## ଲୋକେ ହନ୍ତସନ୍ତ; ଦୁର୍ଘଟଣାକୁ ଆମନ୍ତ୍ରଣ

ରାଉରକେଲା, ୨୯।୯ (ସମିସ)



ସ୍ମାର୍ଟ ସିଟି ରାଉରକେଲାରେ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି। କିନ୍ତୁ ଅନେକ ସ୍ଥାନରେ ଡ୍ରେନ୍ ନିର୍ମାଣ ତଥା ମରାମତି ଆଳରେ ରାସ୍ତା ଖୋଳି ଦୀର୍ଘ ଦିନ ପର୍ଯ୍ୟନ୍ତ ପଡ଼ିରହିଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି ଖୋଳାଯାଇଥିବା ସ୍ଥାନରେ କୌଣସି ସତର୍କ ସୂଚନା ଫଳକ ଲଗାଯାଇ ନଥିବାରୁ ତାହା ଏବେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ନଜରକୁ ଆସିଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନୀ ସ୍ଥିତ କାଳୀମଣ୍ଡପ ନିକଟରେ ଦେଖିବାକୁ ମିଳିଛି। ରାସ୍ତାର ଗୋଟିଏ ପାର୍ଶ୍ୱକୁ ଡ୍ରେନେଜ୍ ନିର୍ମାଣ ଆଳରେ ଖୋଳିଦିଆଯାଇଥିବାରୁ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ କଷ୍ଟକର ହୋଇଥିବା ନଜରକୁ ଆସିଛି। ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ଠିକାଦାର ନିୟମକୁ ଅଣଦେଖା କରିବା ସହ ଉକ୍ତ ସ୍ଥାନରେ ସତର୍କ ସୂଚନା ଫଳକ ତଥା ସୁରକ୍ଷା ସଙ୍କେତ ଲଗାଇ ନଥିବାରୁ ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ସମ୍ପ୍ରତି ଗଣେଶ ପୂଜା ସମୟରେ ଏକ ଇନୋଭା କାର ଡ୍ରେନ୍‌ରେ ପଶିବାରୁ ଅଳ୍ପକେ ରକ୍ଷା ପାଇଥିବା ନଜର ରହିଥିଲା। ଏହା ସହରର ଅଧିକାଂଶ ସ୍କୁଲ ବସ୍ ଏବଂ ଲୋକଙ୍କ ଯାତାୟାତ ପାଇଁ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଏବେ ଡ୍ରେନେଜ୍ ପାଇଁ ରାସ୍ତାର ଗୋଟିଏ ପାର୍ଶ୍ୱ ଖୋଳା ଯାଇଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଛି। ଦୁର୍ଗା ପୂଜା ପୂର୍ବରୁ ରାସ୍ତା ଏବଂ ଷ୍ଟ୍ରିଟ୍ ଲାଇଟ୍ କାମ ସାରିବାକୁ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ପକ୍ଷରୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପର୍ବ ସମୟରେ ଲୋକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସମୟ ମଧ୍ୟରେ କାମ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ସମସ୍ୟାର ସମାଧାନ ହୋଇପାରିନଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ରାଉରକେଲା ସହରର ମୁଖ୍ୟ ରାସ୍ତାରେ ଏକ ପାଣି ପାଇପ୍ ଫାଟି ଯିବାରୁ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ପାଣି ରାସ୍ତାରେ ଭାସୁଥିବା ଦେଖିବାକୁ ମିଳିଛି। ଏଥିଯୋଗୁଁ ମଧ୍ୟ ଦୁର୍ଘଟଣାର ଆଶଙ୍କା ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ବେଳେ ରାସ୍ତା ବୋହୁଥିବା ଏହି ପାଣି ଯାତ୍ରୀଙ୍କୁ ଯାତାୟାତରେ ସମସ୍ୟାରେ ପକାଉଥିବା ସ୍ଥାନୀୟ ଦୋକାନୀମାନେ କହିଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ସମସ୍ୟାର ସମାଧାନ ଓ ମରାମତି କରିବାକୁ ସ୍ଥାନୀୟବାସୀନ୍ଦା ଦାବି କରିଛନ୍ତି।

# ଆର୍‌ଏସ୍‌ପିର ୭ ବିଭାଗକୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର



**ରାଉରକେଲା, ୨୯।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଆଉ ସାତଟି ବିଭାଗ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା ନିୟମ ୨୦୧୭ ଅନୁଯାୟୀ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇଛନ୍ତି। ଏହି ବିଭାଗଗୁଡିକ ମଧ୍ୟରେ ରହିଛନ୍ତି, ହଟ୍ ଷ୍ଟ୍ରିପ୍ ମିଲ୍-୨, ନୂତନ ପ୍ଲେଟ୍ ମିଲ୍, ସିଣ୍ଟର୍ ପ୍ଲାଣ୍ଟ-୩, ସ୍ପେଶାଲ୍ ପ୍ଲାଣ୍ଟ, ଅକ୍ସିଜେନ୍ ପ୍ଲାଣ୍ଟ ୟୁନିଟ୍-୨ ଏବଂ ପ୍ରୋପେନ୍ ପ୍ଲାଣ୍ଟ-୨ ଓ ୩। ଉଲ୍ଲେଖନୀୟ, ଏଲପିଜି ସିଲିଣ୍ଡର ଗୋଦାମ, ସିସିଡି ସଲଫର୍ ଗୋଦାମ, ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ ଏବଂ ସେବିକା ପ୍ରଶିକ୍ଷଣ ପ୍ରତିଷ୍ଠାନ ପୂର୍ବରୁ ଏହି ପ୍ରମାଣପତ୍ର ପାଇସାରିଛନ୍ତି। ଏହାପରେ ଏବେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଥିବା ମୋଟ ବିଭାଗ ସଂଖ୍ୟା ଏଗାର ଛୁଇଁଥିବା ବେଳେ ଆଉ ଚାରୋଟି ବିଭାଗ ପାଇଁ ପ୍ରମାଣପତ୍ର ପାଇବା ପ୍ରକ୍ରିୟା ଚାଲୁରହିଥିବା ଆର୍‌ଏସ୍‌ପି ପକ୍ଷରୁ ସୂଚାଯାଇଛି। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୬ ତାରିଖରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ବୋକାରୋ ଇସ୍ପାତ କାରଖାନାର ଅତିରିକ୍ତ ଦାୟିତ୍ୱରେ ଥିବା ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ସମ୍ପୃକ୍ତ ବିଭାଗଗୁଡିକର ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟ ମୁଖ୍ୟମାନଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲ ଚୌଧୁରୀ, ଅର୍ଥ ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ସିଏମ୍‌ଓ ଇନ୍ ଚାର୍ଜ ଡ. ଜେ.କେ. ଆଚାର୍ଯ୍ୟଙ୍କ ସହ ବହୁ ସିଜିଏମ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସହିଦ ତେଗ୍‌ବାହାଦୂରଙ୍କ 'ଜାଗୃତି ଯାତ୍ରା'କୁ ଭବ୍ୟ ସ୍ୱାଗତ





ରାଉରକେଲା, ୨୯।୯ (ସମିସ)

ହିନ୍ଦୁ ଧର୍ମର ରକ୍ଷା ନିମନ୍ତେ ତଥା କାଶ୍ମିରୀ ପଣ୍ଡିତଙ୍କ ଉପରେ ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କର କ୍ରୁର ଆକ୍ରମଣର ପ୍ରତିବାଦ କରିବାରୁ ୩୫୦ ବର୍ଷ ପୂର୍ବେ ଆଉରଙ୍ଗଜେବ ଦିଲ୍ଲୀର ଚାନ୍ଦିନୀଚୌକଠାରେ ଗୁରୁ ତେଗ ବାହାଦୂରଙ୍କ ଶିର ଛେଦନ କରାଯାଇଥିଲା। ଉକ୍ତ ଲୋମହର୍ଷଣକାରୀ ମୁହୂର୍ତ୍ତକୁ ସ୍ମରଣ କରିବା ପାଇଁ ତଥା ଜନସାଧାରଣଙ୍କୁ ଜାଗୃତ କରିବା ନେଇ ଗୁରୁ ତେଗ ବାହାଦୂରଙ୍କ ୩୫୦ ତମ ସହିଦ ଦିବସ ପାଳନ ଏହି ଉପଲକ୍ଷେ ଗତ ସେପ୍ଟେମ୍ବର ୧୭ ତାରିଖରୁ ଏକ ବିଶାଳ 'ଜାଗୃତୀ ଯାତ୍ରା' ବିହାରର ପାଟନାରୁ ବାହାରି ଓଡ଼ିଶାର ବାରିପଦାରେ ଗତ ସେପ୍ଟେମ୍ବର ୨୬ ତାରିଖ ଦିନ ପହଞ୍ଚିଥିଲା। ଗତ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଓଡ଼ିଶା ଶିଖ ପ୍ରତିନିଧି ମଣ୍ଡଳୀ ଆନୁକୂଲ୍ୟରେ ଏହି ଯାତ୍ରା ଓଡ଼ିଶାର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି। ଏହି ଅବସରରେ ସୋମବାର ଅପରାହ୍ନରେ ଝାରସୁଗୁଡାରୁ ବାହାରି ଏହି ଯାତ୍ରା ସୁନ୍ଦରଗଡ଼ରେ ପହଞ୍ଚିଥିବା ବେଳେ ଏହାକୁ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଛି। ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଶୋଭାଯାତ୍ରାରେ ସାମିଲ ହୋଇ ସ୍ୱାଗତ କରିଥିଲେ। ଏହି ଅବସରରେ ଏସ୍‌ପି ଅମ୍ରିତପାଲ କୌରଙ୍କୁ ଓଡ଼ିଶା ଶିଖ ପ୍ରତିନିଧି ବୋର୍ଡର ପୂର୍ବତନ ସଭାପତି ଗୁରମିତ ସିଂହ ସମ୍ବର୍ଦ୍ଧିତ କରିଥିଲେ। ପରେ ଏହି ଜାଗୃତି ଯାତ୍ରା ରାଜଗାଙ୍ଗପୁର ଓ କାଂଶବାହାଲଠାରେ ପହଞ୍ଚିଥିଲା। ସେଠାରେ ସଙ୍ଗତ୍ ସେବା ପକ୍ଷରୁ ଲଙ୍ଗର ହୋଇଥିଲା। ସନ୍ଧ୍ୟାରେ ଏହା ବେଦବ୍ୟାସଠାରେ ପହଞ୍ଚିଥିଲା। ବେଦବ୍ୟାସ ଛକରେ ଗୁରୁଶ୍ରୀ ଗୁରୁ ତେଗ ବାହାଦୁରର ସାହିବ ଅନୁଷ୍ଠାନ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲିପ ରାୟ ସେଠାରେ ପହଞ୍ଚି ଯାତ୍ରାକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଗୁରମିତ ସିଂହ ଏବଂ ନବଜିତ୍ ସିଂହ କେନ୍ଦ୍ର ମନ୍ତ୍ରୀ ଦିଲିପ ରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବେଦବ୍ୟାସ ଗୁରୁଦ୍ୱାର କମିଟି ସଭାପତି କରମବିତ ସିଂହ, ସମ୍ପାଦକ ଗୁରୁବିନ୍ଦର ସିଂହ, ସିଭିଲ ଟାଉନ୍‌ସିପ ଗୁରୁଦ୍ୱାର କମିଟି ସଭାପତି ମଞ୍ଜିତ ସିଂହ, ସମ୍ପାଦକ ତ୍ରିଲୋଚନ ସିଂହ, ସନ୍ତୋକ ସିଂହ, ଚରଣଜିତ ସିଂହ, ସମାଜସେବୀ ବୀରେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଏହି ଯାତ୍ରା ସିଭିଲ ଟାଉନସିପର ଗୁରୁଦ୍ୱାରଠାରେ ପହଞ୍ଚିଥିଲା। ଗୁରୁଦ୍ୱାର ଗୁରୁଶ୍ରୀ ଅର୍ଜୁନ ଦେବଜୀ କମିଟି ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିଲା। ସେଠାରେ ସମସ୍ତେ ଲଙ୍ଗରରେ ଯୋଗ ଦେଇଥିଲେ। ପରେ ପାୱାର ହାଉସ ଏବଂ ପରେ ଅଗ୍ରସେନ ଭବନଠାରେ ରାତ୍ରି ଯାପନ କରିଥିଲେ। ମଙ୍ଗଳବାର ରେଲୱେ ଷ୍ଟେସନ ସ୍ଥିତ ଗୁରୁଦ୍ୱାର ଠାରେ ଏହି ଯାତ୍ରା ପହଞ୍ଚିବାପରେ ସେଠାରେ ସ୍ୱାଗତ ସମାରୋହ ଓ ଲଙ୍ଗରର ବ୍ୟବସ୍ଥା ରହିଛି। ଏହାପରେ ଏହି ଯାତ୍ରା ବୀରମିତ୍ରପୁର ଯାତ୍ରା କରି ପରେ ଝାଡଖଣ୍ଡ ରାଜ୍ୟ ରାଞ୍ଚି ଅଭିମୁଖେ ଯାତ୍ରା କରିବ ବୋଲି ସୂଚନା ମିଳିଛି।

# ଇସ୍ପାତନଗରୀ ପାଇଁ ଗୌରବ ଆଣିଲେ ଚିନ୍ମୟ



**ରାଉରକେଲା, ୨୯।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ରିପେୟାର ସପ ଇଲେକ୍ଟ୍ରିକଲ ବିଭାଗରେ ଜୁନିୟର ଇଞ୍ଜିନିୟର ରୂପେ କାର୍ଯ୍ୟରତ ବସନ୍ତ ସାହୁ ଏବଂ ଅନ୍ନପୂର୍ଣ୍ଣା ସାହୁଙ୍କ ପୁତ୍ର ଚିନ୍ମୟ ସାହୁ ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷାରେ ପଞ୍ଚମ ସ୍ଥାନ ହାସଲ କରି ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି। ସେକ୍ଟର ୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପୂର୍ବତନ ଛାତ୍ର ଚିନ୍ମୟ, ଆଇଆଇଟି ଧାନବାଦରୁ ମେକାନିକାଲ୍ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ ହାସଲ କରିଛନ୍ତି।

# କଟଙ୍ଗରେ ବିଦ୍ୟାଳୟସ୍ତରୀୟ ସୁରଭି

**କୁତ୍ରା, ୨୯।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗ ସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡଃ ନିତ୍ୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟସ୍ତରୀୟ ସୁରଭି -୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶିଳ ଲିଖନ, ବକ୍ତୃତା, ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିତର୍କକୁ ସଂଯୁକ୍ତା କୁଲ୍ଲୁ, ରଚନାକୁ ଶୀତଳ ବାଲାଙ୍ଗିଆ, ଚିତ୍ରାଙ୍କନକୁ ଶିଳ୍ପା ଖାଲକୋ, ଜଣାଅଜଣାକୁ ଅନୁପମା କୁଜୁର, ସୃଜନାତ୍ମକ ଲିଖନକୁ ଅନୁପମା କୁଜୁର, ସଙ୍ଗୀତକୁ ସଂଯୁକ୍ତା କୁଲ୍ଲୁ, ନୃତ୍ୟକୁ ଶୀତଳ ବାଲାଙ୍ଗିଆ, ଚାନ୍ଦିନୀ ନାଗ, ଡୋଲି ସିଂ, ପ୍ରିୟଙ୍କା କମାର, ଅମ୍ବିକା ଏକ୍କା, ସମିରା ବାଗେ, ବକ୍ତୃତାକୁ ଭୂମିକା ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରୀ ଦାସ, ପ୍ୟାରେଲାଲ୍ ସାହୁ, ଆଲିଶା ଟପ୍ପୋ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀମାନେ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ପ୍ରଧାନ ଶିକ୍ଷକ ଡ ନିତ୍ୟାନନ୍ଦ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗୁଣ୍ଡିଚା ମନ୍ଦିରର ପ୍ରତିଷ୍ଠାତା ସଭ୍ୟ ଭରତ ଚନ୍ଦ୍ର ମିଶ୍ରଙ୍କ ପରଲୋକ



**ରାଉରକେଲା, ୨୯।୯ (ସମିସ):** ସ୍ଥାନୀୟ ସେକ୍ଟର -୫ ଆମ୍ରବାଗନା ଗୁଣ୍ଡିଚା ମନ୍ଦିରର ପ୍ରତିଷ୍ଠାତା ସଭ୍ୟ ତଥା ବିଶିଷ୍ଟ ସମାଜସେବୀ ଶ୍ରମିକ ନେତା ବଟକୃଷ୍ଣ ପଣ୍ଡାଙ୍କ ସମସାମୟିକ ଓ ସମାଜସେବୀ ଭରତ ଚନ୍ଦ୍ର ମିଶ୍ରଙ୍କର ଆଜି ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପିଡିତ ଥିଲେ। ଜଗତସିଂହପୁର ଜିଲ୍ଲାର ମୂଳବାସିନ୍ଦା ସ୍ୱର୍ଗତ ମିଶ୍ର ଗତ ୬୦ ବର୍ଷ ଧରି ଗୁଣ୍ଡିଚା ମନ୍ଦିର ପରିଚାଳନା ଓ ରାଉରକେଲାର ସବୁଠାରୁ ବଡ ରଥଯାତ୍ରାକୁ ପ୍ରତ୍ୟକ୍ଷ ଭାବେ ପରିଚାଳନା କରି ଆସୁଥିଲେ। ତାଙ୍କର ୩ ପୁଅ ଏବଂ ଗୋଟିଏ ଝିଅ ଥିଲେ। ତାଙ୍କ ବିୟୋଗରେ ବିଶିଷ୍ଟ ସମାଜସେବୀ ଆନନ୍ଦ ମହାନ୍ତି, ଅମୂଲ୍ୟ ଚରଣ ବରାଳ, ଦିଲିପ କୁମାର ରାଉତ, ହରିହର ବେହେରା, ଶିବକୁମାର ରିଟ୍ (ଦାଦା), ମୁନା ସ୍ୱାଇଁ, ଦେବାଶିଷ ପାଣିଗ୍ରାହୀ, ଶରତ ପ୍ରଧାନ, ଦୀପକ ସାହୁ(ଜଗା), ହୃଷିକେଶ ସାମନ୍ତରାୟ, ଅନ୍ତର୍ଯ୍ୟାମୀ ଦାସ, ଗୁରୁଚରଣ ଦାସ, ସୁଧିର ସାହୁ, ପ୍ରଦୀପ ସାହୁ, କାହ୍ନା ସାହୁ, ଛବିନ୍ଦ୍ର ସାହୁ, ଆନନ୍ଦ ନାୟକ, ବଳରାମ ସାହୁ, ସଂଗ୍ରାମ ସାହୁ, କାଶୀନାଥ ଶତପଥୀ, ଉମାକାନ୍ତ ପଣ୍ଡା, ବୁଲୁ ପଣ୍ଡା, ଆନନ୍ଦ ଠାକୁର, ରମେଶ ଚନ୍ଦ୍ର ସାହୁ, ଉପେନ୍ଦ୍ର ସାହୁ, ରକି ପ୍ରଧାନ ପ୍ରମୁଖ ଗୁଣ୍ଡିଚା ମନ୍ଦିର ପରିସରରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି। ବେଦବ୍ୟାସ ଶ୍ମଶାନ ଘାଟରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଛି। ତାଙ୍କ ପୁଅ ପ୍ରବୀଣ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ।








## ଭୁବନେଶ୍ୱର ସିଟି

# ସରିଲା ଚକ୍ଷୁଦାନ, ଆଜି ମହାଷ୍ଟମୀ

ଭୁବନେଶ୍ୱର, ୨୯।୯(ସମିସ): ଗତକାଲି ଥିଲା ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଷଷ୍ଠୀ ଠାରୁ ମା'ଙ୍କ ଦର୍ଶନ ପାଇଁ ଭିଡ଼ ଲମ୍ବିଛି। ରାଜଧାନୀର ବିଭିନ୍ନ ମଣ୍ଡପରେ ମା'ଙ୍କ ଚକ୍ଷୁଦାନ କରାଯାଇଥିବା ବେଳେ ମହା ଅଷ୍ଟମୀ ପୂଜା ପାଇଁ ଚାଲିଛି ପ୍ରସ୍ତୁତି। ଷଷ୍ଠୀରେ ମା'ଙ୍କ ବିଲ୍ୱବରଣ କରାଯିବା ପରେ ମହା ସପ୍ତମୀ ପୂଜା ସହ ମା'ଙ୍କ ଚକ୍ଷୁଦାନ କରାଯାଇଛି। ଆସନ୍ତାକାଲି ମହାଅଷ୍ଟମୀ ପୂଜା ଆରମ୍ଭ ହେବ। ଏଥିପାଇଁ ପୂଜା ମଣ୍ଡପ ଗୁଡ଼ିକ ଚଳଚଞ୍ଚଳ ହୋଇଛି। ଭଳିକି ଭଳି ସୁଉଚ୍ଚ ତୋରଣ ଓ ଆଲୋକମାଳାରେ ସଜେଇ ହୋଇଛି ରାଜଧାନୀ କୋଣ ଅନୁକୋଣରେ ଥିବା ପୂଜାମଣ୍ଡପ। ଚାରିଆଡ଼େ ଚାଲିଛି ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଆବାହନ। ଧୂପ, ଦୀପ, ନୈବେଦ୍ୟ, ଝୁଣା ବାସ୍ନାରେ ମହକୁଛି ରାସ୍ତାଘାଟ। ସଞ୍ଜ ହେଲେ ଚିକିମିକି ରଙ୍ଗୀନ ଆଲୋକମାଳାରେ ଝଲସୁଛି ସହରର ରାସ୍ତାଘାଟ ଠାରୁ ଗଳିକନ୍ଦି। ମଣ୍ଡପଗୁଡ଼ିକରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଲାଇଟ୍‌ଗେଟ୍ ଗୁଡ଼ିକ ନିଜ ମୋବାଇଲ ବା ନିଜ କ୍ୟାମେରାରେ କଏଦ କରିବାକୁ ଯୁବଗୋଷ୍ଠୀଙ୍କ ମଧ୍ୟରେ



ଦେଖିବାକୁ ମିଳିଛି। ସେହିପରି ବିଭିନ୍ନ ମଣ୍ଡପ ନିକଟରେ ଅସ୍ଥାୟୀ ମାର୍କେଟରେ ଜମୁଛି ନାହିଁ ନ ଥିବା ଭିଡ଼। ଖୋଲା ଆକାଶ ତଳେ କୁନି କୁନି ପିଲାମାନେ ରାମଦୋଳି, ବ୍ରେକଡ୍ୟାନ୍ସ, ଘୋଡ଼ା ଚକ୍ରି ଆଦିରେ ବସି ବେଶ୍ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳିଛି।

ଚଳିତବର୍ଷ ରାଜଧାନୀରେ ୧୮୭ଟି ପୂଜାମଣ୍ଡପରେ ଜଗତ୍‌ଜନନୀଙ୍କୁ ଆରାଧନା କରାଯାଉଛି। ଶାସ୍ତ୍ର ଅନୁଯାୟୀ ବେଲ ଗଛ ମୂଳେ ମା'ଙ୍କ ଅବସ୍ଥାନ। ସେଥିପାଇଁ ପୂଜାର୍ଚ୍ଚନା କରାଯାଇ ଷଷ୍ଠୀରେ ମା'ଙ୍କୁ ସେଠାରୁ ପୂଜାମଣ୍ଡପକୁ ଆବାହନ କରାଯାଇଥିଲା। କେତେକ ସ୍ଥାନରେ ମା'ଙ୍କ ମୃଣ୍ମୟୀଙ୍କ ମୂର୍ତ୍ତିର ମୁହଁ ଖୋଲାଯାଇଥିଲା। ତେବେ ଅଷ୍ଟମୀ ଉପଲକ୍ଷେ ଶ୍ରଦ୍ଧାଳୁମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ପୂଜାର୍ଚ୍ଚନା କରିପାରିବେ ସେଥିପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ଆସନ୍ତାକାଲି ମହାଅଷ୍ଟମୀ ଅବସରରେ ପୂଜାମଣ୍ଡପଗୁଡିକରେ ଅଧିକ ଜନସମାଗମ ହେବା ନେଇ ପ୍ରଶାସନ ସମେତ ପୂଜା କମିଟି ଗୁଡ଼ିକର ସଦସ୍ୟମାନେ ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ପୂଜା ପାଇଁ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯିବା ସହ ଭକ୍ତଙ୍କୁ ଧାଡ଼ିରେ ଯାଇ ମା'ଙ୍କ ନିକଟରେ ପୂଜା କରାଯିବାର ବ୍ୟବସ୍ଥା ହୋଇଛି। ମହାଅଷ୍ଟମୀରେ ମହିଳାମାନେ ଶାଢ଼ୀ ପୂଜା କରିବା ସହ ଉପବାସ ରଖିଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ପରେ ପାଣି ଗ୍ରହଣ କରିଥାନ୍ତି। ଏଥିପାଇଁ ମଣ୍ଡପ ପରିସରରେ ବ୍ୟାପକ ପ୍ରସ୍ତୁତି ହୋଇଥିବା ଦେଖିବାକୁ ମିଳିଛି।

## ଉପର ପଡ଼ିଆରେ ହେବ ବାଲିଯାତ୍ରା

କଟକ, ୨୯।୯(ସମିସ): କିଲ୍ଲା(ଉପର) ପଡ଼ିଆରେ ବାଲିଯାତ୍ରା ଏଥର ଆୟୋଜନ ନ କରିବା ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରିଛି। ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ସର୍ବୋପରି କଟକର ଜନପ୍ରତିନିଧି ମାନଙ୍କର ସୁଚିନ୍ତିତ ମତାମତ ତଥା କଟକର ଐତିହ୍ୟକୁ ଦୃଷ୍ଟି ରଖି ପୂର୍ବ ଭଳି କିଲ୍ଲା ପଡ଼ିଆରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଛି। ଏହି ନିଷ୍ପତ୍ତିକୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କ ନିକଟରେ ଦାଖଲ କରାଯିବ ବୋଲି କହିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। କଟକ ସହର ସମସ୍ୟା ସମ୍ପର୍କରେ ଶୁଣାଣି କରୁଥିବା ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଆସନ୍ତା ଅକ୍ଟୋବର ୪ତାରିଖରେ ଏହି ପ୍ରସଙ୍ଗରେ ଶୁଣାଣି କରିବେ।











































# ପୁଣି ହୀରାକୁଦ ପୂର୍ଣ୍ଣଗର୍ଭା, ୮ ଗେଟ୍ ଖୋଲା

ସମ୍ବଲପୁର, ୨୯।୯ (ସମିସ) : ଯୋଡ଼ି ଲଘୁଚାପ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବାପରେ ଅଧିକସଂଖ୍ୟକ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିଲା। ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରି ୬ଟି ଗେଟ୍ ଖୋଲାଯାଇଥିବାବେଳେ ଜଳସ୍ତର ବୃଦ୍ଧି ପାଇବାରୁ ସୋମବାର ସନ୍ଧ୍ୟାରେ ଆଉ ୨ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୨୧ ତାରିଖ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପହଞ୍ଚିଥିବାବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତରକୁ ବଜାୟ ରଖିବାକୁ ଉଦ୍ୟମ ଜାରି ରହିଛି।

ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୭୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୮ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୦୨,୩୦୬ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୬୬,୬୬୨ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୩୧,୩୩୬ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୭୬୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୩,୩୧୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୫୦,୬୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୧,୨୫,୬୧୯ ଘନଫୁଟ, ଖଇରମାଳଠାରେ ୨,୮୬,୫୦୦ ଘନଫୁଟ, ବାରମୁଲଠାରେ ୨,୭୯,୫୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୩,୬୯,୧୭୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୪୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୫୫ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୯୭ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ୧୨୦ ବୋତଲ କଫ ସିରପ୍ ଜବତ, ଜଣେ ଗିରଫ



ସମ୍ବଲପୁର, ୨୯।୯ (ସମିସ) : ଧନୁପାଲି ଥାନା ଅଧୀନ ଚାରବାଟି ଛକରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ଜଣେ ଯୁବକଙ୍କଠାରୁ କଫ ସିରପ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ ଚାରବାଟି ଛକ ନିକଟରେ ନିଶା କାରବାର କରୁଥିବାବେଳେ ଅବକାରୀ ବିଭାଗ ମଣ୍ଟୁ ଓରାମ (୩୫)କୁ ଧରିବାସହ ତା'ଠାରୁ ୧୨୦ ବୋତଲ ଓ୍ୱିନସେରାକ୍ସ କଫସିରପ ଏବଂ ନଗଦ ୧୫,୨୦୦ ଟଙ୍କା ଜବତ କରିଥିଲା। ଅଭିଯୁକ୍ତ ମଣ୍ଟୁ ଓରାମକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ମହାଷ୍ଟମୀରେ ମା' ସମଲେଶ୍ୱରୀଙ୍କ ଖଣ୍ଡାଧୂଆ ନୀତି



ସମ୍ବଲପୁର, ୨୯।୯ (ସମିସ) : ମା' ସମଲେଶ୍ୱରୀ ମନ୍ଦିରରେ ଆଜି ମହାଷ୍ଟମୀ ପୂଜା ସହ ମା' ସମଲେଶ୍ୱରୀଙ୍କ ଖଣ୍ଡାଧୂଆ ନୀତି ସମ୍ପନ୍ନ ହୋଇଛି। ଏହାସହ ଆଖଡ଼ା ନଗର ପରିକ୍ରମା ମଧ୍ୟ କରିଛି। ପୂଜକ ମା'ଙ୍କ ଗର୍ଭଗୃହରେ ଥିବା ଖଣ୍ଡା ଗୁଡ଼ିକ ନେଇ ମହାନଦୀର ମଚ୍ଛିନ୍ଦ୍ର ଘାଟରେ ଧୋଇବା ପରେ ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁସାରେ ମହାଷ୍ଟମୀ ଦିନ ମହାନଦୀରେ ମା'ଙ୍କ ଖଣ୍ଡାପୂଜା ହୋଇଥାଏ। ଏଥିପାଇଁ ପୂଜକମାନେ ରୀତିନୀତି ଅନୁସାରେ ବାଜାଗଜା ସହ ମହାନଦୀକୁ ଯାଇଥାନ୍ତି। ସେଠାରୁ ଫେରିବା ପରେ ମା'ଙ୍କ ସନ୍ଧିପୂଜା ହୋଇଥାଏ। ସେହିପରି ପଶ୍ଚିମ ଓଡ଼ିଶାରେ ମହାଷ୍ଟମୀ ଦିନ ଭଉଣୀମାନେ ଭାଇମାନଙ୍କ ଦୀର୍ଘାୟୁ କାମନା କରି ଭାଇଜିଉଁତିଆ ବ୍ରତ ରଖିଥାନ୍ତି। ମା'ଙ୍କଠାରେ ପୂଜା ହୋଇଥିବା ଖଣ୍ଡାରେ ଭଉଣୀମାନେ ଦୁବ ଛୁଆଁଇ ଭାଇମାନଙ୍କୁ ଛୁଆଁଇବା ସହ ସେମାନଙ୍କ ସୁରକ୍ଷା କାମନା କରି ପୂଜା କରିଥାନ୍ତି।

# ସୂର୍ଯ୍ୟଘର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୁଚିଣ୍ଡା, ୨୯।୯(ସମିସ): ବାମରା ବ୍ଲକ୍ ସଦର ମହକୁମାସ୍ଥିତ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୩୦ ଜଣ ଯୁବକ ଯୁବତୀ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ସୋଲାରସିଷ୍ଟମ, ସବସିଡି ଓ ଅନ୍ୟାନ୍ୟ ସୁବିଧା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଗ୍ରହଣ କରିଥିବା ଯୁବକ ଯୁବତୀ ଙ୍କୁ ଆବଶ୍ୟକ କ୍ଷେତ୍ର ରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ବାମରା ବ୍ଲକ୍ ସରପଞ୍ଚ ସଂଘ ସଭାପତି ତଥା ଗୋବିନ୍ଦପୁର ସରପଞ୍ଚ ବିମଲ୍ ଲାକ୍ରା ଯୋଗ ଦେଇ ଉପସ୍ଥିତ ଯୁବକ ଯୁବତୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ମାଷ୍ଟରଟ୍ରେନର କମଲ ପୂଜାରୀ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ରଶ୍ମୀ ନାଏକ, ମୁନ୍ନା ପୂଜାରୀ ଓ ସୋନିଆ ମାଝୀଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।











































# ଶ୍ରୀକ୍ଷେତ୍ର ସିଟି

୨୯/୯/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୭୭,୩୨୧/- ସୁନା: ୦୦.୪୪୦ ଗ୍ରାମ୍ ରୁପା: ୫୬.୬୦୦ ଗ୍ରାମ୍





## ଉତ୍ସବମୁଖର ଶ୍ରୀକ୍ଷେତ୍ର

# ପୀଠ, ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଗହଳି


ବାଲିସାହି ଜହ୍ନିଖାଇ


ମା' ବେଲାବାଇ


ଗୁଡ଼ିଆସାହି ରାବଣ


ଜହ୍ନିମୁଣ୍ଡିଆ


ହଜୁରୀଗଳିର ମା' ହରପ୍ରିୟା


ହରଚଣ୍ଡିସାହିର ପଞ୍ଚମୁଖି ହନୁମାନ


ଶୀତଳପିଣ୍ଡା ସାହି କୁନି ନାଗା


ମାଟିମଣ୍ଡପ ସାହି ଶିବ

ପୁରୀ,୨୯।୯(ସମିସ): ଶାରଦୀୟ ଦଶହରାକୁ ନେଇ ସବୁଠି ଉତ୍ସବମୁଖର ପରିବେଶ। ମା'ଙ୍କ ଆରାଧନାରେ ଗୁଞ୍ଜରିତ ହେଉଛି ଗାଁଠୁ ସହର। ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠ ଓ ମଣ୍ଡପରେ ମା' ଦଶଭୁଜା ଓ ଗୋସାଣୀଙ୍କ ପୂଜା ବେଶ୍ ଧୂମ୍‌ଧାମରେ ଚାଲିଛି। ସୋମବାର ପୀଠରେ ମହାଷ୍ଟମୀ ପୂଜା ଏବଂ ମଣ୍ଡପରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଉଭୟ ଦେବୀପୀଠ ଓ ମଣ୍ଡପରେ ଭକ୍ତଙ୍କ ଗହଳି ହେଉଥିବା ଦେଖିବାକୁ ମିଳୁଛି। ପୀଠ ମଧ୍ୟରେ ମା' ମରିଚୀକା ଠାକୁରାଣୀ, ବାଙ୍କୀ ମୁହାଣ ରାମଚଣ୍ଡୀ, ମା' ଦକ୍ଷିଣକାଳୀ, ଶ୍ୟାମାକାଳୀ, ବାସେଳୀ ଠାକୁରାଣୀଙ୍କ ପୀଠରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଅନ୍ୟପକ୍ଷରେ ମଣ୍ଡପରେ ସୋମବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ହରଚଣ୍ଡୀସାହି ବାରବାଟୀ ଗୋସାଣୀ, ଦୋଳମଣ୍ଡପ ସାହି ଜହ୍ନିଖାଇ ଗୋସାଣୀ, ମାଟିମଣ୍ଡପ ସାହି ଶୂନ୍ୟଗୋସାଣୀ ଓ ଭୋଗଜାଗା, ତିଆଡ଼ିସାହି ହାଡ଼ବାଇ, ବାଲିସାହି ଜହ୍ନିଖାଇ ପ୍ରଭୃତି ଗୋସାଣୀଙ୍କ ସପ୍ତମୀ ପୂଜା କରାଯାଇଛି। ମଙ୍ଗଳବାର ବିଭିନ୍ନ ମଣ୍ଡପରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହେବ।

● ଆସନ୍ତା ୧ରୁ ଚେନ୍ନାଇରେ ବିଏଫ୍‌ଆଇ କପ୍

## ପୁରୀ ବକ୍ସିଂ ଏକାଡେମୀର ୪ ମନୋନୀତ

ପୁରୀ,୨୯।୯(ସମିସ): ଆସନ୍ତା ଅକ୍ଟୋବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଚେନ୍ନାଇର ଭିଆଇଟି ମହାତ୍ମା ଗାନ୍ଧୀ ଅଡିଟୋରିୟମ୍‌ଠାରେ ଭାରତୀୟ ମୁଷ୍ଟିଯୁଦ୍ଧ ମହାସଂଘ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ବିଏଫ୍‌ଆଇ କପ୍-୨୦୨୫। ଏହି ପ୍ରତିଯୋଗିତାରେ ପୁରୀ ବକ୍ସିଂ ଏକାଡେମୀର ୪ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇଛନ୍ତି। ସେମାନେ ହେଲେ ବରିଷ୍ଠ ପୁରୁଷ ବର୍ଗରେ ଅକ୍ଷୟ ନାୟକ (୫୫ରୁ ୬୦ କେଜି), ସ୍ମାରକ ରଞ୍ଜନ ସାହୁ (୬୫ରୁ ୭୦ କେଜି), ବରିଷ୍ଠ ମହିଳା ବର୍ଗରେ ସୁନିତା ଜେନା (୭୦ରୁ ୭୫ କେଜି), ରାକ୍ଷୀ ସ୍ୱାଇଁ (୮୦ କେଜିରୁ ଅଧିକ) ମନୋନୀତ ହୋଇଛନ୍ତି। ରବିବାର ଖେଳାଳିମାନେ ଟ୍ରେନ୍ ଯୋଗେ ଚେନ୍ନାଇ ଯାତ୍ରା କରିଛନ୍ତି। ଖେଳାଳିଙ୍କ ସଫଳତା କାମନା କରି ଓଡ଼ିଶା ଅଲିମ୍ପିକ୍ସ ସଂଘ ସଭାପତି ସମୀର ମହାନ୍ତି, କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସାଂସଦ ସମ୍ବିତ ପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଅନୀଲ ଗୋଛିକାର, ବିନୋଦ ସିଂ, ବିଶ୍ୱଭୂଷଣ ପଣ୍ଡା, ପ୍ରଦୀପ ଦାସ, ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ମାସକରେ ୩୨ ମୋବାଇଲ୍ ହସ୍ତାନ୍ତରକଲା ପୁଲିସ

ପୁରୀ,୨୯।୯(ସମିସ): ଶ୍ରୀମନ୍ଦିର ହେଉ କିମ୍ବା ବେଳାଭୂମି ଅବା ବିଭିନ୍ନ ଗହଳି ସ୍ଥାନରେ ସକ୍ରିୟ ହେଉଛନ୍ତି ମୋବାଇଲ୍ ଲୁଟେରା। ଆଖି ପିଛୁଳାକେ ଝାମ୍ପି ନେଉଛନ୍ତି ଫୋନ୍। ସେହିପରି ବିଭିନ୍ନ ସମୟରେ ମୋବାଇଲ୍ ଫୋନ୍ ହଜିଯାଇଥିବା ନେଇ ବିଭିନ୍ନ ଥାନାରେ ମାମଲା ହେଉଛି। ତେଣୁ ଚୋରି ଏବଂ ମିସିଂ ମୋବାଇଲ୍ ଫୋନ୍ କିପରି ମିଳିବ ସେ ନେଇ ପୁରୀ ପୁଲିସ ପକ୍ଷରୁ ଚାଲିଛି ସନ୍ଧାନ ଅଭିଯାନ। ଏହି ଅଭିଯାନରେ ମୋବାଇଲ୍ ଫୋନ୍ ଉଦ୍ଧାର କରିବାରେ ସିଟି ସବ୍‌ଡିଭିଜନ୍‌କୁ ମିଳିଛି ବଡ଼ ସଫଳତା। ଗତ ୧ ମାସ ମଧ୍ୟରେ ସିଟି ସବ୍‌ଡିଭିଜନ୍‌ର ବିଭିନ୍ନ ଥାନାର ସକ୍ରିୟ ପରିଚାଳନାରେ ୩୨ଟି ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇ ଅଧିକୃତ ବ୍ୟକ୍ତିଙ୍କ ହସ୍ତାନ୍ତର କରାଯାଇଛି। ଏହି ବିଶେଷ ଅଭିଯାନର ନେତୃତ୍ୱ ଏସ୍‌ପି ପ୍ରତୀକ ସିଂଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ କରାଯାଇଥିଲା। ସାଇବର ଥାନା ଓ ସିଟି ସବ୍‌ଡିଭିଜନ୍‌ର ପୁଲିସ କର୍ମଚାରୀଙ୍କ ଯୋଗୁଁ ଏହି ସଫଳତା ଆସିଛି। ପୁରୀ ପୁଲିସ ପକ୍ଷରୁ ନିୟମିତ ଭାବେ ଜନସାଧାରଣ ହରାଇଥିବା ଫୋନ୍ ସନ୍ଧାନ କରି ଫେରାଇବା ଉପରେ ପ୍ରାଥମିକତା ଦିଆଯାଉଛି। ମୋବାଇଲ୍ ଫୋନ୍ ବ୍ୟବହାରବେଳେ ସତର୍କତା ଅବଲମ୍ବନ କରିବା ସହିତ ହଜିଲେ କିମ୍ବା ଚୋରି ହେଲେ ପ୍ରଥମେ ନିକଟସ୍ଥ ଥାନାରେ ସୂଚନା ଦେବାକୁ ଅନୁରୋଧ କରିଛି ପୁଲିସ।

## କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କଙ୍ଗାରୁ କୋର୍ଟର ନିର୍ଦ୍ଦେଶ କାଏମ୍

କଣାସ,୨୯।୯(ସମିସ): ଦୀର୍ଘ ୫ବର୍ଷ ହେଲା କଣାସ ବ୍ଲକ୍ ବଡାଲ ଗ୍ରାମପଞ୍ଚାୟତର ବଡ଼ଓରା ଗ୍ରାମର ଶରତ ସାହୁ, ବିରଞ୍ଚି ସାହୁ, ବିଦୁର ସାହୁଙ୍କୁ ଗ୍ରାମ୍ୟ କଙ୍ଗାରୁ କୋର୍ଟରେ ନିଆଁ, ପାଣି, ମନ୍ଦିର, ଦୋକାନରୁ ସଉଦା କିଣିବା ବାସନ୍ଦ କରାଯାଇଛି। ଉକ୍ତ ପରିବାର ହାଇକୋର୍ଟରେ ମୋକଦ୍ଦମା ରୁଜୁ କରିଆସୁଥିବା ବେଳେ ହାଇକୋର୍ଟ ତହସିଲ୍‌ଦାର ଓ ଗଡ଼ିଶାଗୋଦା ପୁଲିସକୁ ତିନି ପରିବାର ଯେପରି ନ୍ୟାୟ ପାଇବେ ସେଥିପାଇଁ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ପୁଲିସ୍ ଓ ତହସିଲ୍‌ଦାର ବିଫଳ ହୋଇଛନ୍ତି।

### ତହସିଲ୍‌ଦାର ଓ ପୁଲିସ ନିରବ

ଉକ୍ତ ପରିବାର ମାନବାଧିକାର କମିଶନଙ୍କ ନିକଟରେ ଗତ ୧୭ ତାରିଖ ଦିନ ଜନ୍ତାଳ ଓ ୨୮ ତାରିଖ ଦିନ ଠାକୁର ଦୁଆରେ ଯେପରି ଭୋଗ ଖାଇବେ ଅଭିଯୋଗ କରିଥିଲେ। ସେଥିପାଇଁ କମିଶନର କଣାସ ତହସିଲ୍‌ଦାର ଓ ଗଡ଼ିଶାଗୋଦା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଗଡ଼ିଶାଗୋଦା ପୁଲିସ୍ ଓ ତହସିଲ୍‌ଦାର ବିଫଳ ହୋଇଥିବାରୁ ଉକ୍ତ ପରିବାର ଜନ୍ତାଳରେ ଭାଗ ନେଇପାରିଲେ ନାହିଁ କିମ୍ବା ୨୮ ତାରିଖ ଦିନ ଦୁଆରି ଭୋଗ ଠାକୁର ଖାଇବାରୁ ବଞ୍ଚିତ ହେଲେ। ଏ ସମ୍ପର୍କରେ କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରିଙ୍କୁ ପଚାରିବାରୁ ମୁଁ ମେଡିକାଲ୍‌ରେ ଥିବାରୁ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇଥିଲି ବୋଲି କହିଛନ୍ତି। ଗଡ଼ିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସଙ୍କୁ ପଚାରିବାରୁ ତହସିଲ୍‌ଦାର ମୁଖ୍ୟ ଦାୟିତ୍ୱରେ ଥିବାବେଳେ ଆମେ କେବଳ ଲ' ଆଣ୍ଡ ଅର୍ଡର ପାଳନ ପାଇଁ ଥିଲୁ। ଉକ୍ତ ତିନି ପରିବାର ଭୋଗ ଖାଇବାରେ ସହଯୋଗ କଲେ ନାହିଁ ବୋଲି କହିଛନ୍ତି।

## ନବରାତ୍ରୀକୁ ନେଇ ରାଜ୍ୟସ୍ତରୀୟ ଆଲୋଚନା

# ଶକ୍ତିପୀଠ ମଧ୍ୟରେ ଶ୍ରୀକ୍ଷେତ୍ରର ସ୍ୱତନ୍ତ୍ରତା ରହିଛି

ପୁରୀ,୨୯।୯(ସମିସ): ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ ଓଡ଼ିଶା ଓ ସମତା ସାହିତ୍ୟ ସମିତିର ମିଳିତ ଆନୁକୂଲ୍ୟରେ ନବରାତ୍ରୀ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର କୁଳମଣି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଲକ୍ଷ୍ମୀ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଚୁନରା ସେବକ ଡ. ଶରତ କୁମାର ମହାନ୍ତି ଯୋଗଦେଇ କହିଲେ ଭାରତ ବର୍ଷରେ ଯେତେ ଶକ୍ତିପୀଠ ରହିଛି ତନ୍ମଧ୍ୟରେ ଶ୍ରୀକ୍ଷେତ୍ର ଏକ ସ୍ୱତନ୍ତ୍ରତା ବହନ କରେ। ପ୍ରତ୍ୟେକ ସ୍ଥାନରେ ନବରାତ୍ରୀ ସମୟରେ ନବଦୁର୍ଗାଙ୍କୁ ଆରାଧନା କରାଯାଉଥିବା ବେଳେ ଶ୍ରୀକ୍ଷେତ୍ରରେ ଦୁର୍ଗା ଏବଂ ମାଧବଙ୍କୁ ଏକତ୍ର ଉପାସନା କରାଯାଏ। ଏହାକୁ ଦୁର୍ଗାମାଧବ ଉପାସନା ବା ଶାକ୍ତ ଗୁଣ୍ଡିଚା କୁହାଯାଏ। ବିଜୟା ଦଶମୀ (ଦଶହରା) ଦିନ ଦେବୀଙ୍କୁ ପ୍ରଦାନ କରାଯାଇଥିବା ଦିବ୍ୟ ଆୟୁଧମାନେ ମହାପ୍ରଭୁଙ୍କ ରାଜାଧିରାଜ ବା ରାଜରାଜେଶ୍ୱର ବେଶରେ ଶ୍ରୀହସ୍ତରେ ପ୍ରଦାନ କରାଯିବା ସହିତ ମା' ସୁଭଦ୍ରାଙ୍କ କର୍ଣ୍ଣ ଅଳଙ୍କାର ତଡ଼ାଗି ମଧ୍ୟ ଲାଗି କରାଯାଏ। ଏହାପରେ ଦୁର୍ଗାମାଧବ, ମଦନମୋହନ ଏବଂ ରାମକୃଷ୍ଣ ବୀର ବେଶରେ ସଜ୍ଜିତ ହୋଇ ନିଜ ନିଜର ବିମାନ ଆରୋହଣ ପୂର୍ବକ ବଡ଼ଦେଉଳକୁ ଗୋଟିଏଥର ପ୍ରଦକ୍ଷିଣ କରି ଦଶହରା ପଡ଼ିଆକୁ ବା ମହାଖଳାକୁ ବିଜେ କରନ୍ତି। ସେଠାରେ ଶୀତଳ ଭୋଗ ସମାପନ ପରେ ବଡ଼ ଦେଉଳକୁ ବାହୁଡ଼ା ବିଜେ କରନ୍ତି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଡ. ପ୍ରମୋଦ କୁମାର ଦଳାଇ, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଶିକ୍ଷାବିତ୍ ସୁଚରିତା ପ୍ରତିହାରୀ, ନିର୍ମଳା ଫତେସିଂ, ଡ. ଦିଲ୍ଲୀପ ସେନାପତି ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରାରମ୍ଭରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ସନ୍ଦୀପ କର୍ମକାର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପଣ୍ଡିତ ସଦାଶିବ ମିଶ୍ର, ଅଧ୍ୟାପକ ଅଶୋକ କୁମାର ମିଶ୍ର, ଶିକ୍ଷାବିତ୍ ସୁନନ୍ଦା ମହାନ୍ତି, ପ୍ରଭାତ ଚନ୍ଦ୍ର ରଥ, ଶିକ୍ଷାବିତ୍ ଦୀପ୍ତି ମିଶ୍ର, ବିପିନ ବିହାରୀ ଦଳାଇ, ଗୋଲକ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ଦାସ, ସତ୍ୟଭାମା ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଦାଶିବରେ ବିକଶିତ ଭାରତ ଯୁବ ସଂଯୋଗ କାର୍ଯ୍ୟକ୍ରମ

ପୁରୀ,୨୯।୯(ସମିସ): ବିକଶିତ ଭାରତ ଯୁବ ସଂଯୋଗ କାର୍ଯ୍ୟକ୍ରମ ପୁରୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷୀୟ ଉଦ୍‌ବୋଧନ ପ୍ରଦାନ କରିଥିଲେ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର। ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ସୁଶ୍ରୀ ସରିତା ପଟେଲ। ଯୁବ କର୍ମକର୍ତ୍ତା ଅଜିତ କୁଶୱାହା, ମୁଖ୍ୟବକ୍ତା ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଯୋଗଦେଇଥିଲେ। ଏଥିରେ ଯୁବ ଆଇକନ୍ ଭାବେ ମିସ୍ ଚସମୀତ କୌର୍ ବିର୍‌ଦୀଙ୍କୁ ସ୍ୱାଗତ କରାଯାଇଥିଲା। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡା. ଗୋଲକ ବିହାରୀ ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣ ବିସ୍ଫୋରଣ ଘଟି ଜଣେ ଗୁରୁତର

ନୟାହାଟ,୨୯।୯(ସମିସ): ସୋମବାର ନୟାହାଟ ଅଞ୍ଚଳରେ ବାଣ ତିଆରି ବେଳେ ବିସ୍ଫୋରଣ ଘଟି ସୁଧିର ଦାସ ନାମକ ଜଣେ ବ୍ୟକ୍ତି ଆହତ ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ପାଞ୍ଚେଣା ଗ୍ରାମରେ ସୁଧିର ଦାସ ନାମକ ଜଣେ ବ୍ୟକ୍ତି ତାଙ୍କ ଛାତ ଉପରେ ବାଣ ତିଆରି କରୁଥିବାବେଳେ ପୂର୍ବାହ୍ନ ୧୦ଟାରେ ବିସ୍ଫୋରଣ ଘଟି ସେ ଆହତ ହୋଇଥିଲେ। ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ଗୋପ ଓ ନୟାହାଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ଆହତଙ୍କୁ ଡାକ୍ତରଖାନାକୁ ପଠାଇଥିଲେ। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ ବାଣ ବିସ୍ଫୋରଣ ହୋଇନଥିବା କହିବା ସହ ସେ ପଡ଼ିକି ମୁଣ୍ଡ ଫାଟିଯାଇଛି ବୋଲି କହିଛନ୍ତି। ସେ ବାଣ ତିଆରି କରୁଥିବା ତା'ର କିଛି ବିରୋଧୀ ଲୋକ ଅପପ୍ରଚାର କରୁଛନ୍ତି। ସେପଟେ କିନ୍ତୁ ସୁଧିରଙ୍କ ଘରପାଖ ଲୋକେ କହିଛନ୍ତି ଯେ, ପ୍ରଚଣ୍ଡ ଶବ୍ଦ ହେଲା ଓ ଗାଁ ରାସ୍ତାଘାଟ ଧୂଆଁମୟ ହୋଇଗଲା। ଏ ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇନାହିଁ। ତେବେ ଏଠାରେ ପ୍ରଶ୍ନ ଉଠୁଛି ବାଣ ବିସ୍ଫୋରଣକୁ ପୁଲିସ କାହିଁକି ଘଣ୍ଟ ଘୋଡ଼ାଉଛି। ବାଣ ତିଆରିରେ ପୁଲିସର ହାତ ଥିବା ସ୍ପଷ୍ଟ ସୂଚନା ଦେଉଛି। ସ୍ଥାନୀୟଲୋକଙ୍କ ଅଭିଯୋଗ ଅନୁସାରେ, ନୟାହାଟ ଅଞ୍ଚଳରେ ବିନା ଲାଇସେନ୍ସରେ ବାଣ ତିଆରି ଚାଲିଛି। ପୁଲିସ ସବୁ ଜାଣିଶୁଣି ଚୁପ୍ ରହୁଥିବାବେଳେ କିଛି ଅଘଟଣ ଘଟିଲେ ଏହା ସାମ୍ନାକୁ ଆସିଯାଉଛି।

## କାର୍ତ୍ତିକ ବ୍ରତ ପାଇଁ ପୁଲିସର ସମନ୍ୱୟ ବୈଠକ

# ବ୍ରତଧାରୀଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ପୁରୀ,୨୯।୯(ସମିସ): ଆସନ୍ତା ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାୟ ୧ ମାସ ଧରି ପୁରୀରେ ହବିଷ୍ୟାଳିମାନଙ୍କର ପ୍ରବଳ ଗହଳି ରହିବ। ବ୍ରତଧାରୀମାନେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳାରେ ରହି ହବିଷ କରିବେ। ଏତଦ୍‌ବ୍ୟତୀତ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ମଧ୍ୟ ୨,୫୦୦ ବ୍ରତଧାରୀ ୪ଟି କେନ୍ଦ୍ରରେ ରହିବେ। ସବୁ ହବିଷ୍ୟାଳି ମା'ମାନେ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯିବେ। ମନ୍ଦିରରେ ମଧ୍ୟ ପ୍ରବଳ ଭିଡ଼ ହେବ। ତେଣୁ ସେମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରି ସୁରକ୍ଷିତ ଭାବେ ଯାତାୟାତ କରିବେ ତା' ଉପରେ ଗୁରୁତ୍ୱ ଦେଉଛି ପୁଲିସ ପ୍ରଶାସନ। ଏଥିପାଇଁ ପୁରୀ ପୁଲିସ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯିବ। ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶାନୁସାରେ ହବିଷ୍ୟାଳି ମା'ମାନଙ୍କ ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯିବ। ସେହିପରି ହବିଷ୍ୟାଳି ଯୋଜନାରେ ବ୍ରତଧାରୀମାନେ ରହୁଥିବା ସବୁ କେନ୍ଦ୍ରରେ ମଧ୍ୟ ପୁଲିସ ମୁତୟନ ହେବେ। ଏହି କେନ୍ଦ୍ରରେ ମହିଳା ପୁଲିସଙ୍କୁ ନିୟୋଜନ କରାଯିବ। ଶ୍ରୀମନ୍ଦିର ପରିସର, ସିଂହଦ୍ୱାର, ବଡ଼ଦାଣ୍ଡ ଓ ସମୁଦ୍ର କୂଳରେ ମଧ୍ୟ ବିଶେଷ ସୁରକ୍ଷା ବ୍ୟବସ୍ଥା ରହିବ। ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସମସ୍ତ ଥାନା ବିଶେଷକରି ସିଂହଦ୍ୱାର, ବଳିଆପଣ୍ଡା, ତାଳବଣିଆ, କୁମ୍ଭାରପଡ଼ା, ସମୁଦ୍ରକୂଳ ଓ ଟ୍ରାଫିକ୍ ଥାନାରେ ଅତିରିକ୍ତ ପୁଲିସ ପ୍ରସ୍ତୁତ ରହିବେ। ସିସିଟିଭି ନିରୀକ୍ଷଣ ଓ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା ହେବ। ଏଥିପାଇଁ ସୋମବାର ଟାଉନ ଥାନା ପରିସରରେ ଏସ୍‌ପିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ସୁରକ୍ଷା ବାଟାଲିୟନର କମାଣ୍ଡାଣ୍ଟ ତାପସ ଦାସ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଅତିରିକ୍ତ ଏସ୍‌ପି ଦେବ ପ୍ରତାପ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୌଶିକ ନାୟକ, ଦୀପକ ଗଡ଼ନାୟକ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଟ୍ରାଫିକ୍ ଥାନାଧିକାରୀ ଜୟଦୀପ ମହାନ୍ତି, କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ ସାହୁ, ମନ୍ଦିର ବାଟାଲିୟନର ଘନଶ୍ୟାମ ହେମ୍ବ୍ରମ ଓ ନାରାୟଣ ରାଉତ, ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ, ବାସେଳୀସାହି ଥାନାଧିକାରୀ ବିକ୍ରମ ଜେନା, ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର, ବଳିଆପଣ୍ଡା ଥାନାଧିକାରୀ ସଙ୍ଗୀତା ଦାଶ, ତାଳବଣିଆ ଥାନାଧିକାରୀ ଗୀତାଞ୍ଜଳି ନାୟକ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତିଙ୍କ ସହିତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ତ୍ତିକ ବ୍ରତ ସମୟରେ ପୁଲିସକୁ ସହଯୋଗ କରିବା ଲାଗି ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଯାତାୟାତ ନିୟମ ପାଳନ କରିବେ। କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବ୍ୟକ୍ତିଙ୍କ ବିଷୟରେ ପୁଲିସକୁ ତୁରନ୍ତ ଜଣାଇବାକୁ ବିଭାଗ ପକ୍ଷରୁ କୁହାଯାଇଛି।







# 'ଶ୍ରୀଜଗନ୍ନାଥଙ୍କ ଇତିହାସ ବିକୃତ କରା ନ ଯାଉ'

ପୁରୀ,୨୯।୯(ସମିସ)

ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କୁ ନେଇ ଅନେକ ଇତିହାସ ରହିଛି। ଏଥିମଧ୍ୟରୁ ଏମିତି କିଛି ଇତିହାସ ଅଛି ଯାହା ସ୍ପଷ୍ଟ ଏବଂ ଏହା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ ଏହିଭଳି ତଥ୍ୟ ବା ଇତିହାସକୁ ଜାଣିଶୁଣି କିଛି ବ୍ୟକ୍ତି ବିକୃତ କରୁଛନ୍ତି। ମହାପ୍ରଭୁଙ୍କ ସଂକ୍ରାନ୍ତରେ ଏଭଳି ବିକୃତ ଇତିହାସକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର। ଶ୍ରୀଜଗନ୍ନାଥଙ୍କ ଐତିହ୍ୟକୁ ନେଇ ସେହିପରି ଏକ ବିଭ୍ରାନ୍ତମୂଳକ ତଥ୍ୟ ମାୟାପୁରରେ ଥିବା ରାଜାପୁର ମନ୍ଦିରର ଇତିହାସ ପୁସ୍ତକ (ଯାହାର ନାମ ହେଉଛି 'ପ୍ରଭୁ ଜଗନ୍ନାଥଙ୍କର ଲୀଳା ଓ ଇତିହାସ ପୁସ୍ତକ')ରେ ଦେଖିବାକୁ ମିଳିଛି ବୋଲି ଡ. ମିଶ୍ର ସୂଚନା ଦେଇଛନ୍ତି।

ଡ. ମିଶ୍ରଙ୍କ କହିବା ଅନୁଯାୟୀ, ଏହି ବହିଟିକୁ ପଙ୍କଜଗିରୀ ଦାସ ଲେଖିଥିବାବେଳେ ଅନୁବାଦ କରିଛନ୍ତି ମନମୋହନ ବେହେରା। ତେବେ ପୁସ୍ତକରେ ଲେଖକ ଓ ଅନୁବାଦକଙ୍କର ଠିକଣା ନ ଥିବାବେଳେ ପ୍ରକାଶକ ଓ ମୁଦ୍ରଣ ସ୍ଥାନ ମଧ୍ୟ ନାହିଁ। ୨୦୧୦ରେ ପ୍ରକାଶିତ ଏହି ପୁସ୍ତକର ପ୍ରଥମ ଅଧ୍ୟାୟର ଶୀର୍ଷକ 'ଶ୍ରୀଜଗନ୍ନାଥ ସୀମାନ୍ତ ଦ୍ୱୀପକୁ ଆସିଲେ କିପରି'। ଏହି ଅଧ୍ୟାୟରେ

### ଅଣ ଇତିହାସ ତଥ୍ୟକୁ ନିଜିକରଣ କରାଯାଉଛି

ମାରାତ୍ମକ ପ୍ରମାଦ ଉଲ୍ଲେଖ କରାଯାଇଛି। ଏଥିରେ ଶ୍ରୀମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣ ଓ ଆକ୍ରମଣକାରୀ ରକ୍ତବାହୁ ପ୍ରସଙ୍ଗ ସ୍ଥାନ ପାଇଛି। ଶ୍ରୀମନ୍ଦିର ଉପରେ ଆକ୍ରମଣ ଜାଣିବା ପାଇଁ ରୁଚି ରଖିଥିବା ସମସ୍ତେ ଜାଣନ୍ତି ରକ୍ତବାହୁ ଆକ୍ରମଣବେଳେ ସେବକମାନେ ଶ୍ରୀଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାନଦୀ ଜଳପଥରେ ସ୍ଥାନାନ୍ତର କରିଥିଲେ। ସୋନପୁରର ଗୋପାଳି ଘାଟରେ ଅବତରଣ କରି ଛଳିଆ ପାହାଡ଼ ପାଦଦେଶରେ 'ବାଘପାଲି'ଠାରେ ୪୫ବର୍ଷ ଓ ତାହା ପରେ ପାହାଡ଼ ଉପରେ ଥିବା ଗୁମ୍ଫାରେ ୯୯ ବର୍ଷ ରଖିଥିଲେ। ଏଠାରେ ମହାପ୍ରଭୁ ପାତାଳି ହୋଇଥିବାରୁ ସେହି କ୍ଷେତ୍ର 'ପାତାଳି ଶ୍ରୀକ୍ଷେତ୍ର' ଭାବରେ ପରିଚିତ। ମାଦଳା ପାଞ୍ଜି ଏବଂ ଇତିହାସ ଦ୍ୱାରା ଏହା ସମର୍ଥିତ। ୧୪୪ ବର୍ଷ ପରେ ମହାରାଜା ଯଯାତି କେଶରୀଙ୍କ ସମୟରେ ପୁରୀ ଆଗମନ କରିଥିଲେ। କିନ୍ତୁ ରାଜପୁରରେ... ପୁସ୍ତକରେ ଲେଖାଯାଇଛି, ମହାପ୍ରଭୁ ଶ୍ରୀମନ୍ଦିରର ମୁଖ୍ୟ ପୂଜାରୀଙ୍କୁ ସ୍ୱପ୍ନାଦେଶ କଲେ ଯେ ମୋର ବିଗ୍ରହମାନଙ୍କୁ ଶ୍ରୀମନ୍ଦିରରୁ ବାହାର କରି ବଙ୍ଗ ଅଭିମୁଖେ ଯାତ୍ରା ଆରମ୍ଭ କରିଦିଅ। ସେବକମାନେ ଦ୍ୱାଦଶ ଦିନ ନବଦ୍ୱୀପରେ ପହଞ୍ଚିଥିଲେ ଶ୍ରୀଚତୁର୍ଦ୍ଧାମୂର୍ତ୍ତିଙ୍କୁ ନେଇ। ପ୍ରଭୁଙ୍କୁ ନେଇ ଯାଇଥିବା ଶବରମାନଙ୍କୁ ସ୍ୱପ୍ନାଦେଶ ହେଲା ସେହି ସ୍ଥାନରେ ରହିବାକୁ ଇଚ୍ଛା। ପ୍ରଭୁ ସ୍ଥାୟୀ ଭାବରେ ସେଠାରେ ରହିଥିଲେ। ସମୟର ପ୍ରଭାବରେ ଶ୍ରୀବିଗ୍ରହମାନେ ଓ ମନ୍ଦିର ସେ ସ୍ଥାନରୁ ଅଦୃଶ୍ୟ ହୋଇଗଲା। ଏହି ମନଗଢ଼ା କାହାଣୀରେ ପ୍ରଭୁ ଫେରିବା କଥା ନାହିଁ। ଏହି କାହାଣୀକୁ ଶ୍ରୀଲ ଭକ୍ତିବିନୋଦ ଠାକୁର ନବଦୀପଧାମ ମହିମା ପୁସ୍ତକରେ ଅନୁମୋଦନ କରିଛନ୍ତି ବୋଲି ଲେଖାଯାଇଛି।

ତେବେ ଐତିହ୍ୟ ବିଶାରଦ ଡ. ମିଶ୍ର ମତ ଦେଇଛନ୍ତି ଏପରି ଏକ ମନଗଢ଼ା କାହାଣୀକୁ ଭକ୍ତମାନଙ୍କ ପାଖରେ ଗ୍ରହଣ କରାଇନେବା ପାଇଁ ଶ୍ରୀଲ ଭକ୍ତିବିନୋଦଙ୍କ ଅନୁମୋଦନ ମୋହର ବ୍ୟବହାର କରାଯାଇଛି। ନିଛକ ଅଣ-ଇତିହାସ ତଥ୍ୟକୁ ନିଜିକରଣ କରିବାର ଦୃଷ୍ଟାନ୍ତ ଓ ଧୃଷ୍ଟତା ବିଶ୍ୱରେ ବିରଳ। ଶ୍ରୀପ୍ରଭୁପାଦଙ୍କ ସ୍ଥାପିତ ସଂସ୍ଥା ଅର୍ବାଚୀନ ସ୍ଥାନରେ ଏକ ମନ୍ଦିରରେ ନିର୍ମାଣ କରି ମହାପ୍ରଭୁଙ୍କ ଐତିହ୍ୟକୁ ବିକୃତ କରିବାର ଉଦ୍ଦେଶ୍ୟ ମର୍ମାହତ କରିଛି ବୋଲି ଡ. ମିଶ୍ର କହିଛନ୍ତି। ଆଉ କିଛିବର୍ଷ ପରେ ସେଇଠୁ ମହାପ୍ରଭୁ ଆବିର୍ଭୂତ ହୋଇ ସେମାନଙ୍କ ଦ୍ୱାରା ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି ବୋଲି ନ ଲେଖିବେ କାହିଁକି? ସେଥିପାଇଁ ଉତ୍ସବ ବି ପାଳିବେ, ଭାରତର ବଡ଼ବଡ଼ିଆଙ୍କୁ ଡାକି ସଭା ବି କରିବେ। ଆମେ ଆବାକାବା ହେଇଯିବାନି ତ ବୋଲି ଡ. ମିଶ୍ର ପ୍ରଶ୍ନ କରିଛନ୍ତି।

ସକାଳ THE SAKALA



# ନାଥସାହିରେ ଅଷ୍ଟଭୂଜା ଦୁର୍ଗାପୂଜା



**ଦୋଲସାହି,୨୯।୯ (ସମିସ):** ତିହିଡି ବ୍ଲକ୍ ଅଧୀନ ଦୋଲସାହି ପଞ୍ଚାୟତ ନାଥସାହି ଠାରେ ୨ଶହ ବର୍ଷ ହେବ ପୂଜା ପାଇ ଆସୁଛନ୍ତି ମା' ଦୁର୍ଗା। ତେବେ ବିଶେଷତ୍ୱ ହେଉଛି ଏଠି ମାଆ ଦୁର୍ଗା ଅଷ୍ଟଭୁଜା ରୂପ ଧାରଣ କରି ପୂଜା ପାଉଛନ୍ତି। ବହୁ ବର୍ଷ ଆଗରୁ ଭକ୍ତ ନିଜର ମାନସିକ ପୂରଣ ପାଇଁ ବୋଦା ବଳି ପଡୁଥିଲା। ପ୍ରଶାସନ ପକ୍ଷରୁ ବଳି ପ୍ରଥା ବନ୍ଦ ହେବା ପେର ଭକ୍ତମାନେ କଖାରୁ ବଳି ମହାସପ୍ତମୀରୁ ମହାନବମୀ ପର୍ଯ୍ୟନ୍ତ ନିଜର ମାନସିକ ପୂରଣ ପାଇଁ ପକାଇଥାନ୍ତି।

# ବଙ୍ଗାଳିସାହିରେ ପାଞ୍ଚଶହ ବର୍ଷର ଦୁର୍ଗା ପୂଜା

**ବନ୍ତ/ଆଗରପଡ଼ା,୨୯।୯ (ସମିସ):** ଶାରଦୀୟ ଦୁର୍ଗାପୂଜା ପୁରପଲ୍ଲୀଠାରୁ ସହରବଜାର ପର୍ଯ୍ୟନ୍ତ ଅପୂର୍ବ ଧାର୍ମିକ ଭାବନା ଓ ଚେତନା ମଧ୍ୟରେ ଆରମ୍ଭ ହୋଇଛି। ଆଗରପଡ଼ାସ୍ଥିତ ବଙ୍ଗାଳୀସାହିଠାରେ ମଧ୍ୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ଉକ୍ତ ସାହିରେ ବିଶେଷ କରି ମା'ଙ୍କର ଅଷ୍ଟମୀ ପୂଜାରେ ମାନସିକଧାରୀ ମାନେ କଖାରୁ ଛେଦନ ପାଇଁ ଦାନ କରିଥାନ୍ତି।



ସୋମବାରଠାରୁ ମଣ୍ଡପରେ ଯଥାରୀତି ପୂଜାର୍ଚ୍ଚନା ସହ ଭଜନ କୀର୍ତ୍ତନ ଆରମ୍ଭ ହୋଇଛି। ଜନଶ୍ରୁତି କହେ ପ୍ରାୟ ୫ ଶହ ବର୍ଷ ତଳେ ଏହି ପୂଜା ଏଠାରେ ଆରମ୍ଭ ହୋଇଥିଲା। ବଙ୍ଗାଳିସାହୀ ବାସିନ୍ଦା ସ୍ୱର୍ଗତ ଶଙ୍କର ପାଳ ଜଣେ ଗରୀବ ଲୋକଥିଲେ। ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ସୂତା ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱପ୍ନାଦେଶ ପରେ ସେ ଏହି ପୂଜା ଆରମ୍ଭ କରିଥିଲେ। ତତ୍କାଳୀନ ଆଗରପଡ଼ା ମାହାଲ ରାଜା ଏହି ପୂଜା ପାଇଁ ୩ ଏକର ଜମି ଦାନ କରିଥିଲେ। ସେହିଦିନଠାରୁ ଏହି ପୂଜା ନିରବଚ୍ଛିନ୍ନ ଭାବେ ପାଳନ ହୋଇଆସୁଛି। ବଙ୍ଗାଳୀସାହି ଉପରସାହିର ୮୨ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଦୁର୍ଗାପୂଜା ପାଳିତ ହୋଇଆସୁଛି। ତତ୍କାଳୀନ ମହାଜୀବ ରାଜା ଏହି ପୂଜା ପାଇଁ ଦେଢ ଏକର ଜମି ଦାନ କରିଛନ୍ତି। ଏହି ସାହିର ମଝିସାହିରେ ବିଶିଷ୍ଟ ଶିଳ୍ପୀ ସ୍ୱର୍ଗତ ଶଙ୍କର ଚୌଧୁରୀଙ୍କ ପ୍ରଚେଷ୍ଟାରେ ଦୁର୍ଗାପୂଜା ପ୍ରାୟ ୪୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଏହି ପବିତ୍ର ଆଗରପଡ଼ା ଜନ୍ମସ୍ଥାନରେ ବାରମାସରେ ତେରପର୍ବ କେଉଁ ଆବାହନୀ କାଳରୁ ପାଳନ ହୋଇଆସୁଛି। ଏହି ସ୍ଥାନକୁ ମନ୍ଦିରମାଳିନୀ ମିନି ନଗରୀ କୁହାଯାଉଥିବାରୁ ଓଡ଼ିଶାରେ ଆଗରପଡ଼ା ସ୍ଥାନ ସ୍ୱତନ୍ତ୍ର ବୋଲି ସ୍ଥାନୀୟ ଅଧିବାସୀମାନେ ଗର୍ବ ଅନୁଭବ କରିଛନ୍ତି।

# ଚୋରା ଭାଟି ଭାଙ୍ଗିଲେ ଗାଁ ମହିଳା



**ଅସୁରାଳି,୨୯।୯ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ପଞ୍ଚାୟତର ମଙ୍ଗଳପୁର ଗ୍ରାମର ମହିଳାମାନେ ଦୀର୍ଘ ଦିନ ଧରି ଅଞ୍ଚଳରେ ଚାଲିଥିବା ଅବୈଧ ମଦ ଉତ୍ପାଦନ ବିରୁଦ୍ଧରେ ନିଜେ ସାହସ ଧରି ଆଗକୁ ଆସିଛନ୍ତି। କପାଳୀ ନଦୀ କୂଳରେ ଗଢି ଉଠିଥିବା ଏହି ଭାଟିରୁ ମଙ୍ଗଳପୁର, ସହିଦ୍ନଗର, କୋଠାର ଓ ଅସୁରାଳି ଗ୍ରାମକୁ ଦେଶୀ ବିଦେଶୀ ମଦ ଯୋଗାଣ ହେଉଥିଲା। ଅନେକ ଥର ଅବକାରୀ ବିଭାଗ ଓ ପୁଲିସ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ ଯଥାଯଥ ପଦକ୍ଷେପ ଗ୍ରହଣ ନ କରାଯିବା ଦେଖି ଗ୍ରାମର ମହିଳାମାନେ ନିଜେ ଲାଠି ଡାଙ୍ଗ ନେଇ ଭାଟିକୁ ଧ୍ୱଂସ କରି ଦେଇଛନ୍ତି। ରିଲୁ ଲତା ମଲିକ, ସମ୍ପଦ ମଲିକ, ସନ୍ଧ୍ୟାରାଣୀ ମଲିକ, ଜେମା ମଣି ମଲିକ, ମୀନତି ମଲିକ ଓ ଅନ୍ୟାନ୍ୟ ମହିଳାମାନେ ଏହି ଉଦ୍ୟମର ଅଗ୍ରଣୀ ଭୂମିକା ତୁଲାଇଥିଲେ। ଘଟଣା ପ୍ରଶାସନର ଅବହେଳାକୁ ପ୍ରକାଶ କରିଥିବା ସହ, ଗ୍ରାମବାସୀଙ୍କ ମଧ୍ୟରେ ଆକ୍ରୋଶ ଓ ଜାଗୃତି ଉଭାସିତ କରିଛି। ଅବକାରୀ ବିଭାଗ ଚଢଉ ପରିବର୍ତ୍ତେ ହାତ ଗୁଞ୍ଜା ନେଇ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ମଧ୍ୟ ମିଳିଛି। ଏହି ଅନ୍ୟାୟ ବିରୁଦ୍ଧରେ ମହିଳା ମାନଙ୍କ ଦୃଢ଼ ଅଭିଯାନ ଏକ ସାମୁଦାୟିକ ଜାଗୃତିର ଦୃଷ୍ଟାନ୍ତ ସ୍ଥାପନ କରିଛି। ଏସ୍‌ପି ମନୋଜ ରାଉତଙ୍କୁ ମହିଳା ମାନେ ଅବଗତ କରିଥିବା ପରେ ସେ ଦୃଢ଼ ଭାବେ କହିଛନ୍ତି, ଖୁବ୍ ଶୀଘ୍ର ଉକ୍ତ ଅଞ୍ଚଳରେ ଚୋରା ଭାଟି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଉଦ୍‌ବୋଧନ ମହିଳାମାନଙ୍କ ଆତ୍ମବିଶ୍ୱାସକୁ ବଢ଼ାଇଛି। ତେବେ ଏହି ଅଞ୍ଚଳରେ ଅବୈଧ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ପ୍ରଶାସନ ର ଦୃଢ଼ ଓ ନିଷ୍ପକ୍ଷ ଭୂମିକା ଅତ୍ୟାବଶ୍ୟକ।

# ଶତାବ୍ଦୀ ପୁରୁଣା ଦୁର୍ଗାପୂଜା : ଐତିହ୍ୟ, ଆସ୍ଥା ଓ ଏକତାର ଉତ୍ସବ

**ଅସୁରାଳି,୨୯।୯ (ସମିସ):**

ଧାମନଗର ବ୍ଲକ୍ ଅଧୀନ ବମକୁରା, କଲ୍ୟାଣୀ ଓ ଗୋବିନ୍ଦପୁର ଗ୍ରାମ ଦେଖାଉଛି ଯେ ଧାର୍ମିକ ଆସ୍ଥା, ସାଂସ୍କୃତିକ ଐତିହ୍ୟ ଏବଂ ଗାଁ ଜୀବନର ଏକତା କିପରି ଶତାବ୍ଦୀ ଧରି ଅବିଚଳ ରହିପାରେ। ଏହି ତିନି ଅଞ୍ଚଳର ଦୁର୍ଗାପୂଜା ଏକ ଉଦାହରଣ। ଯେଉଁଥିରେ ଧାର୍ମିକ ଶ୍ରଦ୍ଧା ଓ ସାମୂହିକ ଉତ୍ସାହ ଏକାଠି ହୋଇ ଉତ୍ସବକୁ ଜୀବନ୍ତ କରିଥାଏ। ବମକୁରା ପଣ୍ଡା ସାହି: ଚାରି ଶତାବ୍ଦୀର ଅବିଚଳ ଆସ୍ଥା ଏଠାରେ ମା' ଦୁର୍ଗାଙ୍କ ପୂଜା ପ୍ରାୟ ୪୦୦ ବର୍ଷ ଧରି ଚାଲିଆସୁଛି। ଗ୍ରାମର କୁଶ ପଣ୍ଡାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପୂଜା ଆଜି ଗ୍ରାମର ଧାର୍ମିକ ଓ ସାଂସ୍କୃତିକ ଗୌରବର ମୂଳ ଅଂଶ ହୋଇଯାଇଛି। ପୂଜା ବିଧିରେ ତିନି ଦିନ କୁଷ୍ମାଣ୍ଡ, ଆଖୁ ଓ ଛାଗ ବଳି ପଡ଼େ। ଯାହା ଗ୍ରାମବାସୀଙ୍କ ଆସ୍ଥା ଓ ପାରମ୍ପରିକ ରୀତିର ଅନୁସୃତି। ପଣ୍ଡିତ ଗୋପବନ୍ଧୁ ସାମନ୍ତ, ସଦାନନ୍ଦ, ନାରାୟଣ ଓ ଚିନ୍ତାମଣି ପଣ୍ଡା ମାନେ ଧାର୍ମିକ ବିଧି ଅନୁଯାୟୀ ପୂଜା ସମ୍ପାଦନ କରନ୍ତି। ଅଷ୍ଟମୀ ଦିନରେ ଗ୍ରାମର ସମାଜସେବୀ ଖିରୋଦ ପୋଥାଳ, ଭାନୁ ପ୍ରକାଶ ପଲାଇ ଓ ଅନ୍ୟମାନେ ମଣ୍ଡପରେ ମା'ଙ୍କ



ଦର୍ଶନ କରି ତାଙ୍କର କୃପା ଲାଭ କରନ୍ତି। ସେହିପରି କଲ୍ୟାଣୀ ନଗରୀର ଦୁର୍ଗାପୂଜା ପ୍ରାୟ ୪୦୬ ବର୍ଷର ପୁରୁଣା ଐତିହ୍ୟ ବହନ କରୁଛି। ଏଠାରେ ପୂଜା ଆରମ୍ଭ ହୋଇଥିଲା ଏକ ଚାଳଛପର ଘରରେ ବଙ୍ଗୀୟ ପରମ୍ପରା ଅନୁଯାୟୀ ମୃଣ୍ମୟୀ ପ୍ରତିମା ସହିତ। ସମୟ କ୍ରମେ ଏହି ପୂଜା ଏକ ବିରାଟ ଅଟ୍ଟାଳିକା ଓ ଶିଳ୍ପ ମଣ୍ଡପରେ ପରିଣତ ହୋଇଛି। ଯାହା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଆସନ୍ତି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ତରଫରୁ ଗ୍ରାମର ପ୍ରତ୍ୟେକ ଘର ଓ ଅଗଣାକୁ ଝୋଟି, ମୁରୁଜ ଓ ଚିତା ଦ୍ୱାରା ଶୃଙ୍ଖଳାବଦ୍ଧ ଭାବେ ସଜାଯାଇଛି। ମହିଳାମାନଙ୍କ ଝୁଣା ଜଳା, ସିନ୍ଦୂର ଖେଳ ଓ ମାନସିକ ଭକ୍ତମାନଙ୍କର ସ୍ୱତନ୍ତ୍ର ପୂଜା ଅଞ୍ଚଳର ଆଧ୍ୟାତ୍ମିକ ଗଭୀରତାକୁ ଉଦ୍‌ଭାସିତ କରେ। କୁଷ୍ମାଣ୍ଡ ବଳି ଏଠାର ଅନ୍ୟତମ ଆକର୍ଷଣ ଯାହା ଗାଁ ଆସ୍ଥାର ଅଂଶ ଭାବେ ପାଳିତ ହୁଏ। ପୂଜା ପରିଚାଳନା କମିଟି ଧାମନଗର ପୁଲିସ ପ୍ରଶାସନ ସହିତ ମିଳିତ ଭାବେ ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ପାଳନ କରୁଛି। ଏହି ବର୍ଷ ମୃଣ୍ମୟୀ ପ୍ରତିମା ନିର୍ମାଣ କରିଛନ୍ତି କାରିଗର ଅମର ମହାପାତ୍ର, ଯେଉଁଥିରେ ଶିଳ୍ପ ଓ ଭକ୍ତିର ମିଶ୍ରଣ ଦେଖିବାକୁ ମିଳିଛି। ଶୃଙ୍ଖଳା କମିଟି ଦାୟିତ୍ୱ ନିର୍ବାହ କରୁଛନ୍ତି ଆର୍ଷବନ୍ଧୁ ଓ ଅକ୍ଷୟ ଚନ୍ଦ୍ର ଦତ୍ତ, ଯେଉଁମାନେ ପୂଜାକୁ ଆଧୁନିକ ଓ ଆକର୍ଷଣୀୟ ଭାବେ ପ୍ରସ୍ତୁତ କରିବା ପାଇଁ ଦୃଢ଼ ପ୍ରଚେଷ୍ଟା କରୁଛନ୍ତି। ସମନୁରୂପ ନୀଳ ସରସ୍ୱତୀ ପୂଜା ଓ ଦଶହରା ବଳଦ ନାଚର ଗୌରବ ଗୋବିନ୍ଦପୁର ଗ୍ରାମର ନୀଳ ସରସ୍ୱତୀ ପୂଜା ପ୍ରାୟ ୩୦୧ ବର୍ଷରୁ ଅଧିକ ପୁରୁଣା ଅନୁଷ୍ଠାନ। ମା' ତାରା ଦେବୀଙ୍କ ନୀଳ ସରସ୍ୱତୀ ରୂପରେ ଷୋଡଶ ଉପଚାର ଅନୁସାରେ ଆରାଧନା କରାଯାଏ। ଦଶହରା ବଳଦ ନାଚ, ରାବଣ ପୋଡ଼ି, ପାଲା ପରିବେଷଣ ଓ ଆଧ୍ୟାତ୍ମିକ ଆଲୋଚନା ଏଠାର ମୁଖ୍ୟ ଆକର୍ଷଣ। ଏହି ବର୍ଷ ପାଲା ଗାୟିକା ନମିତା ନାୟକ ଓ ମିନତି ସ୍ୱାଇଁ ଅଞ୍ଚଳର ସାଂସ୍କୃତିକ ଗୌରବକୁ ଉଦ୍‌ଭାସିତ କରିବେ।

# ୨୯ ବର୍ଷରେ ପାରାବନ୍ଧ ଦୁର୍ଗାପୂଜା

**ବନ୍ତ/ଆଗରପଡ଼ା,୨୯।୯ (ସମିସ):** ଶାରଦୀୟ ଦୁର୍ଗାପୂଜା ଧୂମଧାମରେ ପାଳିତ ହେଉଛି। ମଙ୍ଗଳବାର ଅଷ୍ଟମୀ ପୂଜା ପାଳିତ ହେବାକୁ ଯାଉଥିବା ବେଳେ ସୋମବାର ଠାରୁ ଯଥାରୀତି ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହି ଅବସରରେ ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରାବନ୍ଧ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଚଳିତ ବର୍ଷ ଉକ୍ତ ଅଞ୍ଚଳରେ ମା'ଙ୍କ ପୂଜା ୨୯ ବର୍ଷରେ ପଦାର୍ପଣ କରିଅଛି। ସୂଚନାନୁଯାୟୀ; ୨୮ ବର୍ଷ ତଳେ ଗ୍ରାମର ବିଶିଷ୍ଟ ବ୍ୟକ୍ତି ରବିନ୍ଦ୍ର ଜେନାଙ୍କ ଉଦ୍ୟମ କ୍ରମେ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ମା'ଙ୍କ ଶାରଦୀୟ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ସମୟାନୁକ୍ରମେ ଆଖପାଖ ଗ୍ରାମବାସୀ ଉକ୍ତ ପୂଜା ସହ



ଜଡ଼ିତ ହେବା ଯୋଗୁଁ ଏକ ସର୍ବକାଳୀନ ଦୁର୍ଗାପୂଜା କମିଟି ଗଠନ କରାଯାଇ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଅଛି। ସୁନ୍ଦର ଆଲୋକସଜ୍ଜା ବେଶ୍ ଅକର୍ଷଣୀୟ ହୋଇପାରିଛି। ଅଞ୍ଚଳରେ ଏକମାତ୍ର ରାବଣ ପୋଡ଼ି ହେଉଥିବା ଯୋଗୁଁ ଦଶହରାଦିନ ରାବଣ ପୋଡ଼ି ଦେଖିବା ପାଇଁ ବହୁ ଜନସମାଗମ ହୋଇଥାଏ। ପୂଜା କମିଟିର ପରାମର୍ଶଦାତା ଦୋଳଗୋବିନ୍ଦ ସାହୁ, ସନ୍ତୋଷ ଜେନା, ନାରାୟଣ ଚନ୍ଦ୍ର ଜେନା, ଅନାମ ଚରଣ ନାୟକ, ଭାଗିରଥି ରାଉତ, ସରୋଜ ଜେନା, ବସନ୍ତ ମହାନ୍ତି, ଶରତ ପଲେଇ, ଅନାମ ଜେନା, ସନ୍ତୋଷ ସାହୁଙ୍କ ସମେତ କମିଟିର ସଭ୍ୟ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା'ଙ୍କ ପୂଜା ଧୂମଧାମରେ ପାଳିତ ହେବାକୁ ଯାଉଛି।

# ସହିଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମନ୍ତ୍ରୀ, ସାଂସଦ ଓ ବିଧାୟକ

**ବାସୁଦେବପୁର,୨୯।୯ (ସମିସ):** ରକ୍ତତୀର୍ଥ ଇରମ ମାଟି ଏକ ସଂଗ୍ରାମ ମାଟି। ଭାରତଛାଡ଼ ଆନ୍ଦୋଳନର ଏକମାତ୍ର ନାରୀ ସଂଗ୍ରାମୀ ପରି ବେଣ୍ଡା ଇରମରେ ସହିଦ ହୋଇଥିଲେ। ଆମର ଇତିହାସର ଗର୍ବ ଗୌରବକୁ ପରପିଢିକୁ ଜଣାଇବାକୁ ଆମେ ପ୍ରଚେଷ୍ଟା ଜାରି ରଖିବା। ଇରମ ମାଟିର ସଂଗ୍ରାମୀମାନଙ୍କ ଗୌରିମାକୁ ଡିଜିଟାଲ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ



କରି ସମଗ୍ର ଭାରତ ବର୍ଷରେ ପ୍ରଚାରିତ କରିବା। ଇରମଠାରେ ୮୩ ତମ ସହିଦ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏନେଇ ମତପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଥମ କରି ରକ୍ତତୀର୍ଥ ଇରମ ସହିଦ ଦିବସକୁ ରାଜ୍ୟସ୍ତରୀୟ ଦିବସ ଭାବେ ପାଳନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସନ୍ଧ୍ୟା ଆସର ସଭାରେ ଯୋଗଦେବାକୁ ଆସିଥିବା ମନ୍ତ୍ରୀ, ସାଂସଦ ଓ ବିଧାୟକ ସହିଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉଚ୍ଚ ଶିକ୍ଷା, କ୍ରୀଡ଼ା ଯୁବ ବ୍ୟାପାର ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଯୋଗଦେଇ ମତପ୍ରକାଶ କରିଥିଲେ। ସଭାର ସହିଦ ସ୍ମୃତି କମିଟିର ସଭାପତି ପଦ୍ମନାଭ ଦାଶ ସଭାପତିତ୍ୱ କରିଥିଲେ। ଅଭିନନ୍ଦନ ଦାସ ସଭାରେ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଦିଲୀପ ରାଉତରାଏ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା ଓ ସମିତି ସଭ୍ୟା ଲଗ୍ନିକା ମଲ୍ଲିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସହିଦ ସ୍ମୃତି କମିଟିର ସମ୍ପାଦକ ରଞ୍ଜନ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସରପଞ୍ଚ ସାବିତ୍ରୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ବାସୁଦେବପୁର ବିଡିଓ ତନ୍ମିତା କର ଓ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଣ୍ଡଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଲିଫ୍ଟରେ ଚାପି ହୋଇ ଜଣେ ଗୁରୁତର

**ଭଦ୍ରକ,୨୯।୯ (ସମିସ):** ଲିଫ୍ଟରେ ଚାପି ହୋଇ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟଜଣେ ଆହତ। ଭଦ୍ରକ ସହର ଅପର୍ତିବିନ୍ଧା ରୋଡସ୍ଥିତ ଦାସ ହୋଣ୍ଡା ସୋରୁମରେ ଏହି ଅଘଟଣ ଘଟିଛି। ଏଥିରେ ସୋ'ରୁମର କର୍ମଚାରୀ ରାଜେନ୍ଦ୍ର ସାହୁ ଆହତ ହୋଇଥିବା ବେଳେ ଗାଡ଼ି ଫାଇନାନ୍ସ କରିଥିବା ପିତାମ୍ବର ବାରିକ ଗୁରୁତର ହୋଇଛନ୍ତି। ଉପର ଛାତରୁ ଲିଫ୍ଟରେ ତଳକୁ ଗାଡି ଆଣୁଥିବା ବେଳେ ଲିଫ୍ଟରେ ଚେନ ଚିଡ଼ିଗଲା ଫଳରେ ଲିଫ୍ଟଟି ତଳକୁ ଖସିପଡ଼ିଥିଲା। କର୍ମଚାରୀ ମାନେ ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତରଙ୍କୁ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ଆହତଙ୍କୁ କର୍ମଚାରୀ ମାନେ ମେଡ଼ିକାଲରେ ଭର୍ତ୍ତି କରାଇଛନ୍ତି।

# ଶିଶୁ ମନ୍ଦିରରେ ଶତାବ୍ଦୀ ଉଦ୍‌ଘାଟିତ

**ଦୋଲସାହି,୨୯।୯ (ସମିସ):** ତିହିଡି ବ୍ଲକ କୁବେରା ପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପୁରର ପ୍ରଧାନଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ତିହିଡି ଖଣ୍ଡ ବିଲଣା ମଣ୍ଡଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭଦ୍ରକ ଜିଲ୍ଲା ଗ୍ରାମ ବିକାଶ ପ୍ରମୁଖ କିଶୋର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମାଜସେବୀ ସଞ୍ଜୟ ବେହେରା ଉପସ୍ଥିତ ହୋଇ ମାର୍ଗଦର୍ଶନ କରିଥିଲେ। ଗୁରୁଜୀ ଦୀପ୍ତିକାନ୍ତ ଯେନା ମୁଖ୍ୟ ଶିକ୍ଷକ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ଗୁରୁମା ରଶ୍ମିତା ନାୟକ, ଗୁରୁମା ପୂର୍ଣ୍ଣିମା ଖଟୁଆ, ପ୍ରତିଭା ରାଣୀ ସାହୁ, ସେବତୀ ତ୍ରିପାଠୀ ଓ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିଶୁ ମନ୍ଦିରର ପୂର୍ବ ଛାତ୍ର ମୁକ୍ତିକାନ୍ତ ସାହୁ, ଜୀବନ ଜ୍ୟୋତି ନାୟକ ଓ ପ୍ରତ୍ୟୁଷ ବେହେରା ପ୍ରମୁଖ ଯୋଗଦାନ କରିଥିଲେ।

# ଧାମନଗର କଲେଜର ଏନ୍‌ଏସ୍‌ଏସ୍ ସ୍ପେଶାଲ କ୍ୟାମ୍ପ ଉଦ୍‌ଘାଟିତ

**ଦୋବଲ,୨୯।୯ (ସମିସ):** ଧାମନଗର ମହାବିଦ୍ୟାଳୟର +୩ ଜାତୀୟ ସେବା ଯୋଜନା ଏନଏସଏସ ୟୁନିଟ୍ ଦ୍ୱାରା ଆୟୋଜିତ ୭ଦିନିଆ ଦୁର୍ଗାପୂଜା ସ୍ପେଶାଲ କ୍ୟାମ୍ପ ରବିବାର ପୋଷ୍ୟଗ୍ରାମ ନନ୍ଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ ପ୍ରିୟରଞ୍ଜନ ସାମଲ ଏନଏସଏସର ଭୂମିକା ବିଷୟରେ ଆଲୋଚନା କରିଥିଲେ। ୱାର୍ଡ ମେମ୍ବର ବାସନ୍ତୀ ବେହେରା, ବରିଷ୍ଠ ନାଗରିକ ଧନେଶ୍ୱର ନାଏକ, ମହାବିଦ୍ୟାଳୟର ଅଧ୍ୟାପକ ଚିନ୍ମୟ ଜେନା, ଅଧ୍ୟାପିକା ଗୀତାଞ୍ଜଳି ଦେବତା, କର୍ମଚାରୀ ଜିଜ୍ଞାସୁ ଦାଶ ଓ ଅବସରପ୍ରାପ୍ତ କର୍ମଚାରୀ ରାମଚନ୍ଦ୍ର ବେହେରା ମଧ୍ୟ ସଭାକୁ ସମ୍ବୋଧିତ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ମନୋଜ କୁମାର କର ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ଶିବିରର ପ୍ରଥମ ଦିନରେ ୪୬ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଯୋଗଦାନ କରିଥିଲେ। ପୂର୍ବତନ ସ୍ୱେଚ୍ଛାସେବୀ ଭାଗିରଥି ମାଝୀ ଓ ଅନ୍ୟମାନଙ୍କର ସହଭାଗୀତା ଶିବିରକୁ ଆଉ ଉତ୍ସାହିତ କରିଥିଲା। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ସମୁଦାୟଭାବେ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପକ ଚିନ୍ମୟ ଜେନା ଧନ୍ୟବାଦ ଜଣାଇ ସଭାର ସମାପନ କରିଥିଲେ।




# ଚଢ଼ଉ ; ବାଣ ଜବତ



**ବାରିକପୁର,୨୯।୯ (ସମିସ):** ବେଆଇନ ବାଣ ବ୍ୟବସାୟ ନେଇ ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ଥାନା ଅନ୍ତର୍ଗତ ଆଖୁଆପଦା ଠାରୁ ମଣୀନାଥପୁର ମଧ୍ୟରେ ଏହି ଚଢଉ ହୋଇଥିଲା। ଚଢ଼ଉ ବେଳେ ରହଣିଆ ଓ ରାମଚନ୍ଦ୍ରପୁର ପଞ୍ଚାୟତ ମଧ୍ୟସ୍ଥଳ ଏକ ଗ୍ରାମରୁ ବ୍ୟାପକ ବାଣ ଜବତ୍ ହୋଇଥିବା ଜଣାପଡିଛି। ଏଥିରେ ବୋହୁ ଦେଶୀ ଓ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ବାଣ ରହିଥିବା ସୂଚନା ମିଳିଛି। ଥାନା ଅଧିକାରୀ କମଳାକାନ୍ତ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢଉ ହୋଇଥିଲା। ଆଗକୁ ଦୀପାବଳୀ ଆସୁଥିବା ବେଳେ ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଭଳି ଚଢ଼ାଉ ଆରମ୍ଭ ହୋଇଥିବା ଜଣାପଡିଛି।



ମା' ଆସୁଛନ୍ତି

# ମନ ମୋହୁଛି ଆଦିବାସୀ ସଂସ୍କୃତି ମେଢ





■ ୨୭ ବର୍ଷରେ ତକତପୁର ସାର୍ବଜନୀନ ଦୁର୍ଗାପୂଜା
■ ଭସାଣିରେ ବିଶେଷ ଆକର୍ଷଣ ଲୋକବାଦ୍ୟ

ବାରିପଦା, ୨୯ ।୯ (ସମିସ): ପାର୍ବଣ ଋତୁରେ ମା' ଦୁର୍ଗା ମୃଣ୍ମୟୀ ରୂପରେ ଅବତାରଣା ହୋଇ ଧରାପୃଷ୍ଠରେ ପୂଜା ପାଉଛନ୍ତି। ଦୁର୍ଗତି ନାଶିନୀ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ନିମନ୍ତେ ପୂଜା ମଣ୍ଡପଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଛି। ବାରିପଦା ସହରର ପୂଜା ମଣ୍ଡପଗୁଡ଼ିକ ମଧ୍ୟରୁ ତକତପୁର ସାର୍ବଜନୀନ ଦୁର୍ଗାପୂଜା କମିଟିର ପୂଜା ଅନ୍ୟତମ। ଅଞ୍ଚଳବାସୀଙ୍କ ଉଦ୍ୟମରେ ୧୯୯୮ ମସିହାରେ ପୂଜା ଆରମ୍ଭ ହୋଇଥିବା ବେଳେ ଚଳିତ ଥର ୨୭ ବର୍ଷରେ ପଦାର୍ପଣ କରିଛି। ଏଠାରେ ମା' ଦୁର୍ଗାଙ୍କ ପୂଜାରେ ସ୍ୱତନ୍ତ୍ରତା ରହିଛି। ତକତପୁରରୁ ବିଶ୍ୱବିଦ୍ୟାଳୟ ରାସ୍ତାରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ପୂଜା ସାଜସଜ୍ଜା ସ୍ୱତନ୍ତ୍ରତା ବାରି ହେଉଛି। ଆଦିବାସୀ ସଂସ୍କୃତିକୁ ନେଇ ମେଢ ଓ ମୂର୍ତ୍ତି ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଛି। ପଶ୍ଚିମବଙ୍ଗର କାରିଗର ମା' ସମେତ ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ ଜୀବନ୍ତ ରୂପ ଦେଇଛନ୍ତି। ପୂଜା କମିଟିର ସଭାପତି ଭାବେ ରମେଶ ଚନ୍ଦ୍ର ସିଂହ, ଉପ ସଭାପତି ଭାବେ ପୁରୁଷୋତ୍ତମ ସେଠୀ, ସିପୁନ ସାମଲ ଓ ଅଜିତ କୁମାର ପାତ୍ର, ସମ୍ପାଦକ ଭାବେ ଶଙ୍କର୍ଷଣ ପଣ୍ଡା, ସହ ସମ୍ପାଦକ ଶୁଭଙ୍କର ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ବାବି ଦାସ ଏବଂ ସହ କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ଦାସଙ୍କ ଉଦ୍ୟମରେ ପୂଜା କରାଯାଉଛି। ବାରିପଦା ସହର ପୁରାତନ ଦୁର୍ଗା ପୂଜା ଭାବେ ଏହି ମଣ୍ଡପ ପରିଚିତ। ରବିବାରରେ ଷଷ୍ଠୀ ଓ ସୋମବାର ସପ୍ତମୀ ପୂଜା ଆରମ୍ଭ ହୋଇଛି। ପୂଜାର ତୋରଣ, ସାଜସଜ୍ଜା, ଆନୁଷଙ୍ଗିକ ବ୍ୟବସ୍ଥା ଓ ମୂର୍ତ୍ତି ନିର୍ମାଣରେ ସ୍ୱତନ୍ତ୍ରତା ବାରି ହେଉଛି। ପୂଜାକୁ ବେଶ୍ ଶାନ୍ତିଶୃଙ୍ଖଳାର ସହ ଆକର୍ଷଣୀୟ ଭାବେ ପାଳନ କରିବାକୁ ପୂଜା କମିଟି ସଦସ୍ୟମାନେ ବେଶ ସକ୍ରିୟ ରହିଛନ୍ତି। ପୂଜାର ନିର୍ଘଣ୍ଟ ଅନୁଯାୟୀ ଘଟ ଉତ୍ତୋଳନ ଠାରୁ ଆରମ୍ଭ କରି ପୂଜାବିଧି, ଡ଼ାକି ଆଦି ଚଣ୍ଡି ପାଠକଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥାଏ। ପ୍ରାୟ ସପ୍ତାହକ ଧରି ମଣ୍ଡପ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡି ଆଦି ଅନୁଷ୍ଠିତ ହେବ। ବିସର୍ଜନ ସମୟରେ ଡିଜେ ବଦଳରେ ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ ଦେଇ ବିସର୍ଜନ କରାଯିବ। ଭସାଣିରେ ଲୋକବାଦ୍ୟ ବିଶେଷ ଆକର୍ଷଣ ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଦୁର୍ବଳ ନେଟୱର୍କ ଯୋଗୁଁ ଗ୍ରାହକ ହନ୍ତସନ୍ତ

କରଞ୍ଜିଆ, ୨୯।୯ (ସମିସ): ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ ଦୂରସଞ୍ଚାର ନିଗମର ଉନ୍ନତ ସେବା ଯୋଗାଇବା ଉଦ୍ଦେଶ୍ୟରେ ୪ଜି ଇଣ୍ଟରନେଟ ସେବାକୁ ଉଦ୍‌ଘାଟନ କରି ଓଡ଼ିଶାବାସୀଙ୍କୁ ପୂଜା ଉପହାର ଦେଇ ଚାଲିଗଲେ। କରଞ୍ଜିଆର ବିଭିନ୍ନ ଅଞ୍ଚଳବାସୀ ଖୁସି ହେବା କଥା; କିନ୍ତୁ ସେମାନଙ୍କ ଖୁସି ବେଶୀ ସମୟ ରହି ନ ପାରିଲା। ପୂର୍ବପରି ଇଣ୍ଟରନେଟ ବ୍ୟବସ୍ଥା ଅତି ଦୁର୍ବଳ ହୋଇରହିଛି। ବିଶେଷକରି କରଞ୍ଜିଆ ୮, ୭, ୬, ୧୧ ନମ୍ବର ୱାର୍ଡ଼ରେ ନେଟୱାର୍କ ଜମା ରହୁନାହିଁ। କେତେବେଳେ ନେଟୱାର୍କ ରହୁଛି ତ କେତେବେଳେ ଦୁର୍ବଳ ରହୁଛି। ଗ୍ରାହକ ମୋବାଇଲ ନେଟୱାର୍କ ପାଇଁ ଘରୁ ବାହାରି ରାସ୍ତା ଉପରକୁ ଆସିବା ପାଇଁ ବାଧ୍ୟ ହେଉଛନ୍ତି। ଭାରତୀୟ ଦୂର ସଞ୍ଚାର ନିଗମର ଉଚ୍ଚ କର୍ତ୍ତୃପକ୍ଷ ଗ୍ରାହକଙ୍କ ସେବା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବି ନେଇ ଏକାଠିହେଲେ ୧୭ ସଂଗଠନ



ବାରିପଦା, ୨୯ ।୯ (ସମିସ): ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ସୋମବାର ବାରିପଦା ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନରେ ୧୭ଟି ସଂଗଠନର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତ ମୁଣ୍ଡା ସମାଜ, ମୁଣ୍ଡାରୀ ସମାଜ ସାଓଁୱାର୍ ଜାମଡା, ମୁଣ୍ଡା ଯୁବ ସଂଗଠନ, ଓଡ଼ିଶା ମୁଣ୍ଡାରୀ ଛାତ୍ର ସଂଗଠନ, ଓଡ଼ିଶା ପାହାନ୍ ଗୁଟୁଗାମ୍, ବିର୍ସା ମୁଣ୍ଡା ମେମୋରିଆଲ କ୍ଲବ, ମୁଣ୍ଡା ସମାଜ ବରିଷ୍ଠ ନାଗରିକ ମଞ୍ଚ, ମୁଣ୍ଡାରୀ ବାନି ଶିକ୍ଷକ ସଂଘ, ମୁଣ୍ଡାରୀ ବହୁଭାଷୀ ଶିକ୍ଷକ ସଂଘ, ମୁଣ୍ଡାରୀ ୟୁଟ୍ୟୁବର୍ସ ପ୍ରଡ୍ୟୁସର୍ସ ଆର୍ଟିଷ୍ଟ ଆସୋସିଏସନ୍, ଲେପେଲ୍ ନାପାମ୍ ସଂଗଠନ, ଏଲା ମୁଣ୍ଡାରୀ ଶିମିଳିପାଳ, ସେନ୍ ଗେ ସୁସୁନ୍, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିବା, ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟକ୍ଷ ଭାବରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା, ଭୁବନେଶ୍ୱର ଏବଂ ଦିଲ୍ଲୀର ଯନ୍ତରମନ୍ତରଠାରେ ବିଶାଳ ଗଣ ଆନ୍ଦୋଳନ କରିବା, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରତ୍ୟେକ ଗ୍ରାମର ଗ୍ରାମସଭାରୁ ଦସ୍ତଖତ କରି ପ୍ରେରଣ କରିବା ଆଦି କାର୍ଯ୍ୟକ୍ରମ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବୀରବଲ ସିଂ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକ ମଦନ ସାହୁଙ୍କ ବିୟୋଗରେ ଶୋକ



କରଞ୍ଜିଆ, ୨୯।୯ (ସମିସ): କରଞ୍ଜିଆ ପ୍ରେସ କ୍ଲବ୍‌ର କୋଷାଧ୍ୟକ୍ଷ ମଦନ କୁମାର ସାହୁଙ୍କ ସୋମବାର ସନ୍ଧ୍ୟାରେ ରାଜାଜୀ ମାର୍ଗସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ଆଜି ସେ ଘରେ ପହଞ୍ଚିବାର ଅଧଘଣ୍ଟାଏ ପରେ ତାଙ୍କ ମୃତ୍ୟୁ ଘଟିଛି। ପ୍ରେସ କ୍ଲବ୍ ସଭାପତି ଧରଣୀ ଧର ପ୍ରଧାନ, ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଗୌରୀଶଙ୍କର ସିହ୍ନା, ଅରୁଣ କୁମାର ବେହେରା, ଦୀପକ କୁମାର ମହାନ୍ତ, ତନ୍ମୟ କୁମାର ଦାସ, ପାଞ୍ଚପିଢ଼ ପ୍ରେସ କ୍ଲବ ସଭାପତି ଉମା ଶଙ୍କର ଦାସ, ସାମ୍ବାଦିକ ସୁରଜ ସିଂ, ଆମେ ୭୯ ଅନୁଷ୍ଠାନର ମନୋଜ କୁମାର ରାମ, ଅନୁପ କୁମାର ଚୌଧୁରୀ, ସୁରେଶ ଅଗ୍ରୱାଲା, ଅଜିତ ବେହେରା, ଟୁଟୁ ସାହୁ, ବନମାଳି ସାହୁ, ଗୋବିନ୍ଦ ସାମନ୍ତରାୟ, ସଜନ ଅଗ୍ରୱାଲା, ସୁମନ୍ତ ମିଶ୍ର, ଚନ୍ଦ୍ର ମହନ ପାତ୍ର, ହରେକୃଷ୍ଣ ମହନ୍ତ, ଡାକ୍ତର ଲକ୍ଷ୍ମୀକାନ୍ତ ମହନ୍ତ, ଡାକ୍ତର ସୁଲୋଚନା ନାଏକ, ଡାକ୍ତର ପୂର୍ଣ୍ଣଉମ ନାଏକ, ଉମେଶ ଅଗ୍ରୱାଲ, ଭୁବନ ବିହାରୀ ସାହୁ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମିୟସ୍ୱଜନ ଉପସ୍ଥିତ ଥିଲେ। ବୈତରଣୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ଝିଅ ସ୍ନେହା ସାହୁ ମୁଖାଗ୍ନି ଦେଇଥିଲେ।

## ଓପିଏସସି ପରୀକ୍ଷାରେ ଭୀମସେନଙ୍କୁ ୩୮୦ ର୍‍ୟାଙ୍କ



ବଡ଼ସାହି, ୨୯।୯ (ସମିସ): ବଡସାହି ବ୍ଲକ ଚନ୍ଦନପୁର ପଞ୍ଚାୟତ ଶଙ୍କୁଚା ଗ୍ରାମର ମେଧାବୀ ଛାତ୍ର ଭୀମସେନ ପ୍ରସାଦ ଟୁଡୁ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୩୮୦ ର୍‍ୟାଙ୍କ ପାଇଛନ୍ତି। ସେ ନବୋଦୟ ପାଇବା ପରେ ସେଠାରୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ କଟକ ଷ୍ଟିୱାର୍ଟ ସାଇନ୍ସ କଲେଜରେ +୨ ଓ +୩ ପଢ଼ୁଥିଲେ। ପାଠ ପଢ଼ିବା ସହିତ ଓପିଏସସି ପରୀକ୍ଷାରେ ସେ କିପରି କୃତକାର୍ଯ୍ୟ ହୋଇପାରିବେ ସେଥିପାଇଁ ଚେଷ୍ଟା ଜାରି ରଖିଥିଲେ। ପ୍ରତିଦିନ ସେ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ସେ ଜଣେ ରାଜ୍ୟସ୍ତରର ଭଲ ଫୁଟବଲ ଖେଳାଳି ଭାବେ ରାଜସ୍ଥାନ ଜୟପୁରରେ ଖେଳି ମଧ୍ୟ ସୁନାମ ଅର୍ଜନ କରିଛନ୍ତି। ବାପା ବଳରାମ ଟୁଡୁ ଓଡ଼ିଶା ପୁଲିସରେ ମାଆ ଜଣେ ଗୃହିଣୀ। ଏହି ଖବର ପ୍ରଚାରିତ ହେବା ପରେ ପଞ୍ଚାୟତବାସୀ, ଆଖପାଖ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ନଦୀରୁ ଉଦ୍ଧାର

କୁଆମରା, ୨୯।୯ (ସମିସ): ଖୁଣ୍ଟା ଥାନା ଅଧୀନ କରକଚିଆ ଗ୍ରାମର ତିନି ଦିନ ତଳେ ନିଖୋଜ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ସନ୍ନ୍ୟାସୀ ରାଉତ (୭୦)ଙ୍କ ମୃତଦେହ ନାଲୁହା ନଦୀରୁ ସୋମବାର ପୁଲିସ ଉଦ୍ଧାର କରିଛି। ସେ ଗତ ଶୁକ୍ରବାର ଅପରାହ୍ନରେ ଗଡ଼ି ଗାଁ ସାପ୍ତାହିକ ହାଟକୁ ଆସି ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ତେବେ ଆଜି ସକାଳେ ଘର ନିକଟରୁ ପ୍ରାୟ ୧ କିମି ଦୂର ନାଲୁହା ନଦୀର ମାଠିଆଭଙ୍ଗା ନିକଟରେ ଏକ ଗଛ କରୋଡରେ ଲାଗି ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୌଚ ହେବାକୁ ଯାଇ ନଦୀର ଗଭୀର ଜଳରେ ଗୋଡ ଖସିଯିବାରୁ ସେ ବୁଡିଯାଇଥିବା ପୁଲିସ ଅନୁମାନ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ।

## ଚିତ୍ରଡା ପାଇଁ ଗୌରବ ଆଣିଲେ ଲଳିତେନ୍ଦୁ



ମୋରଡ଼ା, ୨୯।୯ (ସମିସ): ମୋରଡା ବ୍ଲକ ଚିତ୍ରଡା ଗ୍ରାମର ଲଳିତେନ୍ଦୁ କୁମାର ବେହେରା ଓପିଏସ୍ ପରୀକ୍ଷାରେ ୩୧୪ ର୍‍ୟାଙ୍କ ରଖି ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ସେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗହନ କୁମାର ବେହେରା ଏବଂ ଗାୟତ୍ରୀ ବେହେରାଙ୍କ ପୁଅ। ସିଭିଲ ଇଞ୍ଜିନିୟରିଂରେ ବିଟେକ ପାସ କରିବା ପରେ ସେ ଓଏଏସ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଦୈନିକ ୯ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ବାପା, ମାଆ ଓ ପରିବାରର ପ୍ରେରଣା ପାଇ ସେ ଆଗକୁ ବଢ଼ିଥିଲେ ବୋଲି ପ୍ରକାଶ କରିଛନ୍ତି। ଓପିଏସସି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ୩୧୪ ର୍‍ୟାଙ୍କରେ ପୁଅ ରହିଥିବା ଜାଣି ପରିବାରରେ ଖୁସିର ଲହରୀ ଖେଳିଯାଇଛି। ସେ ଚିତ୍ରଡାର ପ୍ରଥମ ଓପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ବିଭିନ୍ନ ମହଲରୀ ଶୁଭେଚ୍ଛାର ସୁଅ ଛୁଟିଛି।

## ଆଦର୍ଶ ବିଦ୍ୟାଳୟରେ ବିଶ୍ୱ ଜଳାନ୍ତକ ଦିବସ



ମୋରଡା, ୨୯।୯ (ସମିସ): ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିବା ବେଳେ ଲୋକେ କୁକୁର ଆକ୍ରମଣର ଶିକାର ହୋଇ ଜଳାନ୍ତକ ରୋଗରେ ସଂକ୍ରମିତ ହେଉଛନ୍ତି। ଏହି କ୍ରମରେ ରବିବାର ମୋରଡା ବ୍ଲକ ଆଦର୍ଶ ବିଦ୍ୟାଳୟ ପରିସରରେ ବିଶ୍ୱ ଜଳାନ୍ତକ ଦିବସ ପାଳିତ ହୋଇଯାଇଛି। ଜଳାନ୍ତକ ବିଷୟରେ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଥିଲା। ଏହି ପରିପ୍ରେକ୍ଷୀରେ ପୋଷା କୁକୁରଙ୍କ ପାଇଁ ମାଗଣା ଜଳାନ୍ତଙ୍କ ଟିକାକରଣ ଶିବିର, ଛାତ୍ରଛାତ୍ରୀଙ୍କ ପାଇଁ କୁଇଜ୍ ଓ ରଚନା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବ୍ଲକ ଭେଟନାରୀ ଅଫିସର ପଙ୍କଜ କୁମାର ଜେନା, ଆସିଷ୍ଟାଣ୍ଟ ସର୍ଜନ ସତ୍ୟଜିତ ପ୍ରଧାନ, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାର୍ ସାଗୁନ୍ ସାର୍ନା ସେମଲେଦ ପକ୍ଷରୁ ଦାଶାଁୟ ନାଚ ପ୍ରତିଯୋଗିତା ଉଦ୍‌ଯାପିତ

ବହଲଦା, ୨୯।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂବ୍ଲକ ଅନ୍ତର୍ଗତ ପଡ଼ାଚାକଡି ଗ୍ରାମରେ ସାର୍ ସାଗୁନ୍ ସାରନା ସେମଲେଦ ସଂଘ ପକ୍ଷରୁ ୪୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦାଶାଁୟ ନାଚ ଏବଂ ଫୁଟବଲ ପ୍ରତିଯୋଗିତା ସହ ମେଣ୍ଢା ଲଢେଇ ହୋଇଥିଲା। ଦଶହରା ଅବସରରେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟ ପକ୍ଷରୁ ଗାଁ ଦାଣ୍ଡରେ ଦାଶାଁୟ ନାଚ ନାଚିବାର ପରମ୍ପରା ରହିଛି। ଏହା ଆଦିବାସୀଙ୍କ ବିଶ୍ୱାସ ଓ ମାନ୍ୟତା ଅନୁସାରେ ଦଶହରା ବା ଦୁର୍ଗାପୂଜା ସହିତ ଜଡିତ। ପଡ଼ାଚାକଡି ଗ୍ରାମର ସାର୍ ସାଗୁନ୍ ସାରନା ସେମଲେଦ୍ ସଂଗଠନ ପକ୍ଷରୁ ଏହି ପରମ୍ପରାକୁ ଉଜ୍ଜିବିତ ରଖିବା ଉଦ୍ଦେଶ୍ୟରେ ଦାଶାଁୟ ନାଚ ପ୍ରତିଯୋଗିତା ଆୟୋଜିତ କରିଆସୁଛନ୍ତି। ଚଳିତବର୍ଷ ୨୭ ତାରିଖରେ ଏହି କ୍ରିଡା ପ୍ରତିଯୋଗିତା ଉତ୍ସବର ପ୍ରଥମାର୍ଦ୍ଧରେ ସଂଗଠନ ପକ୍ଷରୁ ମେଣ୍ଢା ଲଢେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଶ୍ଚିତପୁର (ଓଡ଼ିଶା) ଦଳ ସହ ଝାରଖଣ୍ଡ ଅଞ୍ଚଳର ପତଲ ଗ୍ରାମର ମେଣ୍ଢା ଏବଂ ସ୍ଥାନୀୟ ଅଞ୍ଚଳର ତାଲସା ଓ ରେଙ୍ଗଲବେଡା ଗ୍ରାମର ମେଣ୍ଢା ମଧ୍ୟରେ ଲଢେଇ ଅନୁଷ୍ଠିତ ହୋଇଥିଲା। ଏହାପରେ ଦାଶାଁୟ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସ ୨୮ ତାରିଖରେ ଫୁଟବଲ ପ୍ରତିଯୋଗିତାରେ କୟମଡିହି ଦଳ ପ୍ରଥମ, ବିରଲା ଏଫସି ସାଲଇ ଦଳ ଦ୍ୱିତୀୟ, ପଟମବେଡା ଦଳ ତୃତୀୟ ଏବଂ ଆର୍ମୀ ଏଫସି ଜଂଘିଆ (ଶଶ ସାହି) ଦଳ ଚତୁର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିରିଂବ୍ଲକ ୨୦ ନଂ ଜୋନ୍ ଜିଲ୍ଲା ପରିଷଦ ପରେଶଚନ୍ଦ୍ର ମୁଣ୍ଡା, ସମିତି ସଭ୍ୟ ବଳଦେବ ହେମ୍ବ୍ରମ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଗ୍ରାମ ମାଝୀବାବା ବିନ୍ଧୁ ସୋରେନ୍, ନାଏକେ ବାବା ସାନ ପାଲୁରାମ ମୁର୍ମୁ ଏବଂ ସମାଜସେବୀ ମେଘ୍ରାୟ ମୁର୍ମୁ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଜଳାନ୍ତକ ସଚେତନତା ବୈଠକ



ବଡ଼ସାହି, ୨୯।୯ (ସମିସ): ମୟୂରଭଞ୍ଜ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓ ବଡସାହି ପ୍ରାଣୀ ସମ୍ପଦ ବିଭାଗ ସହଯୋଗରେ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିଓ ଡାକ୍ତର ମନୋଜ କୁମାର ସେଠୀ, ଭିଏସ ସୌରଭ ମିଶ୍ର, ଅତିରିକ୍ତ ଭିଏସ ଶିବାଜୀ ମହାପାତ୍ର ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରବିନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଲୁଆ, ଗଧିଆ, କୁକୁର, ନେଉଳ, ବାଦୁଡି ଆଦି ପ୍ରାଣୀକୁ ସଂକ୍ରମଣ କରୁଥିବା ଏକ ଭୂତାଣୁ ଜନିତ ରୋଗ ହେଉଛି ଜଳାନ୍ତଙ୍କ କହିବା ସହିତ ଏହି ପ୍ରାଣୀମାନେ ମନୁଷ୍ୟକୁ କାମୁଡିଲେ ବା ତାଙ୍କର ଲାଳ ସଂସ୍ପର୍ଶରେ ଆସିଲେ ମନୁଷ୍ୟ ସଂକ୍ରମିତ ହେବା ସହିତ ମୃତ୍ୟୁର ସମ୍ଭାବନା ଅଧିକ ଥାଏ। ତେଣୁ କିପରି ମାଂସଭୋଜି ବନ୍ୟପ୍ରାଣୀଙ୍କଠାରୁ ସାବଧାନରେ ରହିବା ଏବଂ ଏହାର ଲକ୍ଷଣ ଓ ରକ୍ଷା ପାଇବାର ଉପାୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଦେବାଶିଷ ମହାପାତ୍ର, ଦେବେନ୍ଦ୍ରନାଥ ସିଂ ଓ ବିଶ୍ୱରଞ୍ଜନ ଦଣ୍ଡପାଟ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ କାର୍ମଶାଳା




ବାରିପଦା, ୨୯ ।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ କାର୍ମଶାଳା ଅଧକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ବିନୋଦ ସିଂ, ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ଅନାଦି ଚରଣ ବିନ୍ଧାଣୀ, ପ୍ରତିଷ୍ଠାନର ଆକଳନ ସେଲର ମୁଖ୍ୟ ଅଭିମନ୍ୟୁ ବେହେରା, ସମସ୍ତ ଶିକ୍ଷକ ପ୍ରଶିକ୍ଷକ/ ପ୍ରଶିକ୍ଷକା ଯୋଗଦାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଗତ ୨୦୨୪ ମସିହା ୪ ଡିସେମ୍ବରରେ ଅନୁଷ୍ଠିତ ହୋଇଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣରେ ତୃତୀୟ, ଷଷ୍ଠ, ନବମ ଶ୍ରେଣୀର ଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟରେ ମୟୂରଭଞ୍ଜ ଜିଲ୍ଲାର ପ୍ରଦର୍ଶନ ତଥା ଶିକ୍ଷଣ ଫଳାଫଳକୁ ବିଶ୍ଳେଷଣ କରି ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଆଗାମୀ ଦିନରେ ହେବାକୁ ଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣରେ ଛାତ୍ରଛାତ୍ରୀ କିଭଳି ଉନ୍ନତ ପ୍ରଦର୍ଶନ କରିବେ ସେଥିପାଇଁ ଜିଲ୍ଲାସ୍ତରୀୟ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। କର୍ମଶାଳାକୁ ସାଧନକର୍ମୀ ତଥା ଶିକ୍ଷକ ପ୍ରଶିକ୍ଷକ ଆଶିଷ କୁମାର ଦାସ ମହାପାତ୍ର, ସାଗର କୁମାର ଦଳନାଏକ, ହରପ୍ରିୟା ନାୟକ, ରୂପାଲି ରଚନା ପାତ୍ର ପରିଚାଳନା କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୨ ଜଣ ଲେଖାଏଁ ମୋଟ ୫୨ ଜଣ ଜିଲ୍ଲା ସାଧନ କର୍ମୀ ଯୋଗଦେଇଥିଲେ।

## ଅକ୍ଟୋବର ପାଇଁ ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ

ବାରିପଦା, ୨୯ ।୯ (ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଅକ୍ଟୋବର ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ଅକ୍ଟୋବର ମାସର ପ୍ରଥମ ସୋମବାର ୬ତାରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରୁ ଶୁଣାଣି ହେବ। ସେହିପରି ଦ୍ୱିତୀୟ ସୋମବାର ୧୩ତାରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ, ତୃତୀୟ ସୋମବାର ୨୦ତାରିଖ ପାଞ୍ଚପୀଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏବଂ ଚତୁର୍ଥ ସୋମବାର ୨୭ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା/ଉପଖଣ୍ଡ/ବ୍ଲକ ସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ ଏବଂ ବିଡିଓ, ତହସିଲଦାର ସିଡିପିଓଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗନେଇ ନିଜେ ଉପସ୍ଥିତ ରହି ଜଣାଇପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# 'ଆଦିବାଣୀ ଆପ୍'ରେ ହୋ ଆଦିବାସୀ ଭାଷାକୁ ମିଳିଲାନି ସ୍ଥାନ

ଶରତ, ୨୯।୯ (ସମିସ): କୃତ୍ରିମ ବୁଦ୍ଧିମତାକୁ ଆଧାର କରି ଆଦିବାସୀ ଭାଷାର ଅନୁବାଦ ନିମନ୍ତେ ଉଦ୍ଦିଷ୍ଟ ଆପ୍ ଆଦିବାଣୀକୁ ସେପ୍ଟେମ୍ବର ୧ ତାରିଖରେ ପ୍ରଚଳନ କରାଯାଇଛି। ଦେଶର ସବୁ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ 'ଆଦି କର୍ମଯୋଗୀ' ଅଭିଯାନର ଅଂଶବିଶେଷ ଭାବେ ଏହି ଆପକୁ ଆଦିବାସୀ ବ୍ୟାପାର ମନ୍ତ୍ରଣାୟ ଦ୍ୱାର କାର୍ଯ୍ୟକାରୀ କରାଯାଇଛି। ଯଦ୍ୱାରା ଆଦିବାସୀଙ୍କ ଭାଷା ହିନ୍ଦୀ କିମ୍ବା ଇଂରାଜୀରେ ଅନୁବାଦ କରାଯିବ ଏବଂ ବିଶ୍ୱବାସୀ ଏ ସମ୍ପର୍କରେ ଜାଣିପାରିବେ। ସେଥିରେଭିଲ୍ଲି, ମୁଣ୍ଡାରୀ, ଗୋଣ୍ଡି, ସାନ୍ତାଳୀ, କୁଇ ଏବଂ ଗାରୋ ୬ଟି ଆଦିବାସୀ ଭାଷା ସ୍ଥାନ ପାଇଛି। ଯେଉଁଥିରେ ହୋ ଭାଷାକୁ ସ୍ଥାନିତ କରାଯାଇ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ଯଦିଓ ଏହା ପରୀକ୍ଷାମୂଳକଭାବେ ପ୍ରୟଜନୀୟ। ତଥାପି ଖବର ପ୍ରସାରିତ ହେଉଥିବାପରେ ହୋ ସମ୍ପ୍ରଦାୟକୁ ମ୍ରିୟମାଣ କଲା। ରାଜନୈତିକ ପ୍ରତିନିଧିଙ୍କ ଉପରେ ଏବଂ ଭାଷା ଆନ୍ଦୋଳନ ପୁରୁଖାମାନଙ୍କ ଉପରେ ପ୍ରଶ୍ନ ଉଠାଇଲେ। ଏ କଥା ସୋସିଆଲ ମିଡ଼ିଆରେ ଘୂରି ବୁଲିଲା। ପ୍ରତିନିଧିମାନେ ଏହାର ପ୍ରତିଉତ୍ତର ଦେଲେ ନାହିଁ କି ଆଶ୍ୱାସନା ମଧ୍ୟ ମିଳିଲା ନାହିଁ। ହୋ' ରାଜନେତାମାନେ ପରେ ଦେବେ କି ନାହିଁ, ତାହା ଶାସକ ଦଳ ଏବଂ ବିରୋଧୀ ଦଳରେ ଥିବା ପୁରୁଖା ରାଜନେତା ହୋ ଗମକେ ବା ମୁଖିଆମାନେ ପରେ ଭାବିବେ। ତେବେ ଏ ପ୍ରସଙ୍ଗରେ କେତୋଟି କଥାବସ୍ତୁ ବିଚାରକୁ ନିଆଯାଇପାରେ। ପ୍ରଥମ କଥା, ଭାଷା ପ୍ରତି ଆନ୍ତରିକତା ଓ ସଚେତନତା। ହୋ ଭାଷାରେ କଥାବାର୍ତ୍ତା ହେବା, ଲେଖିବା, ପ୍ରଚାର ପ୍ରସାର କରିବା, ଏହାର ଲିପି ଜାଣିବା, ଲେଖିବା ଏବଂ ଏଥିରେ ଆତ୍ମସନ୍ତୋଷ ଲାଭ କରିବା ଆଦି ଆବଶ୍ୟକତା ରହିଛି। ଏଥିସହିତ ରାଜନୀତିଗତ ପ୍ରଭାବ ଓ ପରିପକ୍ୱତାର ଆବଶ୍ୟକତା ମଧ୍ୟ ରହିଛି। ସରକାରୀ ଦଳକୁ ପ୍ରତିନିଧିତ୍ୱ କରୁଥିବା ରାଜନେତାଙ୍କ ଇଚ୍ଛାଶକ୍ତି ଓ ସହାୟତାର ଆବଶ୍ୟକତା ମଧ୍ୟ ରହିଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କ ସ୍ୱାର୍ଥ ସାଧନ ନିମନ୍ତେ ଯେଉଁ ଲଢେଇ ଦରକାର ତାହା ଦେଖାଯାଇଛି। କାରଣ ଦଳ ଗତ ନିର୍ବିଶେଷରେ ହୋ ସମ୍ପ୍ରଦାୟ ଏକ ହୋଇ ଏକ ସ୍ୱରରେ ସରକାରଙ୍କ ନିକଟରେ ଅନବରତ ଦାବି ଉପସ୍ଥାପନ କରିଛି।

ନେତାମାନେ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପରିବର୍ତ୍ତେ ସମାଜର ଲକ୍ଷ୍ୟ ସାଧନ ନିମନ୍ତେ ଉତ୍ସର୍ଗୀକୃତ। ସେହିପରି ନିଜ ସମ୍ପ୍ରଦାୟ ଭାଷା ସଂଶ୍ଳିଷ୍ଟ ନଥିପତ୍ର ଯାହା ଉକ୍ତ ସମ୍ପ୍ରଦାୟର ଭାଷା ପ୍ରତି ଥିବା ଆବଶ୍ୟକତାର ଗଭୀରତାକୁ ଇଙ୍ଗିତ କରେ ତାହା ମଧ୍ୟ ଅତୀତରେ ଦେଖାଯାଇଛି। ନିରନ୍ତର ଭାଷା ଆନ୍ଦୋଳନ ୭ ଦଶନ୍ଧି ଧରି ଅନେକ ଥର ଭାରତ ବର୍ଷରେ ଦେଖାଦେଇଛି। ଯେଉଁ ଆନ୍ଦୋଳନରେ ହୋ ସମ୍ପ୍ରଦାୟ ଦିନରାତି ଖରାବର୍ଷା ଶୀତକାକର ଏକ କରିଛି। ପଲ୍ଲୀରୁ ଦିଲ୍ଲୀ ଯାଇଛି; କିନ୍ତୁ ଉପରୋକ୍ତ କିଛି ଭାଷାର ସରକାରୀ ମାନ୍ୟତା ଦିଆଯାଇ ନାହିଁ କି ହୋ ସମ୍ପ୍ରଦାୟ ତୁଳନାରେ ଆନ୍ଦୋଳନ ମଧ୍ୟ ଦେଖା ଦେଇନାହିଁ। ତଥାପି ସେଗୁଡିକ ପାଇଁ ଆଦିବାଣୀ ଆପରେ ସ୍ଥାନ ଲାଭ କରୁଥିବା ବେଳେ ହୋ ଭାଷାକୁ ସ୍ଥାନିତ କରାଯାଇନାହିଁ। ଭବିଷ୍ୟତରେ ସ୍ଥାନ ପାଇବ କି ନାହିଁ ତାହା ସରକାରଙ୍କ ଉତ୍ତରଦାୟିତ୍ୱ। ।ରଣ ହୋ ଭାଷା ଆନ୍ଦୋଳନ ବିଷୟରେ ସାରା ଦେଶ ଜାଣିଛି। ସରକାର ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀଦିନରେ ସରକାରୀ ମାନ୍ୟତା ପ୍ରଦାନ କରାଯିବ ବୋଲି ଦେଶବାସୀଙ୍କୁ ସୂଚନା ଦେଇଛନ୍ତି। ତଥାପି ଆଦିବାଣୀ ଅପରେ ସ୍ଥାନ ନ ମିଳିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସକାଳ
THE SAKALA



# ମହାସପ୍ତମୀ ପୂଜାରେ ଦର୍ଶନ ଦେଲେ ଜଗତ୍ ଜନନୀ ମାଁ ଦୁର୍ଗା

ରିଆମାଳ,୨୯।୯ (ସମିସ):



ରିଆମାଳ ଶାରଦୀୟ ଦୂର୍ଗାପୂଜା ମଣ୍ଡପରେ ସୋମବାର ଜଗତ୍ ଜନନୀ ମାଁ ଦୁର୍ଗା ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଏହି ଅବସରରେ ମହାସପ୍ତମୀ ପୂଜା ଓ ଭାଇ ଜିଉନ୍ତିଆ ପୂଜା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ୭୫ ବର୍ଷ ପାଳନ ଅବସରରେ ପ୍ଲାଟିନମ ଜୁବୁଲି ପାଳନ କରୁଥିବା ବେଳେ ପୂଜା ମଣ୍ଡପରେ ପୂଜକ ଚନ୍ଦ୍ରମଣି ଶତପଥୀ ମାଁଙ୍କ ପୂଜା ବିଧି ଅନୁଯାୟୀ ପରିଚାଳନା କରୁଛନ୍ତି। ପ୍ରଥମେ ମାଁଙ୍କ ଚକ୍ଷୁ ଦାନ କରାଯାଇ ଥିଲା। ତତ୍ ପରେ ହୋମ ଆରମ୍ଭ ହୋଇଥିଲା। ସହଯୋଗୀ ପୂଜକ ଧୂବେଇଧର ନନ୍ଦ, କର୍ତ୍ତା ଭାବେ ସଦାନନ୍ଦ ସାହୁ ହୋମ କାର୍ଯ୍ୟ ନିର୍ବାହ କରୁଛନ୍ତି। ସପ୍ତମୀ ପୂଜା ପରେ ଭାଇ ଜିଉନ୍ତିଆ ପୂଜା ହୋଇଥିଲା। ଅଞ୍ଚଳର ବହୁ ଭଉଣୀ ମଣ୍ଡପରେ ଭାଇର ଶୁଭ ମନାସୀ ରଖିଥିବା ମାନସିକ ପୂରଣ ପାଇଁ ପୂଜା କରିଥିଲେ। ସେହିପରି ପୂଜା ମଣ୍ଡପ ନିକଟରେ ମନ ମୋହୁଛି କଳାକୁଞ୍ଜ। ଏଥିରେ କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ମା ସୁଭଦ୍ରାଙ୍କ ମୂର୍ତ୍ତି ରହିଛି। ପୁଣି ପ୍ରଭୁ ଶ୍ରୀରାମଚନ୍ଦ୍ର, ପ୍ରଭୁ କୃଷ୍ଣଙ୍କ ଲହୁଣି ଚୋରି ଓ ମାତା ଯଶୋଦାଙ୍କ ତାଗିଦ, ପ୍ରଭୁରାମ ଚନ୍ଦ୍ରଙ୍କ ବାଲୁକା ଶିବଲିଙ୍ଗ ପୂଜାର ମୂର୍ତ୍ତି ପୂଜା ମଣ୍ଡପର ଆକର୍ଷଣ ସାଜିଛି। କମିଟି ସଭାପତି ପ୍ରମୋଦ ନନ୍ଦ, ସମ୍ପାଦକ ନାରାୟଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏବଂ ସଦସ୍ୟ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

ସେହିପରି ରାବଣର ରାଜଦରବାରେ ଆଜି ରାବଣଙ୍କ ଦିଗବିଜୟ ହୋଇଛି। ଏଥିସହ ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା, ସୀତା ସ୍ୱୟଂମ୍ବର, ପର୍ଶୁରାମଙ୍କ ଗର୍ବ ଗଞ୍ଜନ ଆଦି ଦୃଶ୍ୟ ନିଖୁଣ ଭାବେ ଏହି ଖୋଲା ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଯାଇଛି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ରାବଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କ ସହ ଅନ୍ୟ କଳାକାର ମାନେ ମଧ୍ୟ ନିଜର ନିଖୁଣ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି। ମହାମନ୍ତ୍ରୀ ଭୂମିକାରେ ରବିନ୍ଦ୍ର ଭୋଇ, ସେନାପତି ଭାବେ ଅନିଲ ପଟେଲ, ଘାସିରାମ ତାଣ୍ଡିଆ ଓ ଦିଲେଶ କୁମ୍ଭାର, ବିରବାହୁ ଭାବେ ଜଗବନ୍ଧୁ ମହାଲିଙ୍ଗ, ଡଗର ହରିହର ଭୋଇ, ଶ୍ରୀରାମ ରୂପେ ଜଗନ୍ନାଥ ସାହୁ, ଲକ୍ଷ୍ମଣ ଭୂମିକାରେ ସାଗର ସାହୁ, ମାଁ ସୀତା ଭାବେ ରାକ୍ଷୀ ସିଂ, ଜନକରାଜା ନାରାୟଣ ମାଝୀ, ମନ୍ତ୍ରୀ ଭୋଳାନାଥ ପ୍ରଧାନ, ପର୍ଶୁରାମ ଚରିତ୍ରରେ ପବିତ୍ର ମାଝୀ, ବିଶ୍ୱାମିତ୍ର ଚରିତ୍ରରେ ଗଙ୍ଗାଧର ସାହୁ ପ୍ରମୁଖ ବରଗଡ଼ ଧନୁଯାତ୍ରାର କଳାକାର ଦର୍ଶକଙ୍କୁ ନିଜର ଅଭିନୟରେ ବିମୋହିତ କରୁଛନ୍ତି। ପୂଜାରେ ରାବଣ ଦରବାର ଏକ ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ବହୁ ଦର୍ଶକଙ୍କ ଜନସମାଗମ ହେଉଛି।

# ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ହେବ ମାଁଙ୍କ ପୂଜା

କୋଲାବିରା,୨୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍ ଅଧୀନ ସମାସିଂହା ଠାରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଶାରଦୀୟ ଦୁର୍ଗାପୂଜା ୪୪ ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ନିଆରା ଢଙ୍ଗରେ ଉତ୍ସବ ପାଳନ ପାଳନ କରାଯିବାକୁ କମିଟି ନିଷ୍ପତ୍ତି ନେଇଛି। ଅନ୍ୟ ବର୍ଷ ମାନଙ୍କ ପରି ଅତ୍ୟାଧୁନିକ ନାଚଗୀତର କାର୍ଯ୍ୟକ୍ରମ ନ କରି ଭକ୍ତିପୂର୍ଣ୍ଣ ପରିବେଶରେ ଶାନ୍ତି ଶୃଙ୍ଖଳା ସହିତ ପୂଜା ପାଳନ କରାଯିବାକୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି ବର୍ଷ ଆଧ୍ୟାତ୍ମିକତା ଓ ଭକ୍ତି ଭାବରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ ମାଁଙ୍କ ପୂଜାବିଧି କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପର୍ଯ୍ୟାୟକ୍ରମେ ମାଁଙ୍କ ମଙ୍ଗଳ ଆଳତି, ମହାସ୍ନାନ, ପୀଠ ପୂଜା, ପାଶ୍ୱର୍ ଦେବଦେବୀ, ମୁଖ୍ୟ ଦେବୀ, ଷୋଡଶ ଉପଚାର ପୂଜା, ଚଣ୍ଡିପାଠ, ହୋମ, ମହା ଆଳତି, ଶୟନ ଆଳତି, ସନ୍ଧିପୂଜା, ଚଣ୍ଡିହୋମ, ଅପରାଜିତା ପୂଜା, ବଳି ପୂଜାବିଧି ହେବ। ଆଚାର୍ଯ୍ୟ କ୍ଷୀରୋଦ ଚନ୍ଦ୍ର ପୂଜାରୀ ମାଁଙ୍କ ପୂଜାବିଧି କାର୍ଯ୍ୟ ସମ୍ପାଦନା କରିବେ। ତାଙ୍କର ଦୁଇ ସହଯୋଗୀ ଆଶିଷ ପୂଜାରୀ ଓ ଅଙ୍କୁଶ ପାଣିଗ୍ରାହୀ ସହାୟତା କରିବେ। ବିଭିନ୍ନ ସ୍କୁଲ କଲେଜ, ମହାବିଦ୍ୟାଳୟ ବିଭିନ୍ନ କ୍ଲବ୍ ଓ ଗୋଷ୍ଠୀ ମାନଙ୍କ ସାମାଜିକ ଅଧ୍ୟାତ୍ମିକ ଦେଶ ଓ ମାତୃ ବନ୍ଦନା, ଓଡ଼ିଶୀ, ଦଶାବତାର, ଲୋକ ସଂସ୍କୃତି, ଲୋକଗୀତ, ପାରମ୍ପରିକ ନୃତ୍ୟଗୀତ, ସାମାଜିକ ବାର୍ତ୍ତା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଞ୍ଚାୟତିରାଜ ଓ ପାନୀୟ ଜଳ



ମନ୍ତ୍ରୀ ରବିନାରାୟଣ ନାଏକ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଦିପାଳୀ ଦାସ, ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଯୁବନେତା ଦୁର୍ଗେଶ ମହାନ୍ତିଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ନିମନ୍ତ୍ରଣ କରାଯାଇଛି। ଚଳିତ ବର୍ଷ ଢାଞ୍ଚାରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ପୂର୍ବବର୍ଷ ମାନଙ୍କ ପରି ଦଶମୀ ତିଥିରେ ରାବଣପୋଡି କରାଯିବ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସଭାପତି ରିତେଶ ସାହୁ, ସମ୍ପାଦକ ଆଶିଷ ନାଏକ, ବଳରାମ ପରୁଆ, ସଦାନନ୍ଦ କିଶାନ, ଭୂବନ ପାଣ୍ଡେ, ଗୌର ଚନ୍ଦ୍ର ପଣ୍ଡା ପ୍ରମୁଖ ସୂଚନା ଦେଇଛନ୍ତି। ଚଳିତ ବର୍ଷ ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ଗାଁର ବିଜୟ ନାଏକ ଓ ତାଙ୍କ ଧର୍ମପତ୍ନୀ ନନ୍ଦିତା ନାଏକ କାର୍ଯ୍ୟଭାର ତୁଲାଉଛନ୍ତି। ପ୍ରଗତୀ ସଂଘର ସଭାପତି ମନୋଜ କାଲୋ, ସମ୍ପାଦକ ପ୍ରକାଶ ସାହୁ, ଯୋଗେଶ୍ୱର ସେନାପତି ଭୀଷ୍ମଦେବ ପଟେଲ, ରଞ୍ଜିତ ପଟେଲ, ସୁରେଶ ସାହୁ, ଅଜିତ ସେନାପତି, ଓଁଙ୍କାରମଲ ସାହୁ, ପ୍ରକାଶ ସାହୁ, ମୋହନ ସାହୁ, ଚୁଡାମଣୀ ବଗାର, ନିଖିଲ ସାହୁ, ଯୁଗେଶ୍ୱର ପଟେଲ, ହିମାଂସୁ ସାହୁ, ମନୋଜ ପଟେଲ, ମାନସ ପଟେଲ, ମୋତିଲାଲ ସାହୁ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ସୂଚାରୁ ପରିଚାଳନାର ଦାୟିତ୍ୱରେ ରହିଛନ୍ତି।

# ଚଳିତଥର ଧନୁଯାତ୍ରା ପାଇଁ ନଡ଼ିଆ ଫୁଟା

ଇବଥର୍ମାଲ,୨୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ଆଞ୍ଚଳିକ ଧନୁଯାତ୍ରା କମିଟି ବନ୍ଧବାହାଲ ପକ୍ଷରୁ ଚଳିତଥର ଧନୁଯାତ୍ରା କରିବାକୁ କମିଟି ପକ୍ଷରୁ ଅନୁକୂଳ କରାଯାଇଛି। ୧୯ ବର୍ଷରେ ପଦାର୍ପଣ କରିବାକୁ ଥିବା ଧୁନୁଯାତ୍ରାର ପ୍ରଥମ ବର୍ଷରେ କିଛି ସ୍ଥାନୀୟ ଉଦ୍ୟୋକ୍ତା ଦଶହରା ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ନଡ଼ିଆ ଫଟାଇ ପୂଜାର୍ଚ୍ଚନା



କରି ଧନୁଯାତ୍ରା କରିବାକୁ ସଂକଳ୍ପ ନେଇଥିଲେ। ସେହି ପରମ୍ପରା ଅନୁସାରେ ପ୍ରତ୍ୟେକ ବର୍ଷ ଭଳି ଆଜି ଧନୁଯାତ୍ରା ମଣ୍ଡପରେ ଏକ ସଭା ଡକା ଯାଇଥିଲା। ଧନୁଯାତ୍ରା କମିଟିର ସଭାପତି ବେଣୁଧର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚଳିତ ଥର ମଧ୍ୟ ଆଞ୍ଚଳିକ ଧନୁଯାତ୍ରା କମିଟି ଆନୁକୂଲ୍ୟରେ ବନ୍ଧବାହାଲରେ ଆଡମ୍ବର ସହକାରେ ଧନୁଯାତ୍ରା କରାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ବିଧି ଅନୁସାରେ ଝାଙ୍କର ଟଙ୍କଧର ନେଟି ମାଁଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ବନ୍ଧବାହାଲ ଜମିଦାର ବଂଶଜ ସଞ୍ଜୟ ସିଂହ ପ୍ରମୁଖ ଦାୟିତ୍ୱ ଗ୍ରହଣ କରି ନଡିଆ ପଠାଇଥିଲେ। ଆଜି ସଭାରେ ବିଶେଷ ଅତିଥିଭାବେ ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ ଯୋଗ ଦେଇଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, ପେଟ୍ରନ ସୌକ ପ୍ରଧାନ, ବିରଞ୍ଚି ପ୍ରଧାନ, ମନୋରଞ୍ଜନ କଣ୍ଟା ତଥା ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ନିଜ ମତ ପ୍ରଦାନ କରିଥିଲେ।

# ମନ୍ତ୍ରୀଙ୍କ ଗାଡ଼ିକୁ ଧକ୍କା ଦେଇ ୨ ବାଇକ୍ ଆରୋହୀ ଗୁରୁତର

## ■ ଦୁର୍ଘଟଣା ପରେ ମନ୍ତ୍ରୀଙ୍କ ଗାଡ଼ିକୁ ଖସାଇ ଦେଲା ପୁଲିସ

ଦେବଗଡ଼,୨୯।୯ (ସମିସ): ବଳମ ଗାଁ ସ୍ଥିତ ଜାଗୃତି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦୁର୍ଗାପୂଜା ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ସୋମବାର ଯୋଗ ଦେବାକୁ ଆସିଥିବା ପୂର୍ତ୍ତ ବିଭାଗ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଇନୋଭାକୁ ଦୁଇ ବାଇକ ଆରୋହୀ ଧକ୍କା ଦେଇଛନ୍ତି। ଏଥିରେ ସେମାନେ ଆହତ ହେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ଦ୍ୱୟ ଭାଲୁମୁଣ୍ଡା ଗାଁର ପ୍ରଦୀପ ପଲେଇ ଓ ଦିଗାମ୍ବର ପ୍ରଧାନ ବୋଲି ଜଣାପଡ଼ିଛି। ଅବସ୍ଥା ଶଙ୍କଟାପନ୍ନ ହେବାରୁ ଦିଗାମ୍ବରକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଆହତ ଯୁବକ ଦ୍ୱୟଙ୍କୁ ପୁଲିସ ଗାଡିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ମନ୍ତ୍ରୀ ଶ୍ରୀ ନାଏକ କାର୍ଯ୍ୟକ୍ରମ ସ୍ଥଳୀକୁ ଯାଇ ଦୁର୍ଗାପୂଜାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କାଣ୍ଟଛାଣ୍ଟ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କ ସହ



ଆଲୋଚନା କରିବା ସହ ମନ୍ତ୍ରୀ ଯୁବକ ଦ୍ୱୟଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇ ଚାଲିଯାଇଥିଲେ। ତେବେ ଦୁର୍ଘଟଣା ପରେ ସମ୍ଭାବ୍ୟ ଉତ୍ତେଜନାକୁ ଆଶଙ୍କା କରି ଉପସ୍ଥିତ ପୁଲିସ ଅଧିକାରୀମାନେ ମନ୍ତ୍ରୀଙ୍କ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ସେଠାରୁ ଅନ୍ୟତ୍ର ପଠାଇ ମାମଲାକୁ ଚପାଇ ଦେବାର ଉଦ୍ୟମ କରିଥିବା ଜଣା ପଡିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣା ସମ୍ପର୍କିତ କୌଣସି ମାମଲା ଥାନାରେ ରୁଜୁ ହୋଇ ନଥିବା ଜଣାପଡିଛି।

# କୁଷ୍ଠାଶ୍ରମରେ ନୂଆଁଖାଇ ଭେଟ୍‌ଘାଟ୍

ବରଗଡ,୨୯।୯ (ସମିସ): ବିଗତ ୧୮ ବର୍ଷ ଧରି ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ନିଜ ବାର୍ଷିକ ଉତ୍ସବକୁ ନୂଆଁଖାଇ ଭେଟଘାଟ ଭାବେ ବିଭିନ୍ନ କୁଷ୍ଠାଶ୍ରମ ଅନ୍ତେବାସୀଙ୍କ ସହ ପାଳନ କରି ଆସୁଛି।



ଚଳିତ ବର୍ଷ ବରଗଡ଼ ଜିରା ନଦୀ କୂଳ ସ୍ଥିତ କୁଷ୍ଠାଶ୍ରମ ଠାରେ ସଂଘ ପକ୍ଷରୁ ଏହି ଅନନ୍ୟ ପର୍ବ ପାଳନ କରାଯାଇଛି। ସାମ୍ବାଦିକ ସଂଘ ପକ୍ଷରୁ ଅବହେଳିତ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅଭିନବ ପ୍ରୟାସ ହୋଇଛି। ଏହି ଅବସରରେ ଉଲ୍ଲେଖନୀୟ ପ୍ରତିଭା ସମ୍ପନ୍ନଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ସଂଘ ସଭାପତି ନାସିର ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ଏବଂ ଶ୍ରମିକ ନେତା ସରଦାର ପ୍ରୀତମ ସିଂ ମୁଖ୍ୟ ଅତିଥି ଏବଂ ସମାଜସେବୀ ସନାତନ ପ୍ରଧାନ, ସମାଜସେବୀ ଚନ୍ଦ୍ର ଶେଖର ବାଗ, ବରଗଡ଼ର ସୁନାମଧନ୍ୟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ଅଶ୍ୱିନୀ ଭୋଇ, ଯୁବ ସମାଜସେବୀ ରିଙ୍କେଶ ମିଶ୍ର, ସାମ୍ବାଦିକ ତୁଳସୀ ଚରଣ ଦାଶ, ଜାତୀୟ ବୃଦ୍ଧ ମହାସଭାର ରାଜ୍ୟ ସଭାପତି ଜଗଦୀଶ ଲୁହା, ଲାୟନ୍ସ କ୍ଲବ୍ ସମ୍ପାଦକ ଅଭୟ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ସାମର୍ଥ ବର୍ଗକୁ ଅବହେଳିତ ବର୍ଗ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରୋହୀଣିଆର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୋହେଲାର ସୁଦୟ ନାଏକ, ପାଣିମୋରା ଗାଁର ରମାକାନ୍ତ ପଟେଲ, ବରଗଡ଼ର ବୁଧରାମ ସାହୁ, ବିଜେପୁର ବାଉଁଶପୁଜାର ଯୋଗେଶ୍ୱର ସାହୁ, ସାମ୍ବାଦିକ ଯୋଗେନ୍ଦ୍ର ସାହୁ, କଳାକାର ସୁନ୍ଦରମଣୀ ସାହୁ, ନୃତ୍ୟ ନିର୍ଦ୍ଦେଶିକା ପ୍ରତିମା ସେଠଙ୍କୁ ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ ସେବାକାର୍ଯ୍ୟ ପାଇଁ ସମ୍ମାନଫଳକ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏମଡି ନିଜାମ, ଉମାକାନ୍ତ ପାଣିଗ୍ରାହୀ, ଛୋଟେ ପାଣିଗ୍ରାହୀ, ଶୈଳେଶ ଶତପଥୀ, ସରୋଜ ନାୟକ, ଏମଡି ସାଜିଦ, କୃଷ୍ଣ ପଧାନ, ବୁଦ୍ଧଦେବ ପଧାନ, ସମ୍ପଦ କଲେତ, ଖବରକାଗଜ ବିତରକ ସଂଘ ଉପ ସଭାପତି ହରି ମୁଗରୀ, ଯତିରଞ୍ଜନ ପୂଜାରୀ, ମନୋଜ ରାୟ, ଦେବୀ ପ୍ରସାଦ ପଟ୍ଟନାୟକ, ତାନସେନ ସରାଫ, ଲଳିତ ବିଶି, ସନ୍ତୋଷ କର, ମଲ୍ଲେଶରାଓ, ଭୋଗୀରାଜ ରାଉତ, ରିତୁ ପୂଜାରୀ, ପ୍ରତିମା ତ୍ରିପାଠୀ, ମୁକେଶ ଆଚାର୍ଯ୍ୟ, ସୁନୀଲ ଅଗ୍ରୱାଲ, ପ୍ରଣତି ମଲ୍ଲିକ, ଜିତେନ୍ ସାହୁ, ପ୍ରତୀକ୍ଷା ସାହୁ, ଅଲିଭା ବାରିକ, ସୁରେଶ ସାହୁ, ସୁଦାମ ମଲ୍ଲିକ, ଅରୁଣା ପର୍ଡିଆ, କାର୍ତ୍ତିକ ପ୍ରଧାନ, ନିର୍ମଳ ଭୋଇ, ମଣ୍ଟୁ ପ୍ରଧାନ, ଯୋଗେଶ୍ୱର ମେହେର, ଅସିତ ପଟେଲ, ଚିତ୍ରସେନ ବିଶ୍ୱାଳ, ସୁମତି ବାଙ୍କ, କୂଳମଣି ନାଏକ, ମଧୁସୂଦନ ବର୍ଗେ, କୂଳମଣି ବାଗ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ, ବେଡସିଟ୍, ଲୁଙ୍ଗି, ସାଢ଼ୀ, ସାୟା, ବ୍ଲାଉଜ, ଗଞ୍ଜି, ଗାମୁଛା ଇତ୍ୟାଦି ବଣ୍ଟନ ସହ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଶେଷରେ ଟି.ଗଣ୍ଡପାଳି, ପାଣିମୋରା, ବହଳବାହାଲର ଶିଶୁ ନୃତ୍ୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଗୀତ ପରିବେଷଣ କରା ଯାଇଥିଲା। ସଂଘ ସମ୍ପାଦକ ବିପିନ ବିହାରୀ ଦାଶ ସଭା ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ମହମ୍ମଦ ଅସଲମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇରାଲ ମିଡିଆ ଗ୍ରୁପ ପକ୍ଷରୁ ଗର୍ବା ଗୁଞ୍ଜି ସିଜନ୍-୨

ଝାରସୁଗୁଡ଼ା,୨୯।୯ (ସମିସ): ଝାରସୁଗୁଡ଼ା ସହରର ସରବାହାଲ ଅପର୍ଣ୍ଣା ବଗିଚା ଠାରେ ଭାଇରାଲ ମିଡିଆ ଗ୍ରୁପ ପକ୍ଷରୁ ଗର୍ବା ଗୁଞ୍ଜି ସିଜନ୍-୨ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ପାର୍ବଣର ପବିତ୍ର ପରିବେଶରେ ମାଁ ଦୁର୍ଗାଙ୍କୁ ସମର୍ପିତ କରି ଗତ ୨୭ ତାରିଖରେ ଗର୍ବା ଗୁଞ୍ଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଇରାଲ୍ ମିଡିଆ ଗ୍ରୁପ୍ ପକ୍ଷରୁ ସହରରେ ଦ୍ୱିତୀୟ ଥର ପାଇଁ ଆନନ୍ଦ ଉଲ୍ଲାସରେ ଗର୍ବା ଗୁଞ୍ଜି ସିଜନ୍-୨ ଅନୁଷ୍ଠିତ ହୋଇଥିଲା। ନବରାତ୍ର ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ଗର୍ବା ନୃତ୍ୟ କରିଥିଲେ। ପାରମ୍ପରିକ ଗର୍ବା ନୃତ୍ୟକରି ଆସୁରିକ ଶକ୍ତି ଉପରେ ମାଁ ଦୂର୍ଗାଙ୍କ ବିଜୟ ଗାଥା ବର୍ଣ୍ଣନା କରାଯାଇଥିଲା। ଏହି ଗର୍ବା



ଗୁଞ୍ଜି କାର୍ଯ୍ୟକ୍ରମ ଭାଇରାଲ୍ ମିଡିଆ ଗ୍ରୁପର ଡାଇରେକ୍ଟର ରବିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦିପାଳି ଦାସ ଯୋଗ ଦେଇଥିଲେ। ଟେଲିଭିଜନ ଅଭିନେତା ସୌରଭରାଜ୍ ଜୈନ ଏହି ଗର୍ବା ଗୁଞ୍ଜିରେ ମୁଖ୍ୟ ଆକର୍ଷକ ସାଜିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ସହରବାସୀଙ୍କ ସହିତ ଗର୍ବା ନୃତ୍ୟ କରିଥିଲେ। ଶହ ଶହ ଲୋକ ତାଙ୍କୁ ଦେଖିବା ପାଇଁ କାର୍ଯ୍ୟକ୍ରମରେ ଯୋଗ ଦେଇ ବେଶ୍ ଉତ୍ସାହର ସହିତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ଶବଦାହ ଗୃହରେ କାଠ ବିକ୍ରି ବ୍ୟବସ୍ଥା ଦାବି

କୋଲାବିରା,୨୯।୯ (ସମିସ): କୋଲାବିରା ବ୍ଲକ୍‌ର ମୁଖ୍ୟାଳୟ ଠାରେ ଥିବା ନୂତନ ଶବଦାହ ଗୃହ ପରିସରରେ ଏକ କାଠ ଗୋଦାମ ଖୋଲିବା ପାଇଁ ଜନସାଧାରଣରେ ଦାବି ହୋଇଛି। ତେଲେନ ନଦୀ ତୀର୍ଥଘାଟ ଶବ ସତ୍କାର ପାଇଁ ପବିତ୍ର ସ୍ଥଳ ବୋଲି ମାନ୍ୟତା ଅଛି। ତେଣୁ ତେଲେନ ନଦୀ କୂଳରେ ଶବଦାହ କରି ତୀର୍ଥଘାଟରେ ସମର୍ପଣ କରାଯାଇଥାଏ। ଶବଦାହ ଗୃହରେ ଶବ ସତ୍କାର ହେବା ଯୋଗୁଁ ଅଞ୍ଚଳର ସମସ୍ତ ଜନସାଧାରଣ ଉପକୃତ ହୋଇଥାନ୍ତି। ଶବଦାହ ଗୃହର ରକ୍ଷଣାବେକ୍ଷଣ ସହିତ ସମସ୍ତ କାର୍ଯ୍ୟ ସୂଚାରୁରୂପେ ତୁଲାଇବା ପାଇଁ ପଞ୍ଚାୟତର ଦାୟିତ୍ୱ ରହିଛି। ତେବେ ଏଠାରେ ଦାହ ସଂସ୍କାର କରିବା ପାଇଁ କାଠର ଘୋର ଅଭାବ ଦେଖାଦେଉଛି। ଲୋକେ ଏଠୁ ସେଠୁ କାଠ ସଂଗ୍ରହ କରି ଶବଦାହ କରିଥାନ୍ତି। ତେଣୁ ଶବଦାହ ସକାଶେ କାଠର ଅଭାବ ଦୂର କରିବା ନିମନ୍ତେ ଏକ କାଠ ଗୋଦମ କରାଯାଇ ଦାହ ସଂସ୍କାର ପାଇଁ କାଠ ବିକ୍ରିର ବ୍ୟବସ୍ଥା ହେଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଇବ୍ ନଦୀରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୨୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଓପିଏମ କଲୋନୀ ଜି ଲାଇନ୍‌ରେ ରହୁଥିବା ବିଜୟ ରାଉଳଙ୍କ ନିଖୋଜ ପତ୍ନୀ ରେଣୁକା ରାଉଳ (୪୮)ଙ୍କ ମୃତଦେହକୁ ଇବ ନଦୀର ପେପର ମିଲ ଘାଟ ନିକଟରୁ ଉଦ୍ଧାର କରାଯାଇଛି। ମହିଳା ଜଣକ ଶନିବାର ସକାଳୁ ନିଖୋଜ ଥିବା ନେଇ ବ୍ରଜରାଜନଗର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ରେଣୁକା ନିତ୍ୟକର୍ମ ସାରି ସକାଳ ୭ଟା ସମୟରୁ କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ଜାଗାରେ ଖୋଜା ଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନଥିଲେ। ତେବେ ଶନିବାର ସକାଳ ପ୍ରାୟ ୮ଟା ବେଳକୁ କିଛି ପଥଚାରୀ ଜାତୀୟ ରାଜପଥ ବରଘାଟ ନିକଟରେ ଇବ ନଦୀ ଉପରେ ଥିବା ବ୍ରିଜ୍ ଉପରୁ ଜଣେ ମହିଳା ନଦୀକୁ ଡେଇଁ ପଡିବା ନେଇ ୧୧୨ ନମ୍ବରରେ ଜଣାଇଥିଲେ। ଖବର ପାଇ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଗାନ୍ଧୀ ଛକ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ପହଞ୍ଚି ଇବ ନଦୀରେ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ରବିବାର ମଧ୍ୟ ସନ୍ଧାନ କାର୍ଯ୍ୟ ହୋଇଥିଲା। ଶେଷରେ ସନ୍ଧ୍ୟାରେ ମହିଳାଙ୍କ ମୃତଦେହ ଇବ ନଦୀ ପେପର ମିଲ ଘାଟ ନିକଟରେ ଭାସୁଥିବାର ଦେଖି ଓଡ୍ରାଫ ଟିମ୍ ଉଦ୍ଧାର କରିଥିଲେ। ମହିଳାଙ୍କ ମୃତଦେହକୁ ଗାନ୍ଧୀ ଛକ ପୁଲିସକୁ ହସ୍ତାନ୍ତର କରାଯିବା ପରେ ପୁଲିସ ପରିବାର ଲୋକଙ୍କୁ ଜଣାଇଥିଲା। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ସୂଚନା ଦେଇଛନ୍ତି।

# ଫୁଟବଲ୍ ପ୍ରତିଯୋଗିତାରେ ଗୁଦୁରାପଡା ଚାମ୍ପିଅନ୍



ଦେବଗଡ,୨୯।୯ (ସମିସ):

ତିଳେଇବଣି ବ୍ଲକ୍ ଟାଇଁସର ପଞ୍ଚାୟତ କୈଳାଶ ଫୁଟବଲ କମିଟି ପକ୍ଷରୁ ରବିବାର ଠାରୁ ଆରମ୍ଭ ହୋଇଥିବା ୧୮ ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ୧୬ଟି ଦଳକୁ ନେଇ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ସାହୁ ଏଫସି ଗୁଦୁରାପଡା ଦଳ ଓ ମାଁ ତାରିଣୀ ଏଫସି କଣ୍ଟାପାଲି ଦଳ ମଧ୍ୟରେ ହୋଇଥିଲା। ଏଥିଲେ ଗୁଦୁରାପଡା ଦଳ ଚାମ୍ପିଅନ ହୋଇଛି। ରେଫରୀ ଭାବେ ସୁଜିତ ବାରିକ, ରାଜୀବ ନାଏକ, ତନ୍ମୟ କିଶାନ ଏବଂ ରାଜେଶ ଜୟପୁରୀୟା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ସହଦେବ ସାହୁ ଏବଂ ସମ୍ପାଦକ ସୁବିତ ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହିତ ୨୩ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ୧୮ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦସ୍ୟ ପ୍ରଶାନ୍ତ ପ୍ରଧାନ ପବିତ୍ର ମୋହନ ବେହେରା ଏବଂ ବାରକୋଟ ବ୍ଲକ୍ ବିଜେଡି ସଭାପତି ହୀରାଲାଲ ସାହୁ ମଞ୍ଚାସୀନ ଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବନ୍ଧବାହାଲ ଶିଶୁ ମନ୍ଦିରରେ ପୂର୍ବ ଛାତ୍ର ସମ୍ମିଳନୀ

ଇବଥର୍ମାଲ,୨୯।୯ (ସମିସ): ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି ଓଡ଼ିଶାର ଯୋଜନା ଅନୁଯାୟୀ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ 'ପୂର୍ବ ଛାତ୍ର ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଦସ୍ୟା ପୁଷ୍ପାଞ୍ଜଳୀ ବାରିକ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କମିଟିର କୋଷାଧ୍ୟକ୍ଷ ଯଶୋବନ୍ତ ପାଲ, ଯୁଗ୍ମ ସମ୍ପାଦକ ଆଦିତ୍ୟ ସିଂଦେଓ, ସଦସ୍ୟା ମଞ୍ଜୁଲତା ଭୂମିଜ, ସୁମିତ୍ରା ଦାସ ଓ ସ୍ଥାନୀୟ ସହ ସମ୍ପାଦକ ଆଦିତ୍ୟ ସିଂଦେଓ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଜୟ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାମାଜିକ ସମରସତା, ପର୍ଯ୍ୟାବରଣ, ସ୍ୱବୋଧ ତଥା ସ୍ୱଦେଶୀ ଅପଣାନ୍ତୁ ଭାରତକୁ ସଶକ୍ତ କରନ୍ତୁ, ନାଗରିକ କର୍ତ୍ତବ୍ୟ ଓ ବିକଶିତ ଭାରତ ନିର୍ମାଣରେ ପୂର୍ବ ଛାତ୍ର ମାନଙ୍କ ଭୂମିକା ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଗୁରୁଜୀ ରାକେଶ ପଣ୍ଡା ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମଧ୍ୟ ନିଜ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଗୁରୁମା ପଙ୍କଜୀନି ସା କରିଥିଲେ। ଶେଷରେ ବରିଷ୍ଠ ଗୁରୁଜୀ ପାଣ୍ଡବ ସା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀଟି କାର୍ଯ୍ୟକ୍ରମ ପ୍ରମୁଖ ଗୁରୁମା ଆଲୋକମୟୀ ଦାଶ ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ସଫଳ ହୋଇଥିଲା।





ଶାରଦୀୟ ମହାପୂଜାର ଅନ୍ତିମ ଦିବସ ମହାଷ୍ଟମୀରେ ମା’ ଶାରଳାଙ୍କ ମହିଷାମର୍ଦ୍ଦିନୀ ବେଶ

## ସରିଲା ମା’ ଶାରଳାଙ୍କ ଷୋଳ ଦିନାତ୍ମକ ପାର୍ବଣ ପୂଜା

# ମହାଷ୍ଟମୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼

ଜଗତସିଂହପୁର/ତିର୍ତ୍ତୋଲ, ୨୯।୯(ସମିସ):



ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଶାରଳାଙ୍କ ଷୋଳ ଦିନାତ୍ମକ ଶାରଦୀୟ ପାର୍ବଣ ପୂଜା ଆଜି ଶେଷ ହୋଇଛି। ଗତ ସେପ୍ଟେମ୍ବର ୧୪ ତାରିଖ ମୂଳାଷ୍ଟମୀ ଦିନଠାରୁ ଆରମ୍ଭ ହୋଇଥିବା ଏହି ପୂଜା ପବିତ୍ର ମହାଷ୍ଟମୀ ଦିନ ଶେଷ ହୋଇଛି। ଆଜି ପ୍ରତ୍ୟୁଷରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଥିଲା ମା’ଙ୍କ ପୀଠସ୍ଥଳ। ପଶ୍ଚିମ ଓଡିଶାର ନବାନ୍ନ ଭକ୍ଷଣ ପର୍ବଭଳି ମା’ ଶାରଳାଙ୍କ ପୀଠରେ ନୁଆ ଧାନରୁ ଚୁଡ଼ା ପ୍ରସ୍ତୁତ କରି ଚାଷୀ ନିଜ ହାତରେ ଚୁଡ଼ାଘଷା ଭୋଗ ମା’ଙ୍କୁ ଅର୍ପଣ କରି ପରିବାର ଓ ପଡ଼ୋଶୀଙ୍କୁ ବଣ୍ଟନ କରି ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥଲେ। ବ୍ରତଧାରୀ ମା’ଙ୍କ ପାଖରେ ମଣ୍ଡାଭୋଗ ପୂଜା କରିଥିଲେ। ସ୍ୱତନ୍ତ୍ର ନୀତି ଭାବେ ଷୋଡ଼ଶ ଉପଚାର ପୂଜା, ବଡସିଂହାର, ସମୂହ ଚଣ୍ଡୀପାଠ, ବିଶ୍ୱଶାନ୍ତି ମହାଯଜ୍ଞରେ ଆହୂତି ପ୍ରଦାନ ସହିତ ସନ୍ଧ୍ୟାରେ ମା’ଙ୍କ ଅପୂର୍ବ ମନୋରମ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବା ପରେ ନାଟ୍ୟ ମଣ୍ଡପରେ ଶୂଦ୍ରମୁନି ସାରଳା ଦାସଙ୍କ କୃତ ଚଣ୍ଡି ପୁରାଣ ପାଠ, ରାତ୍ର ୧୦ଟା ବେଳେ ସମ୍ପୂର୍ଣ୍ଣ ସୁନାବେଶରେ ମା’ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

ପରେ ମା’ ଦାଣ୍ଡଯାତ୍ରାରେ ବିଜେ କରିବା ପରେ କାଳୀକା ନୃତ୍ୟ ପୀଠ ପରିକ୍ରମା କରିଥିଲା। ଦାଣ୍ଡଯାତ୍ରାରେ ମା’ ପ୍ରାଚୀନ ପୀଠ ସ୍ଥଳି ବଡ଼ଶାରୋଳ ଗ୍ରାମର ଲଣ୍ଡାଦେଉଳରୁ ଫେରିବା ପରେ, ମନ୍ଦିର ସୌଧ କରାଯାଇ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଥିଲା ଓ ସନ୍ଧିପୂଜା ବସିଥିଲା। ପୂର୍ବରୁ ଏହି ସନ୍ଧିପୂଜା ସମୟରେ ଏକ ଜୀବନ୍ତ ମହିଷିକୁ ବଳି ଦିଆଯାଉଥିଲା। ମାତ୍ର ୧୯୪୭ରେ ତିର୍ତ୍ତୋଲର ପୂର୍ବତନ ବିଧାୟକ ତଥା ସର୍ବଭାରତୀୟ ଶ୍ରମିକ ନେତା, ସ୍ୱାଧୀନତା ସଂଗ୍ରାମୀ ନିଶାମଣି ଖୁଣ୍ଟିଆଙ୍କ ଗଣ ଆନ୍ଦୋଳନ ଫଳରେ ଏହି କୁପ୍ରଥା ବିଲୁପ୍ତ ହୋଇଥିଲା। ପଶୁ ବଳି ପରିବର୍ତ୍ତେ ଏକ ବଳିପଣା ହାଣ୍ଡି ସହିତ ୧୦୮ ପ୍ରକାରର ସୁମିଷ୍ଟ ଭୋଗ ଅର୍ପଣ କରାଯାଇଥିଲା। ପ୍ରାତଃ ସମୟରେ ଷୋଳଦିନ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ସହିତ ସନ୍ଧିପୂଜାର ମଧ ପରିସମାପ୍ତି ହୋଇଯାଇଛି। ସେପ୍ଟେମ୍ବର ୩୦ ତାରିଖ ଓ ଅକ୍ଟୋବର ୧ ତାରିଖ ଦୁଇଦିନ ବିଶ୍ରାମ ପଡୁଥିବାରୁ ମନ୍ଦିରର ସମ୍ମୁଖ ଦ୍ୱାର ବନ୍ଦ ରହିବ। ଦକ୍ଷିଣ-ପଶ୍ଚିମ ଦ୍ୱାର ଦେଇ ଭକ୍ତ ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ। ଏଥିସହିତ ନୀତିକାନ୍ତି ଯଥା ରୀତିନୀତିରେ ଅନୁଷ୍ଠିତ ହେବ। ମାତ୍ର ମା’ ବିଶ୍ରାମରେ ଥିବାରୁ ନିଶବ୍ଦ ପୂଜା କରାଯିବ। କୌଣସି ଘଣ୍ଟ ଘଣ୍ଟା କାହାଳୀ ବାଦ୍ୟ ବାଦନ ହେବନାହିଁ। ଗୁରୁବାର ଦଶହରା ଦିନ ଯଜ୍ଞଶାଳା ଓ ମୁଖ୍ୟଦ୍ୱାରରେ ବସିଥିବା ସମାର୍ଜନୀ କଳସ ଏକ ପଟୁଆର ମଧରେ ବେଢ଼ା ପରିକ୍ରମା କରିବା ପରେ ଚନ୍ଦନ ପୁଷ୍କରିଣୀରେ ବିସର୍ଜନ କରାଯିବା ପରେ ଏହି ଶାରଦୀୟ ଦୁର୍ଗାପୂଜାର ପରିସମାପ୍ତି ହେବ ବୋଲି ଜଣାଯାଇଛି। ମନ୍ଦିର ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ରେଡ୍ ରିବନ କୁଇଜ୍ ପ୍ରତିଯୋଗିତାରେ ରୋହିତଙ୍କ ସଫଳତା

ଆଳି, ୨୯।୯(ସମିସ): ବିହାରର ପାଟନାଠାରେ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ନାକୋ ବିଭାଗ ପକ୍ଷରୁ ରେଡ୍ ରିବନ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆଳି ଲୋକାପଡ଼ା ଗ୍ରାମ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ରୋହିତ ରାଉତ ସଫଳତା ହାସଲ କରିଛନ୍ତି। ସେ ଡେରାବିଶ ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ଦିବ୍ୟାଶ୍ରୀ ଦାସଙ୍କ ସହ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି କେନ୍ଦ୍ରାପଡ଼ା ଜିଲ୍ଲା ଓ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ତେଲେଙ୍ଗାନା, ବିହାର, ଉତ୍ତର ପ୍ରଦେଶ, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ଦାଦ୍ରା ନଗର ହାବେଳି ଓ ଦାମନ ଆଣ୍ଡ ଡିୟୁ ଓ କେନ୍ଦ୍ରଶାସିତ ଅଞ୍ଚଳର ବହୁ ମେଧାବୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ତେଲେଙ୍ଗାନା ପ୍ରଥମ, ଛତିଶଗଡ଼ ଦ୍ୱିତୀୟ ଓ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରଥମ ବିଜେତାଙ୍କୁ ପଚାଶ ହଜାର, ଦ୍ୱିତୀୟ ବିଜେତାଙ୍କୁ ତିରିଶି ହଜାର ଓ ତୃତୀୟ ବଜେତାଙ୍କୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ରୋହିତ ଏହି ସଫଳତା ପାଇଁ ଆଳି ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣା ଓ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।




## ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ



ବାଲିକୁଦା,୨୯।୯ (ସମିସ):ବାଲିକୁଦା ବ୍ଲକ୍ ମରିଚପୁର ପଞ୍ଚାୟତ ବନ୍ଦର ପର୍ଯ୍ୟଟନ ସ୍ଥଳୀଠାରେ ଜିଲ୍ଲା ଜଳ ଓ ପରିମଳ ବିଭାଗ, ବାଲିକୁଦା ପଞ୍ଚାୟତ ସମିତି ଆନୁକୂଲ୍ୟରେ ମରିଚପୁର ପଞ୍ଚାୟତ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଓ ସ୍ୱଚ୍ଛତା ଦିବସ ପାଳନ କରାଯାଇଛି। ଏ ଅବସରରେ ଜନପ୍ରତିନିଧି, ମହାମହିମା ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ, ସ୍ୱୟଂସହାୟିକା ସଦସ୍ୟା, ଯୁବ ଗୋଷ୍ଠୀଙ୍କ ଦ୍ୱାରା ମା’ ବନ୍ଦରେଇଙ୍କ ପୀଠ ସଫେଇ କରାଯାଇଥିଲା। ଏଥିସହ ସ୍ୱଚ୍ଛତା ରାଲି ମା’ ବନ୍ଦରେଇ ପୀଠରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ମରିଚପୁରର ପ୍ରାକ୍ତନ ସରପଞ୍ଚ ସଦାନନ୍ଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବନ୍ଦର ସାମୁଦ୍ରିକ ଥାନା ଏଏସଆଇ ବିଶ୍ୱଜିତ ବର୍ଦ୍ଧନ, ଥାନା କର୍ମଚାରୀ ରଘୁନାଥ ସାହୁ, ରାଜେନ୍ଦ୍ର ଜାଲି, ପ୍ରାକ୍ତନ ଶିକ୍ଷାବିତ ପ୍ରେମାନନ୍ଦ ପରିଡା, ପବିତ୍ର ସ୍ୱାଇଁ, ବ୍ଲକ ସଂଯୋଜକ ରଘୁ ଅରକ୍ଷିତ ନାୟକ, ମହାମହିମା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବାରିକ, ମରିଚପୁର ସମିତିସଭ୍ୟ ସୁନୀତା ନାୟକ, ପଞ୍ଚାୟତ ପିଇଓ ବିକାଶ ମଲ୍ଲିକ, କବି ରମେଶ ଚନ୍ଦ୍ର ବହିରା ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ସମ୍ବନ୍ଧୀୟ ବକ୍ତବ୍ୟ ଦେଇଥିଲେ। ଏହି ସଫେଇରେ ଭାଗ ନେଇଥିବା ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏ ଅବସରରେ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧରେ ସ୍ୱାତୀପ୍ରଜ୍ଞା ନାୟକ ପ୍ରଥମ, ବୁଦ୍ଧଦେବ ସ୍ୱାଇଁ ଓ ଲିସା ସ୍ୱାଇଁ ଯୁଗ୍ମ ଦ୍ୱିତୀୟ ଓ ତୃପ୍ତିରେଖା ପଲେଇ ତୃତୀୟ ସ୍ଥାନ ଲାଭ କରିଥିଲେ। ଚିତ୍ରାଙ୍କନରେ ରାଜଶ୍ରୀ ସ୍ୱାଇଁ ପ୍ରଥମ, ଆୟୁଷ ସ୍ୱାଇଁ ଦ୍ୱିତୀୟ ଓ ଶୁଭଶ୍ରୀ ପଢିହାରୀ ଓ ପ୍ରତ୍ୟାଶା ପ୍ରିୟଦର୍ଶିନୀ ନାୟକ ଯୁଗ୍ମ ତୃତୀୟ ହୋଇଥିଲେ। ସେମାନଙ୍କୁ ପ୍ରମାଣପତ୍ର ଓ ପୁସ୍ତକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରାଣନାଥ ମିଶ୍ର, ଅଜୟ ଶତପଥୀ, ଲକ୍ଷ୍ମୀକାନ୍ତ ମହାନ୍ତି, ଗୀତାରାଣୀ ଖଟୁଆ, ଶିକ୍ଷା କର୍ମଚାରୀ ଦାରୁଣ ନାୟକ, ପହଲି ସାମଲ, ଦିଲ୍ଲୀପ ସ୍ୱାଇଁ, ଶରତ ବାରିକ, ପଞ୍ଚାୟତର କୈଳାସ ବେହେରା, ବାବୁ କାଣ୍ଡି, ବୃନ୍ଦାବନ ଶୁକୁଳା ଓ ଝୁନିଲତା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଆୟୁର୍ବେଦକୁ ଲୋକାଭିମୁଖୀ କରାଯିବା ଆବଶ୍ୟକ

ପାରାଦୀପ,୨୯।୯(ସମିସ): ସୁସ୍ଥ ସମାଜ ପାଇଁ ଆୟୁର୍ବେଦକୁ ଲୋକାଭିମୁଖୀ କରାଯିବା ଆବଶ୍ୟକ ବୋଲି ଆୟୁର୍ବେଦିକ ଔଷଧ ନିର୍ମାଣକାରୀ ସଂସ୍ଥା ଦିଶା ଆୟୁର୍ବେଦ ପକ୍ଷରୁ କୁହାଯାଇଛି। ବିଶ୍ୱର ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଚିକିତ୍ସା ପଦ୍ଧତି ହେଉଛି ଆୟୁର୍ବେଦ। ଆୟୁର୍ବେଦ ଶାସ୍ତ୍ର କୁହେ ସଂସାରରେ ଏମିତି କୌଣସି ରୋଗ ନାହିଁ ଯାହା ଆୟୁର୍ବେଦରେ ଭଲ ହେବ ନାହିଁ। ସଂସାରରେ ଏମିତି କୌଣସି ବୃକ୍ଷଲତା ନାହିଁ ଯାହାର ଔଷଧୀୟ ଗୁଣ ନାହିଁ। ଦୁଃଖ ଓ ପରିତାପର ବିଷୟ, ବର୍ତ୍ତମାନର ସମାଜ ଓ ଛାତ୍ରଛାତ୍ରୀ ଆୟୁର୍ବେଦ ସମ୍ବନ୍ଧରେ ଅନଭିଜ୍ଞ। ଓଡ଼ିଶାର ଅନନ୍ୟ ଆୟୁର୍ବେଦିକ୍ ଔଷଧ ନିର୍ମାଣକାରୀ ସଂସ୍ଥା “ଦିଶା ଆୟୁର୍ବେଦ’ର ନିର୍ଦ୍ଦେଶକ ଓ ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ତଥା ପାରାଦୀପ ଅଞ୍ଚଳର ଜଣେ ଜଣାଶୁଣା ଡାକ୍ତର ଦେବଦତ୍ତ ସାମନ୍ତରାୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ଆୟୁର୍ବେଦର ପ୍ରଚାର, ପ୍ରସାର ଓ ଆୟୁର୍ବେଦକୁ ଲୋକାଭିମୁଖୀ କରିବାକୁ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସାପ୍ତାହିକ କିମ୍ବା ମାସିକ ସ୍ଥାନୀୟ ଆୟୁଷ ଡାକ୍ତରଙ୍କ ଦ୍ୱାରା ଶିକ୍ଷା ଦିଆଗଲେ ଆୟୁର୍ବେଦ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆୟୁର୍ବେଦକୁ ଲୋକାଭିମୁଖୀ କରିବା ପାଇଁ ସହାୟକ ହୋଇପାରନ୍ତା ବୋଲି ଏକ ଲିଖିତ ପ୍ରସ୍ତାବ ମାଧ୍ୟମରେ ନିବେଦନ କରିଛନ୍ତି। ଏହି ସାକ୍ଷାତ ସମୟରେ ଓଡିଶାର ଆୟୁଷ ଡାକ୍ତରଙ୍କ ସମସ୍ୟାର ସମାଧାନ, ଓଡ଼ିଶାରେ ଆୟୁର୍ବେଦ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ଜିଲ୍ଲାରେ ଆୟୁର୍ବେଦ କଲେଜ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବକୁ ସହୃଦୟତାର ସହ ବିଚାର କରି ପଦକ୍ଷେପ ନେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ମନ୍ତ୍ରୀଙ୍କୁ ସାକ୍ଷାତ ସମୟରେ ଡାକ୍ତର ଦେବଦତ୍ତ ସାମନ୍ତରାୟଙ୍କ ସହ ସୋରଡା ବିଧାୟକ ନୀଳମଣି ବିଶୋଇ, ସ୍ୱଚ୍ଛ ଭାରତ ମିଶନର ରାଜ୍ୟ ସଭାପତି ମହେଶ ମହାନ୍ତି, ଦିଶା ଆୟୁର୍ବେଦର ଉପଦେଷ୍ଟା ଗୌତମ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ।

## ପଙ୍କପାଳରେ ଦୁର୍ଗାପୂଜା

କୁଜଙ୍ଗ,୨୯।୯(ସମିସ): ପଙ୍କପାଳରେ ଦୁର୍ଗାପୂଜା ଆରମ୍ଭ ହୋଇଛି। ପଙ୍କପାଳ ରାସ୍ତା ଦୁର୍ଗାପୂଜା ତୋରଣ ଓ ପଡ଼ିଆ ଆଲୋକମାଳାରେ ଝଟକୁଛି। ଗତକାଲି ଷଷ୍ଠୀରେ ବେଲ ବରଣି ସହ ପୂଜା ଶୁଭାରମ୍ଭ ଆରମ୍ଭ ହୋଇଥିବେଳେ ସପ୍ତମୀରେ ମା’ଙ୍କ ଚକ୍ଷୁଦାନ ସହ ଅନ୍ୟାନ୍ୟ ବିଧି ସମାପନ ହୋଇଛି। ପୂଜା କମିଟି ସଭାପତି ଦେବାଶିଷ କଣ୍ଠ, ସମ୍ପାଦକ ସତ୍ୟପ୍ରକାଶ ଦାଶ, ଚିତ୍ତରଞ୍ଜନ ନାୟକ, ପଦ୍ମନାଭ ମିଶ୍ର, ନିତ୍ୟଶ୍ରୀ କର, ଦେବାଶିଷ ପରିଡ଼ା, ରାକେଶ ପରିଡ଼ା, ଉମେଶ ଜେନା, ଦେବାଶିଷ ମିଶ୍ର, ବିଶ୍ୱନାଥ ଦାସ, ରାଜପ୍ରାସାଦ ସାହୁଙ୍କ ସହ ପଙ୍କପାଳ ଗ୍ରାମ ମୁରବୀ ଓ ଯୁବକ ପୂଜାକୁ ପରିଚାଳନା କରୁଛନ୍ତି।



## ୩୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଗତସିଂହପୁର,୨୯।୯(ସମିସ): ଜଗତସିଂହପୁର ଜିଲ୍ଲା ପୁଲିସର ଅପରେସନ ପ୍ରହାର ଜାରି ରହିଥିବାବେଳେ ଆଜି ଅପରାହ୍ନରେ ସଦର ଥାନା ପୁଲିସ ୩୨୩ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ଏହି ସୂଚନା ଦେଇଛନ୍ତି।

ଶ୍ରୀ ବର୍ମାଙ୍କ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାର ଜଣେ ବ୍ୟକ୍ତି ବ୍ରାଉନସୁଗର ଆଣି ଜଗତସିଂହପୁରରେ ବିକ୍ରି କରୁଥିବା ପୁଲିସକୁ ଖବର ମିଳିଥିଲା। ଏହି ଆଧାରରେ ଜଗତସିଂହପୁର ସଦର ଥାନା ଆଇଆଇସି ସରୋଜ ସାମଲଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ମିତ୍ରଭାନୁ ଓଝା ଓ ଏସ୍‌ଆଇ ବିବେକାନନ୍ଦ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ପୁନଙ୍ଗ କେନାଲ ବନ୍ଧ ରାସ୍ତାରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସେଠାରେ ଖୋର୍ଦ୍ଧା ଜିଲ୍ଲା ଛଟିପୁର ଟାଙ୍ଗିସାହି ଗ୍ରାମର ପ୍ରଦୀପ କୁଣ୍ଡୁ ନାମକ ଜଣେ ବ୍ୟକ୍ତି ବ୍ରାଉନସୁଗର ବିକ୍ରି କରୁଥିବା ଜାଣିବା ପରେ ତାକୁ ନିଜ ହେପାଜତକୁ ନେଇଥିଲା। ପ୍ରଦୀପଠାରୁ ୩୨୩ ଗ୍ରାମ୍ ଓଜନର ବ୍ରାଉନସୁଗର ଓ ଏକ ମୋବାଇଲ ଜବତ କରାଯାଇଥିଲା। ଜବତ ବ୍ରାଉନସୁଗରର କଳାବଜାର ମୂଲ୍ୟ ୩୨ ଲକ୍ଷ ୩୦ ହଜାର ହେବ ବୋଲି ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏହି ଘଟଣା ସହିତ ଜଡ଼ିତ ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ସତ୍ୟ ଦାସ ଓ ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।



## ପାରାଦୀପ ବନ୍ଦର-ଏମ୍‌ଏନ୍‌ଏସ୍ ଚୁକ୍ତି ସ୍ୱାକ୍ଷରିତ




ପାରାଦୀପ, ୨୯।୯ (ସମିସ): ସୋମବାର ପାରାଦୀପ ବନ୍ଦରର ଏମଏନଏସ୍ ସହିତ ରିହାତି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପାରାଦୀପ ବନ୍ଦରର ସିକ୍ୟୁ-୩ ବର୍ଥକୁ ଯାନ୍ତ୍ରିକୀକରଣ କରିବା ପାଇଁ ଏମଏନ୍‌ଏସ୍ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୩୦ ବର୍ଷିଆ ଏହି ଚୁକ୍ତି ସ୍ୱାକ୍ଷର ହେବା ପରେ ଏମଏନଏସ୍ କମ୍ପାନୀ କନଭେୟର ବେଲ୍ଟ ମାଧ୍ୟମରେ ଜାହାଜରେ ପିଲେଟ୍ ବୋଝେଇ କାର୍ଯ୍ୟ କରିବ। ପାରାଦୀପ ବନ୍ଦର ପକ୍ଷରୁ ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଓ ଏମଏନଏସ୍ ପୋର୍ଟ୍ସ ପକ୍ଷରୁ ଶୁଭକାନ୍ତ ଦାଶ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ଓ ଏମଏନଏସ୍ ଓଡିଶା ମୁଖ୍ୟ ସୁରେଶା ଜି ଓ ଉଭୟ ପକ୍ଷର ଅଧିକାରୀଙ୍କ ଉପସ୍ଥିତିରେ ଏହି ରିହାତି ଚୁକ୍ତି ସ୍ୱାକ୍ଷର କରିଥିଲେ। ଏ ଅବସରରେ ଶ୍ରୀ ହରନାଦ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଦ୍ୱାରା ପାରାଦୀପ ବନ୍ଦରର ବର୍ଥ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ବନ୍ଦର ଆଧୁନିକୀକରଣ କ୍ଷେତ୍ରରେ ଏହି ଚୁକ୍ତିନାମା ଶିଳ୍ପକୁ ପ୍ରୋତ୍ସାହିତ କରିବ ବୋଲି ଏମଏନଏସ୍ ଓଡ଼ିଶା ମୁଖ୍ୟ ସୁରେଶା ଜି କହିଛନ୍ତି। ଏହି ଚୁକ୍ତିନାମା ପାରାଦୀପ ବନ୍ଦରର ଦକ୍ଷତା ବୃଦ୍ଧି ସହିତ ଏମଏନଏସକୁ ଉପଯୋଗୀ କରିବ।

# ସହରର ୨୨ଟି ମଣ୍ଡପରେ ପୂଜା ପାଉଛନ୍ତି ମା’ ଦୁର୍ଗା







## ■ ୨ରେ ରାବଣ ପୋଡ଼ି ଓ ୩ରେ ଭସାଣି ଉତ୍ସବ
## ■ ୧୧ ପ୍ଲାଟୁନ ଫୋର୍ସ ମୁତୟନ

ଜଗତସିଂହପୁର,୨୯।୯(ସମିସ):

ଜଗତସିଂହପୁର ସହରର ୨୨ଟି ମଣ୍ଡପରେ ଆରମ୍ଭ ହୋଇଛି ଶାରଦୀୟ ଦୁର୍ଗାପୂଜା। ଏହି ପୂଜା ଆସନ୍ତା ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୨ ତାରିଖରେ ରାବଣ ପୋଡ଼ି ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହେବ। ସେହିପରି ଭସାଣି ଉତ୍ସବ ୩ ତାରିଖରେ ଅନୁଷ୍ଠିତ ହେବ। ଏ ବର୍ଷ ରାବଣ ପୋଡ଼ିରେ ଇଲେକ୍ଟ୍ରୋନିକ କୋଲ୍ଡ ଫାୟାର ବ୍ୟବହାର କରାଯିବ। ସେହିପରି ଭସାଣିରେ ଡିଜେ ସାଉଣ୍ଡର ଅପବ୍ୟବହାରକୁ ଚଳିତ ବର୍ଷ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ଓ ଉତ୍ସାହର ସହିତ ପାଳନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସମସ୍ତ ମେଢ଼ କମିଟି କର୍ମକର୍ତ୍ତାଙ୍କ ସହଯୋଗ କାମନା କରାଯାଇଛି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ରାବଣ ପୋଡି ଓ ଭସାଣି ଦିନ କୌଣସି ମେଲୋଡି ପରିବେଷଣ କରାଯିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପୂର୍ବବର୍ଷ ଭଳି ରାବଣ ପୋଡ଼ି ଓ ସାଧାରଣ ସଭା ନିମନ୍ତେ ଶ୍ରୀରାମ କ୍ଲବ୍ ଓ ଭସାଣି ଉତ୍ସବ ପାଇଁ ସମସ୍ତ କାର୍ଯ୍ୟ ଥାନପତି କ୍ଲବ୍ ସମ୍ପାଦନ କରିବେ। ଅସ୍ଥାୟୀ ପୋଖରୀରୁ ବିସର୍ଜିତ ସାମଗ୍ରୀ ବାହାର କରିବା, ପୋଖରୀ ଜଳକୁ ଚୁନ ପକାଇ ବିଶୋଧିତ କରିବା, ପୋଖରୀ ନିକଟରେ ଡଷ୍ଟବିନ୍ ରଖିବା, ବିସର୍ଜନ ସ୍ଥଳୀ ଓ ମେଲଣ ପଡ଼ିଆରେ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରିବା ସହିତ ୫ଟି ଜେନେରେଟର ରଖିବା ପାଇଁ ନିର୍ବାହୀ ଅଧିକାରୀ ପୌର ପରିଷଦ ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ଦାୟିତ୍ୱ ଦିଆଯାଇଛି। ସେହିପରି ଶାନ୍ତିଶୃଙ୍ଖଳାର ସହ ପୂଜା ଓ ଭସାଣି ଉତ୍ସବ ଆୟୋଜନ ପାଇଁ ୬ ପ୍ଲାଟୁନ ୯ ଏପିଆର,୨ ପ୍ଲାଟୁନ କନେଷ୍ଟବଳ ଓ ୩ ପ୍ଲାଟୁନ ହୋମଗାର୍ଡ ମୁତୟନ ବ୍ୟବସ୍ଥା ହୋଇଥିବା ଏସପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟ ତଦାରଖ ପାଇଁ ୩୦ ଜଣ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ପ୍ରତ୍ୟେକ ମେଢ଼ ପାଖରେ ସିସିଟିଭି ଲଗାଇବା ପାଇଁ ବ୍ୟବସ୍ଥା ହୋଇଥିବା ଓ ଯେକୌଣସି ବିଶୃଙ୍ଖଳା ଆଚରଣ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବର୍ମା ସୂଚନା ଦେଇଛନ୍ତି।

## ସାମ୍ବାଦିକଙ୍କ ସ୍ମୃତିଚାରଣ ସଭା

କୁଜଙ୍ଗ,୨୯।୯(ସମିସ): କୁଜଙ୍ଗ ନିବାସୀ ଯୁବ ସାମ୍ବାଦିକ ତଥା ବରିଷ୍ଠ କ୍ରୀଡ଼ା ସଂଗଠକ, କଳାକାର ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ଏକାଦଶାହରେ କୁଜଙ୍ଗ ବିଦ୍ୟୁଲତା ମଣ୍ଡପରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବାବୁରାମ ଚୌଧୁରୀଙ୍କ ସଭାପତିତ୍ୱ ଓ ରବି ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେଳ ଡାକ୍ତର ଦିଲ୍ଲୀପ ବିଶ୍ୱାଳ, ଡାକ୍ତର ଲକ୍ଷ୍ମୀଧର ପ୍ରଧାନ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅଭାରାଣୀ ପଟ୍ଟନାୟକ, ପ୍ରେସ କ୍ଲବ ସଭାପତି ଡକ୍ଟର ରଘୁନାଥ ସାହୁ, କୁଜଙ୍ଗ ଓକିଲ ସଂଘ ସଭାପତି ଏଏନଡି ଯାଦବ, କବି ନବୀନ ପ୍ରଧାନ, ଚାଷୀ ନେତା ନୂତନ ତ୍ରିପାଠୀ, କମରେଡ ହୃଷିକେଶ ନାଥ, ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ ମାଝୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ ସାମ୍ବାଦିକତା, ସମାଜସେବା, କ୍ରୀଡ଼ା ସଂଗଠନ ଓ ଯୁବ ପ୍ରତିଭା ବିକାଶ ପାଇଁ ଥିବା ଅବଦାନକୁ ସ୍ମରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ୫୨ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ପରଲୋକ ହୋଇଥିଲା। ସୂର୍ଯ୍ୟକାନ୍ତ ମଲ୍ଲିକ ଯକୃତ ରୋଗରେ ପୀଡିତ ହୋଇ ଗତ କିଛିଦିନ ଧରି ଚିକିତ୍ସିତ ହୋଇଆସୁଥିଲେ। ସାମ୍ବାଦିକତା ସହ ଉପକୂଳ ଅଞ୍ଚଳର ଜଣେ ସ୍ୱନାମଧନ୍ୟ କ୍ରୀଡ଼ା ସଙ୍ଗଠକ ରୂପେ ପରିଚିତ ଥିଲେ। କୁଜଙ୍ଗ ଆଥଲେଟିକ୍ କ୍ଲବ ସଭାପତି ଦିଲ୍ଲୀପ ସାହୁ, ରମେଶ ଦାସ, ମଞ୍ଜୁଲତା ରାଉତ, ବନ୍ଧୁ ନବ କୁମାର ସାହୁ, କେଶବ ରାଉତ, ଅଧିର ପରିଡ଼ା, ବୈଷ୍ଣବ ଚରଣ ଦାସ, ଓସିଏ ଅମ୍ପାୟାର ସଞ୍ଜୟ ପ୍ରଧାନଙ୍କ ସହ ଶହ ଶହ କ୍ରୀଡାବିତ୍, ସାମ୍ବାଦିକ, ମୁରବୀ ଓ ସାଧାରଣ ଲୋକ ସାମିଲ ହୋଇଥିଲେ। କୁଜଙ୍ଗ ପ୍ରେସ କ୍ଲବ୍ ପକ୍ଷରୁ ସମ୍ପାଦକ ଦୁଷ୍ମନ୍ତ ମାଝୀ, ଯଜ୍ଞେଶ୍ୱର ଦଳାଇ, ରଞ୍ଜିତ ପଣ୍ଡା, ବରଦା ପ୍ରସନ୍ନ ବିଶ୍ୱାଳ, ରାମଦାସ ମହାନ୍ତି, ସୁଦର୍ଶନ ମଲ୍ଲ, ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।





# ରାଜଧାନୀରେ ଦୁର୍ଗାପୂଜା




























# ଗଞ୍ଜାମରେ ଦେବୀ ଆରାଧନା

# ମା' ମହାଗୌରୀଙ୍କୁ ପୂଜିଲେ ଶ୍ରଦ୍ଧାଳୁ






ବ୍ରହ୍ମପୁର,୨୯।୯(ସମିସ): ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ନବରାତ୍ର ପୂଜା ହେଉଛି। ଏଥିପାଇଁ ପୁରପଲ୍ଲୀ ଉତ୍ସବ ମୁଖର ହୋଇଛି। ଚାରିଆଡ଼େ ଅଧ୍ୟାତ୍ମିକ ପରିବେଶ ଦେଖାଦେଇଛି। ନବରାତ୍ର ପୂଜାରେ ଚଣ୍ଡିପାଠ, ଦେବୀ ଆରାଧନା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଉପାସକ ଓ ମାନସିକଧାରୀମାନେ ମଧ୍ୟ ଦୀପ ବସାଇ ପୂଜା କରୁଛନ୍ତି। ଗଞ୍ଜାମ ଜିଲ୍ଲା ସମେତ ସହରର ପ୍ରମୁଖ କାଳୀ ମନ୍ଦିର ଓ ଦେବୀ ପୀଠ ଏଥିଲାଗି ଚଳଚଞ୍ଚଳ ହୋଇଛି। ନବରାତ୍ର ଅଷ୍ଟମ ଦିବସରେ ଦେବୀଙ୍କୁ ମହାଗୌରୀ ସ୍ୱରୂପରେ ଉପାସନା କରାଯାଇଛି। ଏହା ଦେବୀଙ୍କ ସୌମ୍ୟ ରୂପ। ଏହି ରୂପରେ ବୃଷଭ ବାହିନୀ ଦେବୀଙ୍କ ଶରୀରର ବର୍ଣ୍ଣ ଗୌର, ଶ୍ୱେତବସ୍ତ୍ର ପରିହିତା ଦେବୀ ଚତୁର୍ଭୂଜା ଓ ଦୁଇ ହାତରେ ଡମ୍ବରୁ ଓ ତ୍ରିଶୂଳ ଧାରଣ କରିଥାନ୍ତି ବୋଲି ସୂଚନା ମିଳିଛି। ପବିତ୍ର ମହାଷ୍ଟମୀ ତିଥିରେ କନ୍ୟା ପୂଜନ ସହ ଅସ୍ତ୍ର ଶସ୍ତ୍ର ମଧ୍ୟ ପୂଜନ କରାଯାଇଥାଏ।

## ଆରମ୍ଭ ହେଲା ଗଉଁଞ୍ଜୁ ପୁଲୁକେଶୁଣି ଯାତ୍ରା



ବ୍ରହ୍ମପୁର,୨୯।୯(ସମିସ): ସହର ଉପକଣ୍ଠ ଗଉଁଞ୍ଜୁ ପୁଲୁକେଶୁଣୀ ଯାତ୍ରା ଆରମ୍ଭ ହୋଇଯାଇଛି। ରବିବାର ବିଳମ୍ବିତ ବାଜା ବାଜଣା ଓ ପଟୁଆର ସହ ମା' ଗ୍ରାମ ପରିକ୍ରମା କରିବା ପରେ ଅସ୍ଥାୟୀ ପୀଠରେ ମହାମାୟା ପୁଲୁକେଶୁଣୀ ବିଜେ କରିଥିଲେ। ମା'ଙ୍କ ଘଟଧାରକ ଶଙ୍କର ପାଢ଼ୀ ଘଟକୁ ଧରି ଗ୍ରାମ ପରିକ୍ରମା କରିଥିବା ବେଳେ ସେବକ କୁରାମଣି ବେହେରା ଓ ଲଳିତ ମୋହନ ବେହେରା ଘଟ ସେବା କରିଥିଲେ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଯାତ୍ରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ପ୍ରହଲ୍ଲାଦ ନାଟକ, ଗଣେଶ ଫ୍ରେଣ୍ଡ ଗ୍ରୁପ ତରଫରୁ ୫୦୮ ଦୀପ ପ୍ରଜ୍ୱଳନ ସହ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ସେହିପରି ସୋମେଶ୍ୱରେ ନାଟ୍ୟ ସଂସଦ ତରଫରୁ ନାଟକ ଡ. ଦୀପକ ଜେନାଙ୍କ ରଚିତ "କଟି କଟି ଡବଲ କଟି' ଅନୁଷ୍ଠିତ ହେବ। ଅରବିନ୍ଦ ଯୁବକ ସଂଘ ତରଫରୁ ସର୍ବେଶ୍ୱର ଦାସଙ୍କ ନାଟକ ନାଟକ "ସୁଖ ନିଅଣ୍ଟ କୁ ଦୁଃଖ ଅଣ୍ଟିଏ', ପୁଲୁକେଶୁଣି ନାଟ୍ୟ ନିକେତନ ଦ୍ୱାରା ନବରଙ୍ଗ ଗାହାଣୀ, ନୟାଗଡର ପୌରାଣିକ ନାଟକ ଇନ୍ଦ୍ରଜିତବଦ୍ଧ ଓ ସୋମେଶ୍ୱରେ ମେଲୋଡି ଗ୍ରୁପ ଦ୍ୱାରା ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷରେ ସେପ୍ଟେମ୍ବର ୮ ତାରିଖ ପଟୁଆର ସହ ମା'ଙ୍କ ଶାଶୁ ଘରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି।

## ନବରାତ୍ରରେ ତେଲୁଗୁ ପରିବାର କରନ୍ତି କଣ୍ଢେଇ ମେଳା



ବ୍ରହ୍ମପୁର,୨୯।୯(ସମିସ): ନବରାତ୍ର ପୂଜା ଅବସରରେ ତେଲୁଗୁ ପରିବାରର କିଛି ପରିବାର କଣ୍ଢେଇ ମେଳା (ବମାଲା କଲୁଭୁ) କରିଥାନ୍ତି। ଏହା ପରମ୍ପରା ଭାବେ ଦୀର୍ଘ ବର୍ଷରୁ ରହି ଆସିଛି। ବ୍ରହ୍ମପୁର ସହରର ମଧ୍ୟ କିଛି ପରିବାର କରୁଛନ୍ତି। ଲୋଚାପଡ଼ା ବ୍ରଜରାଜନଗର ତୃତୀୟ ଗଳିର ଏମ୍ ଭେଙ୍କେଟରାଓ ଓ ତାଙ୍କ ସ୍ତ୍ରୀ ଏମ୍ ପଦ୍ମାବତୀଙ୍କ ପରିବାରରେ ହୋଇଥିବା ବମାଲା କୁଲୁଭୁ ପରମ୍ପରାର ନିଦର୍ଶନ। ଏହି ପରିବାରରେ ୧୦୦ବର୍ଷରୁ ଉଦ୍ଧ୍ୱର୍ ହେବ କଣ୍ଢେଇ ମେଳା ହେଉଛି। ୫୦୦ରୁ ଉର୍ଦ୍ଧ୍ୱ କାଠ, ମାଟି, କାଚ ଓ ଅନ୍ୟାନ୍ୟ କଣ୍ଢେଇ ସଜାଯାଇଛି। ଏଥିବାଦେ ହାତ ତିଆରି ପ୍ରତିକୃତି କରିଛନ୍ତି। ସାଗର ମନ୍ଥନ, କୃଷ୍ଣଲୀଳା, ଜଗନ୍ନାଥଙ୍କ ରଥଯାତ୍ରା, କୈଳାସ ପର୍ବତ, ଗନ୍ଧମାର୍ଦ୍ଦନ ପର୍ବତ, ଯୋଗାସନ ଆଦି କରିଛନ୍ତି। କଣ୍ଢେଇ ମେଳାରେ ସବୁଠାରୁ ଆକର୍ଷଣ କୃଷ୍ଣଙ୍କ କଣ୍ଢେଇ। ଏହା ୧୦୦ବର୍ଷ ପୁରୁଣା। ରାମ ଲକ୍ଷ୍ମଣ ସୀତା ସହିତ ହନୁମାନ ୭୦ବର୍ଷର ପୁରୁଣା କଣ୍ଢେଇ ବି ସ୍ଥାନ ପାଇଛି। ବିଜୟାଦଶମୀ ଦିନ ସରସ୍ୱତୀଙ୍କ ପୂଜା କରି ଏହା ଉଦ୍‌ଯାପନ କରନ୍ତି। କେହି ଏହାକୁ ୯ଦିନ, ୫ଦିନ ଓ ୭ଦିନ ମଧ୍ୟ କରିଥାନ୍ତି। ନବରାତ୍ର ଆରମ୍ଭରୁ ରାଓ ପରିବାର ଏହି ମେଳା ଆରମ୍ଭ କରିଛନ୍ତି। ମେଳା ପାଖରେ ପ୍ରତିଦିନ ପରିବାର ପୂଜା କରିଥାନ୍ତି। ସାହି ସଦସ୍ୟ ଓ ବନ୍ଧୁବାନ୍ଧବ ଦର୍ଶନ କରିବା ପାଇଁ ଅସିଥାନ୍ତି। କାହିଁ ଆବାହନମାନ କାଳରୁ ଏହା ରହିଆସିଛି।

## ଅନ୍ୟତମ ଶକ୍ତିପୀଠ ମା' ଲକ୍ଷ୍ମଣ ଚଣ୍ଡୀ'



ବ୍ରହ୍ମପୁର,୨୯।୯(ସମିସ): କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ଆରାଧ୍ୟ ଦେବତା ବାବା ଶ୍ରୀ ଦଣ୍ଡିଶ୍ୱର ମନ୍ଦିର ଭିତରେ ରହିଛି ମା' ଲକ୍ଷ୍ମଣଚଣ୍ଡିଙ୍କ ମନ୍ଦିର। ଏହି ମନ୍ଦିର କେଉଁ ଆବାହନ କାଳରୁ ଏଠାରେ ଅବସ୍ଥିତ। ମନ୍ଦିର ବେଢା ମଧ୍ୟରେ ବିଭିନ୍ନ ପାର୍ଶ୍ୱଦେବତା ସ୍ଥାନ ପାଇଛନ୍ତି। ତନ୍ମଧ୍ୟରୁ ଲକ୍ଷ୍ମଣଚଣ୍ଡି ଅନ୍ୟତମ। ପ୍ରତ୍ୟେକ ଦିନ ସାଧା ଅନ୍ନ ଭୋଗ ସହିତ ଡାଲମା ଭୋଗ ହୁଏ। ସଂକ୍ରାନ୍ତିରେ ମେଳା ହୁଏ। ଏହି ମା'ଙ୍କ ମାହାକାୟ ସ୍ୱତନ୍ତ୍ର। ବର୍ଷକୁ ଗୋଟିଏ ଦିନ ମହାଷ୍ଟମୀ ବିଳମ୍ବିତ ରାତିରେ ଏଠାରେ ଆମିଷ ଭୋଗ ହୁଏ। ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଜମା ହୁଅନ୍ତି। କିମ୍ବଦନ୍ତୀ ଅନୁସାରେ ଅବଧି ଖଲ୍ଲିକୋଟ ବ୍ଲକ ତଳରାମପଲି ନିକଟରେ ବିଜେ ଝାଡେଶ୍ୱର ମନ୍ଦିର ମଧ୍ୟରେ ରାମଚଣ୍ଡୀ ଓ ଲକ୍ଷ୍ମଣ ଚଣ୍ଡୀ ନାମ୍ନୀ ଦୁଇ ଭଉଣୀ ସେଠାରେ ପୂଜା ପାଉଥିଲେ। ଦିନେ ତତ୍କାଳୀନ ଆଠଗଡ଼ ରାଜା ଝାଡ଼େଶ୍ୱରରେ ପୂଜା ପାଉଥିବା ଦୁଇ ଭଉଣୀଙ୍କ ମଧ୍ୟରୁ ଜଣଙ୍କୁ କୋଦଳା ବିଜେ ଦଣ୍ଡିଶ୍ୱର ମନ୍ଦିରକୁ ଆଣି ପୂଜା କରିବା ପାଇଁ ସ୍ୱପ୍ନାଦେଶ ପାଇ ତତ୍କାଳ ସେଠାକୁ ଯାଇ ମା'ଙ୍କୁ ଆଣିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। କିନ୍ତୁ ସ୍ୱପ୍ନାଦେଶ ଅଲଗା ଥିଲା। ମା'ଙ୍କୁ ସେଠାରୁ ଆଣିବା ଲାଗି ପ୍ରତ୍ୟକ ପାହୁଣ୍ଡରେ ଗୋଟିଏ ବଳି ଦେବାକୁ ନିର୍ଦ୍ଦେଶ ଥିଲା। ସେହି ଅନୁଯାୟୀ ଝାଡ଼େଶ୍ୱରଠାରୁ ଦଣ୍ଡିଶ୍ୱର ମନ୍ଦିର ୮କିଲୋମିଟର ଜଙ୍ଗଲ ରାସ୍ତା ମଧ୍ୟରେ ପ୍ରତ୍ୟେକ ପାହୁଣ୍ଡରେ ବଳି ଦେଇ ମା'ଙ୍କୁ ଦଣ୍ଡିଶ୍ୱର ମନ୍ଦିର ପ୍ରାଙ୍ଗଣକୁ ନେଇ ଆସି ଏକ ସୁନ୍ଦର ମନ୍ଦିର ଟିଏ ଗଢି ସେଠାରେ ପୂଜାର୍ଚ୍ଚନା କରିଥିଲେ। କିନ୍ତୁ ମନ୍ଦିର ନିୟମ ଅଲଗା ଥିଲା। ଏହା ଶୈବ ମନ୍ଦିର ହୋଇଥିବାରୁ ଆମିଷ ଭୋଜନ ସମ୍ପୂର୍ଣ୍ଣ ନିଷେଧ ଥିଲା। ଆମିଷ ଭୋଜନ ନ ହେବାରୁ ରାଜାଙ୍କୁ ପୁଣି ଆମିଷ ଭୋଜନ ଦେବାକୁ ସ୍ୱପ୍ନାଦେଶ ହେଲା। ଏହାକୁ ନେଇ ସେବାୟତ, ଗ୍ରାମବାସୀ ଓ ରାଜାଙ୍କ ମଧ୍ୟରେ ଆଲୋଚନା ହୋଇ ବର୍ଷକୁ ଗୋଟିଏ ଦିନ ଆମିଷ ଭୋଜନ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଜା ଏହି ନିଷ୍ପତ୍ତି ମା'ଙ୍କୁ ଜଣାଇବା ପାଇଁ ଅଧିଆ ପଡ଼ି କ୍ଷମା ପ୍ରାର୍ଥନା କରିଥିଲେ। ମା'ଙ୍କ ଆଜ୍ଞା ପାଇବା ପରେ ଶୋଳପର୍ବ ପାଳିତ ହୋଇ ପନ୍ଦରଦିନ ନିରାମିଷ ଯାତ୍ରା ପରେ ମହାଷ୍ଟମୀ ଦିନ ବିଳମ୍ବିତ ରାତ୍ରରେ ମନ୍ଦିରର ନୀତିକାନ୍ତି ଶେଷ କରି ସମସ୍ତ ପହଡ଼ ପଡିବା ପରେ ମା'ଙ୍କ ପୂଜାର୍ଚ୍ଚନା ସହିତ ଆମିଷ ଭୋଜନ ପ୍ରସ୍ତୁତି କାର୍ଯ୍ୟ ଚାଲୁହୁଏ। ଗ୍ରାମବାସୀ ମଧ୍ୟ ସେହି ଦିନ ଓ ସେହି ସମୟକୁ ଅପେକ୍ଷାରେ ଥାନ୍ତି। ବହୁ ଶ୍ରଦ୍ଧାଳୁ ନିଜ ନିଜର ମାନସିକ ପୂରଣ ପାଇଁ ଆମିଷ ଭୋଗ ଲଗାନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମ ଶେଷ କରି ମନ୍ଦିର ବେଢା ସଫା କରାଯାଇ ପୁଣି ପୂର୍ବଭଳି କାର୍ଯ୍ୟକ୍ରମ ଚାଲୁ ହୋଇଥାଏ। ବର୍ତ୍ତମାନ ଏହା ଶକ୍ତିପୀଠ ଭାବେ ପୂଜିତ। ଏଠାରେ ଶ୍ରଦ୍ଧାଳୁମାନେ ନିଜ ନିଜ ପରିବାର ଶୁଭ ମନାସି ଚଣ୍ଡୀ ପାଠ କରୁଥିବା ନଜିର ରହିଛି।

## କୁଳାଗଡ଼ ଗ୍ରାମର ଇଷ୍ଟଦେବୀ ମା' ଦକ୍ଷିଣକାଳୀ



ବ୍ରହ୍ମପୁର,୨୯।୯(ସମିସ): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ୍ କୁଳାଗଡ଼ ଗ୍ରାମର କୁଲେଇ ପାହାଡ଼ ପାଦଦେଶରେ ଦକ୍ଷିଣକାଳୀଙ୍କ ମନ୍ଦିର ଅବସ୍ଥିତ। ମା' ଦକ୍ଷିଣକାଳୀଙ୍କ ଠାରେ ଦୈନନ୍ଦୀନ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ମା' ଦକ୍ଷିଣକାଳୀଙ୍କ ଦଣ୍ଡ ଯାତ୍ରା ପ୍ରତ୍ୟେକ ବର୍ଷ ଚୈତ୍ର ମାସରେ ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା ୧୩ ଦିନ ଧରି ଚାଲିଥାଏ। କୁଳାଗଡ଼ ଗ୍ରାମର ଜନସାଧାରଣଙ୍କ କହିବାନୁଯାୟୀ, ପ୍ରାୟ ୨୫୦ବର୍ଷ ପୂର୍ବରୁ କୁଲେଇ ପାହାଡ଼ଠାରେ ମା' ଦକ୍ଷିଣକାଳୀ ପୂଜା ପାଇ ଆସୁଥିଲେ। ଏହା ପରେ କୁଳାଗଡ଼ ଗ୍ରାମବାସୀ ସମୂହଭାବେ କୁଲେଇ ପାହାଡ଼ ପାଦଦେଶରେ ଏହି କାଳୀ ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଥିଲେ। ମା' ଦକ୍ଷିଣକାଳୀଙ୍କ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ମା'ଙ୍କର ଯଥାରୀତି ପୂଜା ବିଧି କରାଯାଇ ଦଣ୍ଡ ଯାତ୍ରା କରାଯାଇଥାଏ। ମା' ଦୁଃଖ ଦୂର କରନ୍ତି ବୋଲି ସମସ୍ତଙ୍କ ମନରେ ବିଶ୍ୱାସ ରହିଥିବାରୁ ସେହି ଆଧାରରେ ମା'ଙ୍କ ନିକଟକୁ ହଜାର ହଜାର ଶ୍ରଦ୍ଧାଳୁ ଦୌଡ଼ି ଆସନ୍ତି। ଚୈତ୍ରମାସର ତେର ଦିନ ଯାତ୍ରାରେ ଦକ୍ଷିଣକାଳୀ ପ୍ରଭୁ ଗରୁଡ଼େଶ୍ୱରଙ୍କୁ ସାଥୀରେ ନେଇ ହଜାର ହଜାର ମାନସିକଧାରୀ ଦଣ୍ଡଭକ୍ତଙ୍କୁ ବିଭିନ୍ନ ଗ୍ରାମ ପରିଭ୍ରମଣ କରି ଯାତ୍ରା କରିଥାନ୍ତି। ଅନ୍ତିମ ତଥା ମେଷ ସଂକ୍ରାନ୍ତି ଦିନ ମା'ଙ୍କ ମେରୁଯାତ୍ରା ଅନୁଷ୍ଠିତ ହୋଇଥାଏ।

ପୂର୍ବାପେକ୍ଷା ବର୍ତ୍ତମାନ ପରିଚାଳନା କମିଟି ସଦସ୍ୟଙ୍କ ପ୍ରଚେଷ୍ଟାରେ ମା'ଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଉନ୍ନତି ଆସିଛି। ପରିବେଶକୁ ସୁନ୍ଦର କରିବା ଲାଗି ବହୁତ କିଛି ବାକି ଅଛି ବୋଲି ପରିଚାଳନା କମିଟିର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଏଠାକାର ନବରାତ୍ର ପୂଜା ନିଆରା। ନବରାତ୍ର ବ୍ୟାପୀ ଏଠାରେ ଦେବୀ ପୂଜା ନିଷ୍ଠାର ସହିତ ରୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥାଏ। ମା' ଦକ୍ଷିଣକାଳୀଙ୍କ ଶକ୍ତିପୀଠକୁ ଯିବା ଲାଗି ଶେରଗଡ଼ଠାରୁ ୧୦କିମି ଦୂର ଏବଂ ଚତୁଃର୍ଦିଗରେ ମା'ଙ୍କ ଦର୍ଶନ ଲାଗି ରାସ୍ତା ରହିଛି। ଏହି ମନ୍ଦିରକୁ ପରିଚାଳନା ଲାଗି ଗ୍ରାମବାସୀଙ୍କ ତରଫରୁ ଏକ ପରିଚାଳନା କମିଟି ଗଠନ କରାଯାଇ ମନ୍ଦିରର ତଦାରଖ କରାଯାଉଛି। ପୂର୍ବରୁ ମନ୍ଦିରରେ ଯାହା ପୂଜା ପଦ୍ଧତି ରହିଥିଲା। ବର୍ତ୍ତମାନ ମଧ୍ୟ ସେଭଳି ରହିଥିବା ଏବଂ ପୂଜାରେ କୌଣସି ପରିବର୍ତ୍ତନ ହୋଇନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ସ୍ୱାମୀ ଉପରକୁ ଗରମ ପାଣି ପକାଇ ସ୍ତ୍ରୀ ଗିରଫ

ବ୍ରହ୍ମପୁର,୨୯।୯(ସମିସ): ସ୍ୱାମୀ ଉପରକୁ ଗରମ ପାଣି ଫୋପାଡ଼ିବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗନ୍ନାଥ ବିହାର ୭ମ ଲାଇନର ପ୍ରସନ୍ନ କୁମାର ସେଠୀଙ୍କ ସ୍ତ୍ରୀ ମନୀଷା ସେଠୀ(୨୭)। ସୂଚନାଯୋଗ୍ୟ ଯେ, ଗତ ୨୮ ବିଳମ୍ବିତ ରାତିରେ ପ୍ରସନ୍ନ ଓ ତାଙ୍କ ସ୍ତ୍ରୀ ମନୀଷାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦୀର୍ଘ ସମୟ ଝଗଡ଼ା ପରେ ସ୍ତ୍ରୀ ଗରମ ପାଣି ସ୍ୱାମୀ ପ୍ରସନ୍ନ ଉପରକୁ ଫୋପାଡ଼ିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତା ମନୀଷାକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

## ପୁରୁଣା ୱାରେଣ୍ଟରେ ଜଣେ କୋର୍ଟ ଚାଲାଣ

ବ୍ରହ୍ମପୁର,୨୯।୯(ସମିସ): ଗୋପାଳପୁର ପୁଲିସ ଆଜି ପୁରୁଣା ୱାରେଣ୍ଟ ବଳରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତରେଇ ଗଅଞ୍ଚୁର ଚନ୍ଦ୍ରମଣି ବେହେରା। ସେ ୨୦୧୫ ମସିହାରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ଗୋଳନ୍ଥରା ଥାନାରେ ମାମଲା ରୁଜୁ ହୋଇଥିଲା। କୋର୍ଟର କେସ ନମ୍ବର ଜି ଆର ୧୨୭/୨୦୧୫ ପ୍ରକାରେ ଗିରଫ ୱାରେଣ୍ଟ ଜାରି ହୋଇଥିଲା। ଆଜି ଗୋପାଳପୁର ପୁଲିସ ଗୋଳନ୍ଥରା ଥାନା ଦାଶପୁର ଅଞ୍ଚଳରୁ ଅଭିଯୁକ୍ତ ଚନ୍ଦ୍ରମଣିକୁ ଧରି କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।

## ବୋମାମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୯।୯(ସମିସ): କର୍ପୋରେଟରଙ୍କ ଘର ଉପରକୁ ବୋମା ମାଡ ଘଟଣାରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ହରଡ଼ାଖଣ୍ଡି ଉତ୍ତରାମୁଖୀର ରାମ ପାତ୍ର ଓରଫ ପୁଡ଼ା ରାମ (୨୨)। ୧୮ ତାରିଖ ରାତିରେ କର୍ପୋରେଟର ସନ୍ତୋଷ ସେଠୀଙ୍କ ଲକ୍ଷ୍ମୀନୃସିଂହ ସାହି ସ୍ଥିତ ଘର ଉପରକୁ ବୋମା ମାଡ ହୋଇଥିଲା। ଏ ନେଇ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଥିଲା। ଆଜି ଅଭିଯୁକ୍ତ ପୁଡ଼ା ରାମକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସଆଇ ତଥା ତଦନ୍ତଧିକାରୀ ସସ୍ମିତା ବେହେରା ସୂଚନା ଦେଇଛନ୍ତି।

## ଠକେଇ ମାମଲାରେ ଜଣେ କୋର୍ଟ ଚାଲାଣ

ବ୍ରହ୍ମପୁର,୨୯।୯(ସମିସ): ଗୋପାଳପୁର ପୁଲିସ ଆଜି ୯ ଲକ୍ଷ ୫୦ ହଜାର ଟଙ୍କା, ସୁନା ଓ ଜମି ଠକେଇ ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନରେନ୍ଦ୍ରପୁର ଗ୍ରାମର ରଞ୍ଜନ ବେହେରା। ସିନ୍ଧିଗାଁ ଟାଟା କଲୋନୀରେ ରହୁଥିବା ବାସନ୍ତୀ ବେହେରାଙ୍କ ସାନ ଭଉଣୀର ପୁଅ ରଞ୍ଜନ ବେହେରା ପ୍ରଲୋଭନ ଦେଖାଇ ପ୍ରଥମେ ୩ ଲକ୍ଷ ଓ ୩ ତୋଳାରୁ ଅଧିକ ସୁନା ଗହଣା ଏବଂ ଜୋରଜବରଦସ୍ତ ଦସ୍ତଖତ ନେଇ ନରେନ୍ଦ୍ରପୁର ଗ୍ରାମର ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଖାତାରୁ ଗତବର୍ଷ ଜୁନ୍ ୫ ତାରିଖରେ ୨ ଲକ୍ଷ ଟଙ୍କା ଏବଂ ପୁଣି ସେହି ମାସ ୧୦ ତାରିଖରେ ୪ ଲକ୍ଷ ୫୦ ହଜାର ଟଙ୍କା ଏହିପରି ପ୍ରାୟ ୯ ଲକ୍ଷ ୫୦ ହଜାର ଟଙ୍କା ନେଇ ଯାଇଥିଲେ। ଗତବର୍ଷ ଡିସେମ୍ବର ୧୮ ରେ ଫେରାଇ ଦେବ ବୋଲି କହିଥିଲା। ଏହାସହ ଜମି ମଧ୍ୟ ହଡ଼ପ କରି ନରେନ୍ଦ୍ରପୁରରେ ଲୁଗା ଦୋକାନ କରିଥିବା ଅଭିଯୋଗ କରିଥିଲେ। ବାସନ୍ତୀ ତାଙ୍କୁ ଟଙ୍କା, ସୁନା ଓ ଜମି ମାଗିଲେ ଗାଳି ଗୁଲଜ କରିବା ସହ ମାରପିଟ କରିଥିବା ନେଇ ଗତମାସ ୩୦ ତାରିଖରେ ବାସନ୍ତୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଅଭିଯୁକ୍ତ ରଞ୍ଜନକୁ ନରେନ୍ଦ୍ରପୁର ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।




# ଅସୁରକ୍ଷିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସ

# ୩ ସପ୍ତାହ ପରେ ବି ନିର୍ମାଣ ହୋଇପାରିନି ପାଚେରି



ବ୍ରହ୍ମପୁର,୨୯।୯(ସମିସ): ଲଗାଣ ବର୍ଷା କାରଣରୁ ଗତ ୩ ସପ୍ତାହରୁ ଅଧିକ ସମୟ ହେବ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଝାନ୍‌ସୀରାଣୀ ଛାତ୍ରୀ ନିବାସର ପାଚେରି ଭାଙ୍ଗିପଡ଼ିଛି। କିନ୍ତୁ ଏହାକୁ ନିର୍ମାଣ ନିମନ୍ତେ ଅବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନି। ଏହି ପାଚେରି ନିକଟରେ ବିଭିନ୍ନ ପ୍ରକାର ଠେଲା ବ୍ୟବସାୟୀମାନେ ନିଜ ବ୍ୟବସାୟ କରୁଥିବାବେଳେ ଭୋରୁ ରାତି ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରୁ ବହୁ ଯୁବକ ସେଠାରେ ଖଟି କରୁଥିବା ଦେଖିବାକୁ ମିଳୁଛି। ଫଳରେ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ବିଶ୍ୱବିଦ୍ୟାଳୟରେ ଉଭୟ ପିଜି ଓ ୟୁଜି ପାଠ୍ୟକ୍ରମରେ ଅଧ୍ୟୟନ କରିବାକୁ ଦୂରଦୂରାନ୍ତରୁ ବହୁ ଛାତ୍ରଛାତ୍ରୀ ଆସିଥାନ୍ତି। ଏଭଳି ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଶ୍ୱବିଦ୍ୟାଳୟରେ ମୋଟ ୪ଟି ହଷ୍ଟେଲ ରହିଛି। ସେଥି ମଧ୍ୟରେ ୟୁଜି ଛାତ୍ରୀଙ୍କ ନିମନ୍ତେ ରହିଥିବା ୧୬୦ଶର୍ଯ୍ୟା ବିଶିଷ୍ଟ ଝାନସୀ ରାଣୀ ଲେଡ଼ିସ ହଷ୍ଟେଲ ଅନ୍ୟତମ। ଉକ୍ତ ଛାତ୍ରୀ ନିବାସରେ ୨୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ରହୁଛନ୍ତି। ଲଗାଣ ବର୍ଷା କାରଣରୁ ଚଳିତ ମାସ ୩ତାରିଖରେ ଛାତ୍ରୀ ନିବାସର ପାଚେରି ଭାଙ୍ଗିଯାଥିଲା। ଅନ୍ତେବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦୃଷ୍ଟିରେ ରଖି ବିଶ୍ୱବିଦ୍ୟଳୟ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପାଚେରି ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିବା ରେଜିଷ୍ଟ୍ରାର ପାର୍ବତୀ ମଞ୍ଜରୀ ମହାଳିକ ସୂଚନା ଦେଇଥିଲେ। ଏ ନେଇ ବିଶ୍ୱବିଦ୍ୟାଳୟ ଓ ପୁଲିସ ହାଉସିଂ ସଂସ୍ଥାର ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ସପ୍ତାହ ମଧ୍ୟ ପାଚେରିର ପୁନଃନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଇତିମଧ୍ୟରେ ପ୍ରାୟ ୨୫ଦିଦରୁ ଅଧିକ ସମୟ ବିତିଯାଇଥିବା ବେଳେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେହିପରି ଏକ ମାସ ପୂର୍ବରୁ ବିଶ୍ୱବିଦ୍ୟାଳୟ ନିକଟରେ ଥିବା ପୋଷ୍ଟ ଅଫିସର ପାଚେରୀ ଭାଙ୍ଗିଯାଇଥିଲା। ପୁଲିସ ହାଉସିଂ ସଂସ୍ଥାର ଅଧିକାରୀ ଭାଙ୍ଗିଥିବା ପାଚେରି ଦେଖି ଫେରିଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ପାଚେରି ନିର୍ମାଣ ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ହିଁ ରହିଯାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ପୂଜା ଛୁଟି ରହିଥିବା ବେଳେ ପ୍ରାୟ ସମସ୍ତ ଅନ୍ତେବାସୀ ନିଜ ନିଜ ଘରକୁ ଯାଇଥିବା ବେଳେ ଆସନ୍ତା ୭ତାରିଖରେ ଛୁଟି ଶେଷ ହୋଇଯିବ। ତେଣୁ ଛୁଟି ଶେଷ ହେବା ମଧ୍ୟରେ ହଷ୍ଟେଲର ପାଚେରି ପୁନଃନିର୍ମାଣ କାର୍ଯ୍ୟ ସାରିବାକୁ ଦାବି ହୋଇଛି।













## ମଣ୍ଡପରେ ମା'ଙ୍କ ମହାସପ୍ତମୀ ପୂଜା

ବାଲେଶ୍ୱର,୨୯ ।୯ (ସମିସ): ଦୁର୍ଗାପୂଜା ପାଇଁ ଉତ୍ସବମୁଖର ବାଲେଶ୍ୱର ସହର। ବିଭିନ୍ନ ମଣ୍ଡପରେ ବିଧିପୂର୍ବକ ମହାସପ୍ତମୀରେ ସବୁଠି ଚାଲିଛି ମାଆଙ୍କର ଆରାଧନା। ମା'ଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ସୁଦୃଶ୍ୟ ତୋରଣ ଏବଂ ରଙ୍ଗୀନ ଆଲୋକ ସଜ୍ଜାରେ ଝଲସି ଉଠୁଛି ପୂଜା ମଣ୍ଡପ। ଗତ ଶନିବାର ଦିନ ମା'ଙ୍କର ଘଟଉତ୍ତୋଳନ ପରେ ପୂଜାମଣ୍ଡପରେ ବିଧିବଦ୍ଧ ଭାବେ ଆଜି ମହାସପ୍ତମୀ ପୂଜା ଆରମ୍ଭ ହୋଇଛି। ବାଲେଶ୍ୱର ସହରର ଫାଣ୍ଡିଛକ, ମାକଲପୁର, ଆଜିମାବାଦ, ନୂଆସାହି, ସହର ଉପକଣ୍ଠ ଈଶାଣୀ ପ୍ରଭୃତି ପ୍ରମୁଖ ମଣ୍ଡପମାନଙ୍କରେ ମା'ଦୁର୍ଗାଙ୍କର ଷୋଡ଼ଶ ଉପଚାର ପୂଜା ଚାଲିଥିବା ଦେଖିବାକୁ ମିଳିଥିଲା।








## ନବରାତ୍ରର ସପ୍ତମ ଦିବସ: 'କାଳରାତ୍ରୀ' ସ୍ୱରୂପରେ ମା' ବଗଳାମୁଖୀ

ବାଲେଶ୍ୱର,୨୯।୯ (ସମିସ): ସହର ଉପକଣ୍ଠ ତାମୁଳିଆସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା' ବଗଳାମୁଖୀଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ଚାଲିଛି ନବରାତ୍ର ପୂଜା। ଆଜି ସପ୍ତମ ଦିବସରେ ମା'ଙ୍କୁ "କାଳରାତ୍ରୀ' ସ୍ୱରୂପରେ ପୂଜା କରାଯାଇଥିଲା। ଅନ୍ଧକାରମୟ ସ୍ଥିତିକୁ ବିନାଶ କରିବା ଶକ୍ତି ହିଁ ମା' କାଳରାତ୍ରୀ। ଏପରିକି କାଳ ନିକଟରୁ ଭକ୍ତକୁ ରକ୍ଷା କରିବା ଶକ୍ତି ମା'ଙ୍କ ରହିଛି। ମା' କାଳରାତ୍ରୀ ଭକ୍ତଙ୍କୁ ସର୍ବଦା ଅବୟ ପ୍ରଦାନ କରିଥାନ୍ତି। ମା'ଙ୍କ ଉପାସନା କରୁଥିବା ଭକ୍ତଙ୍କ ପାଇଁ ବ୍ରହ୍ମାଣ୍ଡର ସମସ୍ତ ସିଦ୍ଧିପ୍ରାପ୍ତି ନିମନ୍ତେ ଦ୍ୱାର ଖୋଲିଯାଏ ବୋଲି ବିଶ୍ୱାସ ରହିଛି। ନବରାତ୍ରର ମହାଅଷ୍ଟମୀରେ ମହାଗୌରୀ ଓ ମହାନବମୀରେ ସିଦ୍ଧିଦାତ୍ରୀ ସ୍ୱରୂପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ନେଇ ଶାସ୍ତ୍ର ସମ୍ମତ ବିଧି ରହିଛି। ଏହି ଅବସରରେ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା' ବଗଳାମୁଖୀଙ୍କୁ ନୀଳ ସରସ୍ୱତୀ ବେଶରେ ସଜ୍ଜିତ କରାଯାଇଥିଲା। ଏଥିରେ ପ୍ରତ୍ୟେହ ପ୍ରାତଃକାଳରୁ ରାତ୍ରି ପର୍ଯ୍ୟନ୍ତ ଷୋଡ଼ଶ ଉପଚାର ପୂଜା ସହିତ ସଂଧ୍ୟାରେ ସପ୍ତସତୀ ଚଣ୍ଡିପାଠ ଓ ଅନ୍ତେ ୧୦୮ ଆହୁତି ପ୍ରଭୃତି କର୍ମକାଣ୍ଡ ମାଧ୍ୟମରେ ନିୟମିତ ପୂଜାର୍ଚ୍ଚନା ହେଉଛି ପୀଠରେ। ନବମୀ ଦିନ ଯଜ୍ଞ ପୂର୍ଣ୍ଣାହୁତିରେ ମା'ଙ୍କ ନବରାତ୍ର ପୂଜା ସମ୍ପନ୍ନ ହେବ।



## ଦୁର୍ଗାପୂଜା; ବାଲେଶ୍ୱର ସହରରେ ଟ୍ରାଫିକ କଟକଣା

ବାଲେଶ୍ୱର,୨୯ ।୯ (ସମିସ): ପବିତ୍ର ଦୁର୍ଗାପୂଜା ଅବସରରେ ବାଲେଶ୍ୱରରେ ଆଜି ମହାସପ୍ତମୀର ଅପରାହ୍ନ ୪ଟାରୁ ଆସନ୍ତା ଅକ୍ଟୋବର ମାସ ୩ତାରିଖ ପର୍ଯ୍ୟନ୍ତ ଟ୍ରାଫିକ କଟକଣା ଜାରି କରାଯାଇଛି। ମହାଷ୍ଟମୀ ଠାରୁ ୩ ତାରିଖ ଭସାଣି ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସେହିକ୍ରମରେ ୨୯ତାରିଖରୁ ୩ତାରିଖ ଯାଏଁ ଷ୍ଟେସନ ଛକ ଠାରୁ ସହଦେବଖୁଂଟା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରାଯାଇଥିବା ବେଳେ ବସଷ୍ଟାଣ୍ଡରୁ ଭଦ୍ରକ ଓ ନୀଳଗିରି ଅଭିମୁଖେ ଯାଉଥିବା ବସ୍‌ଗୁଡିକ ରେମୁଣା ଗୋଲେଇ ହୋଇ ଯିବେ। ସେହିପରି ସିନେମାଛକଠାରୁ ଟାଉନଥାନା ଦେଇ ବାଲିଘାଟ ଯାଉଥିବା ତିନିଚକିଆ ଏବଂ ଚାରିଚକିଆ ଯାନ ଗୁଡିକ ଦିନ ୩ଟାଠାରୁ ରାତି ୧୧ଟା ପର୍ଯ୍ୟନ୍ତ ଚଳାଚଳ ବନ୍ଦ କରାଯାଇଛି। ସେହିପରି ୩୦ତାରିଖ ବିରାଷ୍ଟମୀ ଆଖଡା ପାଇଁ ମଧ୍ୟ ଟ୍ରାଫିକ କଟକଣା କରାଯାଇଛି। ଏହି ଦିନ ହେମକାପଦା ଛକ ଠାରୁ ବୈରାମନଗର ଛକ ପର୍ଯ୍ୟନ୍ତ କୌଣସି ଯାନବାହାନ ଚଳାଚଳ କରିପାରିବ ନାହିଁ। ଚାନ୍ଦିପୁର ଆଡୁ ଆସୁଥିବା ସମସ୍ତ ଯାନ ଗୁଡିକ ହେମକାପଦା ଛକ ରୁ ଭାୟା ଗଡଗଡିଆ ହୋଇ ପୁଲିସ ଲାଇନ ରାସ୍ତାରେ ବାହାରିବ। ସେହିପରି ୧ତାରିଖରେ ଆଇଟିଆଇ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ରାବଣପୋଡି ପାଇଁ ମଧ୍ୟ ଟ୍ରାଫିକ କଟକଣା କରାଯାଇଛି। ଏହି ଦିନ କରୁଡା ଛକ ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଅପରାହଣ ୩ଟା ଠାରୁ ରାତି ୧୧ଟା ପର୍ଯ୍ୟନ୍ତ କୌଣସି ଯାନବାହାନ ଚଳାଚଳ କରିବ ନାହିଁ। ଏପରିକି ଆଇଟିଆଇ ଛକ ଠାରୁ ଉଦ୍ୟୋଗ ଭବନ ଛକ ପର୍ଯ୍ୟନ୍ତ ଆଇଟିଆଇ ପଡିଆପାଖ ରାସ୍ତାରେ କୌଣସି ପ୍ରକାର ଯାନବାହନ ଚଳାଚଳକୁ ନିଷେଧ କରାଯାଇଛି। ସେହିପରି ଦଶହରା ଆଖଡା ପାଇଁ ସିନେମା ଛକରେ ସନ୍ଧ୍ୟା ୭ଟାରୁ ଆଖଡା ଶେଷ ହେବା ପର୍ଯ୍ୟନ୍ତ ଟ୍ରାଫିକ କଟକଣା କରାଯାଇଛି। ବେବିଲେନ ଛକ ଠାରୁ ଭାୟା ସିନେମା ଛକ ଦେଇ ଟାଉନହଲ ଛକ ପର୍ଯ୍ୟନ୍ତ ଭାରଯାନ ଚଳାଚଳକୁ ନିଷେଧ କରାଯାଇଛି। ୩ତାରିଖ ଅନୁଷ୍ଠିତ ହେବାକୁ ଥିବା ଭସାଣି ଶୋଭାଯାତ୍ରା ପାଇଁ ସକାଳ ୯ଟାରୁ ଟ୍ରାଫିକ କଟକଣା କରାଯାଇଛି। ସିନେମା ହଲ ଛକ ଠାରୁ ବାଲିଘାଟ ପର୍ଯ୍ୟନ୍ତ ଭାୟା ଟାଉନ ଥାନା ଛକ ଏବଂ ମଣ୍ଡଳ ବଜାର ଏବଂ ବାରବାଟୀ କୌଣସି ପ୍ରକାର ଯାନବାହନ ଚଳାଚଳ କରିବ ନାହିଁ।

## ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ଦାଣ୍ଡିଆ ନାଇଟ୍ସ



ବାଲେଶ୍ୱର,୨୯।୯ (ସମିସ): ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ସ୍ଥାନୀୟ ଲକି ଇଣ୍ଟର ନ୍ୟାସନାଲ ହୋଟେଲ ପରିସରରେ ଦାଣ୍ଡିଆ ନାଇଟ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ଶିବୁ ପୋଦାରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଓ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରୀ ପୋଦାର ଦାଣ୍ଡିଆ ନାଇଟ୍ସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।






## ଫେସବୁକ କବିତା ଆସରରେ 'ମୋ ମାଆ ହିଁ ଦୁର୍ଗା ମାଆ'

ବାଲେଶ୍ୱର,୨୯।୯ (ସମିସ): ପବିତ୍ର ଶାରଦୀୟ ଉତ୍ସବ ଅବସରରେ ନୋସି କଲଚୁରାଲ ଏକାଡେମି ତରଫରୁ ୫୭ତମ ଫେସବୁକ କବିତା ଆସରରେ "ମୋ ମାଆ ହିଁ ଦୁର୍ଗା ମାଆ' ଶୀର୍ଷକ କବିତା ଆସର ନୋସି ଉତ୍କଳା ମୁକ୍ତମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। କବିତା ଆସରର ଆବାହକ ତଥା ନୋସି କଲଚୁରାଲ ଏକାଡେମିର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁଦାସ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହ ଆସରର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏହି କବିତା ଆସର ସଭାପତିତ୍ୱ କରି କବୟିତ୍ରୀ ଶାନ୍ତିଲତା ପଣ୍ଡା ସାମ୍ପ୍ରତିକ ସମାଜରେ ଅନେକ ଯୁବକ ନିଜ ମାଆଙ୍କୁ ଅବହେଳା କରାଯାଇ ତାମସିକ ଦୁର୍ଗୋତ୍ସବରେ ମାଗୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଫକୀରମୋହନ ମହାବିଦ୍ୟାଳୟର ଇତିହାସ ବିଭାଗର ସହକାରୀ ପ୍ରଫେସର ଆକାଶ କୁମାର ସାହୁ ଓ କଳା ଇତିହାସର ପ୍ରବୀଣ ଡ. କନିକା ଗୁପ୍ତା ଯୋଗଦେଇ ଓଡ଼ିଶା କଳା ଇତିହାସରେ ମାତୃ ପୂଜନ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। କବିତା ଆସରକୁ କବି ଗଗନ କୁମାର ସେଠୀ ସଞ୍ଚାଳନ କରିଥିବା ବେଳେ ପ୍ରଭାକର ସାହୁ, ଡ ରାମଚନ୍ଦ୍ର ମାଝି, ପ୍ରଭାତ ଆଚାର୍ଯ୍ୟ, ପ୍ରବୀର କମିଲା, ସୁଧାକର ସେଠୀ ପ୍ରମୁଖ ଯୋଗ ଦେଇ କବିତା ପାଠ କରିଥିଲେ। ଏହି ଅବସରରେ ରଶ୍ମୀ ରେଖା ମହାପାତ୍ର, ଜୀବନ ମହାପାତ୍ର, ଏକାଦଶୀ ବର୍ମନ, ଅତନୁ ଦାସ, ନନ୍ଦିନୀ ନାୟକ, ରୂପାଲି ସିଂ, ଦୁର୍ଗେଶ୍ୱରୀ ସିଂ ପ୍ରମୁଖ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।




## ୭୭ ବର୍ଷରେ ଦେଉଳା ହାଟ ଦୁର୍ଗାପୂଜା



ଭୋଗରାଇ,୨୯।୯ (ସମିସ) : ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ଦେଉଳା ହାଟରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ସମଗ୍ର ଅଞ୍ଚଳ। ଏହି ଅଞ୍ଚଳରେ ସର୍ବପ୍ରଥମ ସାର୍ବଜନୀନ ଦୁର୍ଗାପୂଜା ଭାବେ ଏହାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ତତ୍କାଳୀନ ଶିକ୍ଷକ ବ୍ୟବସାୟୀ ସୁଧାକର ନାୟକଙ୍କ ପ୍ରଚେଷ୍ଟାରେ ୧୯୪୯ ମସିହାରେ ଶୁଭାରମ୍ଭ ହୋଇଥିବା ଏହି ସାର୍ବଜନୀନ ଦୁର୍ଗାପୂଜାକୁ ପୂରିଛି ୭୭ ବର୍ଷ। ଦେଉଳାହାଟ ବଜାର କମିଟି ଓ ଅନନ୍ତ ପୁରୁଷୋତ୍ତମ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ପାଠରେ ପୂଜା ରବିବାର ଷଷ୍ଠୀ ତିଥିରେ ବିଲ୍ୱବରଣ ଠାକୁରାଣୀଙ୍କୁ ହୋଇଗୁରୁବାରଦଶମୀ ପର୍ଯ୍ୟନ୍ତ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଚାଲିବ। ସୋମବାର ସକାଳେ ଘଟୋତ୍ତୋଳନରେ ଢୋଲ ବାଦ୍ୟ ସହିତ ଶହଶ୍ରଦ୍ଧାଳୁ ମହିଳାମାନେ ହାତରେ କଳଶ ଧରି, ଡାଲି ନେଇ ଗାଁ ପରିକ୍ରମା କରିବା ପରେ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ସୋମବାର ସପ୍ତମୀ ବିହିତ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମହାଅଷ୍ଟମୀ ବିହିତ ପୂଜା, ବୁଧବାର ନବମୀ ଓ ଗୁରୁବାର ଦଶମୀ ବିହିତ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅରବିନ୍ଦ ତୋଳା, ଶକ୍ତିପଦ ଦାସ ମହାପାତ୍ର, ପ୍ରଣୟ କୁମାର ଗିରି, ରାଜକିଶୋର ନାୟକ, ଜଗନ୍ନାଥ ଜେନ, ପ୍ରଭୁରାମ ଦାସ, ରମେଶ ପାତ୍ର, ଚନ୍ଦନ ଗିରି, ପ୍ରଦୀପ କୁମାର ପାତ୍ର, ସୁକୁମାର ଜେନା, ପ୍ରତାପଜେନା, ପ୍ରଦୀପଦିଣ୍ଡା, ସଞ୍ଜୟ ତୋଳା, ଗୌତମ ଦାସ, ପ୍ରଦୀପ ପ୍ରଧାନ, ସୁଧିର ଜେନା, ହରିପଦ ପାତ୍ର, ଦିଲ୍ଲୀପ ଦାସ, ଉତ୍ତମ ଦାସ ମହାପାତ୍ର, ସନ୍ଦୀପ ଦିଣ୍ଡା, ଚନ୍ଦ୍ରଭୂଷଣ ଜେନା, ଧୀରେନ୍ଦ୍ର ଦାସ, ନାରାୟଣ ଦାସ, ରାଜକିଶୋର ମହାନ୍ତି, ଅରୁଣ ବେହେରା, ମନୋରଞ୍ଜନ ଘଡାଇ, ସୁକୁମାର ପଣ୍ଡା, ଦେବାଶିଷ ପଣ୍ଡା, ଅନାଦି ରଞ୍ଜନ ଦାସ ମହାପାତ୍ର ତଥା ଦେଉଳା ହାଟ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ୬୫ ତମ ମଧୁପୁରା ସାର୍ବଜନୀନ ଦୁର୍ଗାପୂଜା



ବାଲିଆପାଳ, ୨୯।୯ (ସମିସ): ବାଲିଆପାଳ ବ୍ଲକ ମଧୁପୁରା ସାର୍ବଜନୀନ ଦୁର୍ଗାପୂଜା ୬୫ ବର୍ଷରେ ପଦାର୍ପଣ କରିପାରିଛି। ସିମୁଳିଆ ସାପ୍ତାହିକ ପରିବା ହାଟ ମଧ୍ୟ ସ୍ଥଳୀରେ ଏହି ଦୁର୍ଗାପୂଜା ୧୯୬୫ ମସିହା ତତ୍କାଳୀନ ମଧୁପୁରା ସରପଞ୍ଚ ସ୍ୱର୍ଗତ ଉପେନ୍ଦ୍ର ନାଥ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଆସୁଛି। ପୂର୍ବରୁ ପୂଜାରେ ସ୍ୱର୍ଗତ ବଂଶୀଧର ବାଗ ମୁଖ୍ୟ ପୁରୋଧା ଥିଲେ। ଏବେକାର ଉପଦେଷ୍ଟା କମିଟିର ମୁରଲୀ ମୋହନ ସାହୁ, ଜଗନ୍ନାଥ ମହାନ୍ତି, ମଧୁସୂଦନ ସାହୁ, ଅଦ୍ୱୈତ ବାଗ, ରାମଚନ୍ଦ୍ର ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ, ପ୍ରଭାସ କୁମାର ସାହୁ ପ୍ରମୁଖ ଏହି ମଣ୍ଡପରେ ପୂଜା ଆରମ୍ଭ କରିଥିଲେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ମା'ଙ୍କ ପୂଜାକୁ ଅଧିକ ଲୋକାଭିମୁଖୀ ଓ ଆକର୍ଷଣୀୟ କରିବା ପାଇଁ ମଧୁପୁରା ଦୁର୍ଗା ମଣ୍ଡପ ଚଳଚଞ୍ଚଳ ହୋଇଉଠିଛି। ମଙ୍ଗଳବାର ମହାଷ୍ଟମୀ ପୂଜା ଓ ଦିନ ୧.୫୬ ମିନିଟ୍‌ରେ ସନ୍ଧିପୂଜା, ବୁଧବାର ମହାନବମୀ ପୂଜା, ଗୁରୁବାର ବିଜୟା ଦଶମୀ ଏବଂ ରାବଣ ପୋଡି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମିଟିର ସମ୍ପାଦକ ସରପଞ୍ଚ ଗୀତାରାଣୀ ମାହାନା ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ଶୃଙ୍ଖଳିତ ଭାବରେ କରିପାରିବେ ସେଥିପାଇଁ କମିଟି ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା, ଏବଂ ସମସ୍ତ ୱାର୍ଡସଭ୍ୟ, ପରିବା ଦୋକାନୀ ମାନେ ସହଯୋଗ କରୁଛନ୍ତି। ସ୍କୁଲ ପିଲାଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ମା'ଙ୍କ ମୃଣ୍ମୟ ପ୍ରତିମାର ଦର୍ଶନ କରି ଆହୁରି ଅଧିକ ଆନନ୍ଦ ଲାଭ କରିବେ।

## ବାଲିଆପାଳରେ ୨୨ଟି ଦୁର୍ଗାମେଢ

କାଳିପଦା, ୨୯।୯ (ସମିସ): ଚଳିତ ବର୍ଷ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ୨୨ଟି ଦୁର୍ଗା ମେଢ଼ ହୋଇଛି। ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡ ଠାରେ ହେଉଥିବା ଦୁର୍ଗାପୂଜା ସର୍ବ ପୁରାତନ। ଅତୀତରେ ଗଡ଼ ଜାମାକୁଣ୍ଡା, ଗଡ଼ ଶାହା ବନ୍ଦର, ରତାଇ ଆଦି ଦୁର୍ଗା ପୂଜାକୁ ସେ ସମୟର ଜମିଦାରମାନେ କରୁଥିଲେ। ଏବେ ଇକଡ଼ପାଳ, ଜାମାକୁଣ୍ଡା, ବାଲିଆପାଳ, ନିଖିରା, ବ?ାଶ, ପ୍ରତାପପୁର, ଚୌମୁଖ, ନୂଆଗାଁ, ରତାଇ, ଲଙ୍ଗଳେଶ୍ୱର, ବଳରାମପୁର, ବୋଙ୍ଗ, ନିମପଡା, ପଞ୍ଚୁପାଲି ଆଦି ସ୍ଥାନରେ ମା' ଦୁର୍ଗାଙ୍କ ସହିତ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ, ଶିବ ପ୍ରମୁଖଙ୍କର ପୂଜା ଅର୍ଚ୍ଚନା ଧୂମଧାମ ରେ ପାଳନ କରାଯାଉଛି। ବର୍ଷା ସମୟ ସମୟରେ ହେଉ ଥିବାରୁ ବ୍ୟାଘାତ ହେଉଛି। କେତେକ ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା, ଯାତ୍ରା ଅଭିନୟ, ମେଲୋଡି, ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ପୁଲିସ ପକ୍ଷରୁ କଡା ସୁରକ୍ଷା ଓ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମଧୁପୁରା, ଇକଡ଼ପାଳ, ଲଙ୍ଗଳେଶ୍ୱର, ରତାଇ ଆଦି ପୂଜା କମିଟି ପକ୍ଷରୁ ଦଶହରା ଦିନ ରାବଣ ପୋଡି ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ। ଆଜି ମହାସପ୍ତମୀ ଅବସରରେ ଘଟୋତ୍ତଳନ, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି।

### ପାର୍ବଣରେ ଖାଦ୍ୟର ମାନ ଯାଞ୍ଚ ଓ ଚଢ଼ଉ

# ୩୦ କେଜି ବାସି ଖାଦ୍ୟ ନଷ୍ଟ, ଜରିମାନା ଆଦାୟ

ବାଲେଶ୍ୱର,୨୯।୯ (ସମିସ)



ଆରମ୍ଭ ହୋଇଛି ପାର୍ବଣ। ଏଥିପାଇଁ ବାଲେଶ୍ୱର ସହରରେ ବିଭିନ୍ନ କମିଟି ପକ୍ଷରୁ ପୂଜା ଆରମ୍ଭ ହୋଇଯାଇଛି। ପୂଜା ପାଇଁ ସହରରେ ବିଭିନ୍ନ ମଣ୍ଡପ ଓ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ଲାଗିଲାଣି। ଏହିପରି ବଜାରରେ ମଧ୍ୟ ବଜାରଠୁ ଆରମ୍ଭ କରି ବିଭିନ୍ନ ଦୋକାନରେ ଲୋକଙ୍କର ଖାଇବା ପାଇଁ ମଧ୍ୟ ଭିଡ ଆରମ୍ଭ ହୋଇଯାଇଛି। ତେବେ ପାର୍ବଣକୁ ଦୃଷ୍ଟିରେ ରଖି ଆଜି ବାଲେଶ୍ୱର ପୌରପାଳିକା ଓ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ମିଳିତ ଭାବେ ସହରରେ ଯାଞ୍ଚ କରାଯାଇଛି। ଏହି ଯାଞ୍ଚ ସମୟରେ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରୁ ବାସି ଖାଦ୍ୟ ବାହାରିଥିଲା। ଯାହାକୁ ନଷ୍ଟ କରିବା ସହ ଜରିମାନା ଆଦାୟ କରାଯାଇଛି। ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରୁ ୩୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ସୂଚନାଯୋଗ୍ୟ, ଦୁର୍ଗା ପୂଜାକୁ ଦୃଷ୍ଟିରେ ରଖି ଆଜି ପୌରପାଳିକା ଓ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ଏକ ଟିମ୍ ସହରର ଫାଣ୍ଡି ଛକରୁ ଆରମ୍ଭକରି ଛକ ମଧ୍ୟରେ ଥିବା ବିଭିନ୍ନ ଫାଷ୍ଟଫୁଡ ତଥା ହୋଟେଲ ଗୁଡ଼ିକରେ ଖାଦ୍ୟ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ୮-୧୦ ଟି ହୋଟେଲ ଓ ଦୋକାନରୁ ୩୦ କେଜିର ବାସି ଖାଦ୍ୟ ଏବଂ ବିଷାକ୍ତ ଖାଦ୍ୟରେ ମିଶୁଥିବା ରଙ୍ଗ ସବୁ ନଷ୍ଟ କରାଯାଇଛି। ଏଥିପାଇଁ ୩୨ ହଜାର ଟଙ୍କା ସେମାନଙ୍କୁ ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉ ଓ ଯାଞ୍ଚରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଯାଞ୍ଚ କରୁଥିଲା। ବିଭିନ୍ନ ଜଳଖିଆ ଦୋକାନ ଓ ହୋଟେଲରୁ ବାସି ଖାଦ୍ୟ ବାରମ୍ବାର ବାହାରୁଛି। ସେମାନେ ଜରିମାନା ଗଣୁଛନ୍ତି ହେଲେ ପୁଣି ସମାନ ପରିସ୍ଥିତି ସୃଷ୍ଟି ହେଉଛି। ନିୟମିତ ଚଢ଼ଉ ହେଉନଥିବାରୁ ଲୋକମାନଙ୍କ ଜୀବନ ସହ ଖେଳୁଛନ୍ତି ରେଷ୍ଟୁରାଣ୍ଟ, ହୋଟେଲ ମାଲିକ। ବାସି ଖାଦ୍ୟ ଦେଇ ଲୋକମାନଙ୍କୁ ରୋଗାକ୍ରାନ୍ତ କରିବାର ବାରମ୍ବାର ପ୍ରୟାସ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ



ବାଲେଶ୍ୱର,୨୯।୯ (ସମିସ): ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ଏବଂ ବିଶ୍ୱ ଜ୍ୱଳାନ୍ତକ ଦିବସ, ମହିଳା ଆରୋଗ୍ୟ ସମିତିର ସଦସ୍ୟା, ଗର୍ଭବତୀ ଏବଂ ପ୍ରସୂତି ମାଆ ମାନଙ୍କ ଉପସ୍ଥିତିରେ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟବକ୍ତା ଡାକ୍ତର ସଞ୍ଜୀବ ପ୍ରଧାନ ମତବ୍ୟକ୍ତ କରିଥିଲେ। ଡାକ୍ତର ସୁମିତ୍ରା ଜଗଦେଓ, ଗୋପାଳପୁର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମଧୁସୂଦନ ବିଶ୍ୱାଳ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଗର୍ଭବତୀ ମାଆ ମାନଙ୍କୁ ଡ଼ାକ୍ତର ଖାନାରେ ଗର୍ଭପାତ କରିବାପାଇଁ ସହଯୋଗ କରିଥିବା ନିମନ୍ତେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା କର୍ମୀ ବାସନ୍ତୀ ଶିଅଳ (ପ୍ରଥମ), ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା କର୍ମୀ ସୁପ୍ରଭା ଗିରି(ଦ୍ୱିତୀୟ), ବରହମପୁର୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା କର୍ମୀ ସରସ୍ୱତୀ ଦାସବାବୁ (ତୃତୀୟ)ଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ପରମେଶ୍ୱର ବାରିକ (ଅତିରିକ୍ତ ପରିଚାଳକ ଯୋଗାଯୋଗ) ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱର ଅରୁଣୋଦୟ ଓ ଗୋଲ୍ଡେନ୍ ଜୁବିଲି ମାର୍କେଟ କମ୍ପ୍ଲେକ୍ସରୁ ଉଚ୍ଛେଦ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ,୨୯।୯ (ସମିସ): ବାଲେଶ୍ୱର ସହରର ଭାସ୍କରଗଞ୍ଜ ମୌଜାରେ ଥିବା ଅରୁଣୋଦୟ ମାର୍କେଟ କଂପ୍ଲେକ୍ସ ଓ ଗୋଲ୍ଡେନ୍ ଜୁବିଲି ମାର୍କେଟ କଂପ୍ଲେକ୍ସରୁ ବ୍ୟବସାୟୀଙ୍କୁ ଉଚ୍ଛେଦ ପ୍ରସଂଗରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଅରୁଣୋଦୟ ମାର୍କେଟ କମ୍ପ୍ଲେକ୍ସ ଓ ଗୋଲ୍ଡେନ୍ ଜୁବିଲି ମାର୍କେଟ କମ୍ପ୍ଲେକ୍ସରୁ ଦୋକାନ ବ୍ୟବସାୟୀଙ୍କୁ ଉଚ୍ଛେଦ ପ୍ରସଂଗରେ ଅଗ୍ରସନ ନ ହେବାକୁ ପ୍ରତିପକ୍ଷଙ୍କୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ପୂର୍ଣ୍ଣଚନ୍ଦ୍ର ବାରିକ ଓ ଅନ୍ୟ ୫ଜଣଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅକ୍ଟୋବର ୨୭କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ତିନି ଦଶନ୍ଧିରୁ ଅଧିକ ସମୟରେ ଧରି ଏହି ଦୁଇ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ କରି ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଉଚ୍ଛେଦ ପାଇଁପୌରପାଳିକା ଓ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ରାସ୍ତା ସଂପ୍ରସାରଣ ପାଇଁ ଏହି ଦୁଇ ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୁଡ଼ିକ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ବ୍ୟବସାୟୀଙ୍କୁ ବିକଳ୍ପ ସ୍ଥାନରେ ଥଇଥାନ ପାଇଁ ପଦକ୍ଷେପ ନ ନେଇ ଏପରି ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏପରି ପଦକ୍ଷେପ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଏହି ମାମଲା ଦାୟର ହୋଇଛି।

## ଜନ୍ମମାଟିରେ କବିବରଙ୍କ ୧୭୭ ତମ ଜୟନ୍ତୀ ପାଳିତ



ସୋର, ୨୯।୯(ସମିସ): କବିବର ରାଧାନାଥ ରାୟଙ୍କର ୧୭୭ତମ ଜୟନ୍ତୀ କେଦାରପୁରସ୍ଥ କବିବରଙ୍କ ଜନ୍ମପୀଠରେ କବିବର ରାଧାନାଥସ୍ମୃତି ସଂସଦ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଉଛି। ଏହି ଉତ୍ସବ ପ୍ରାରମ୍ଭରେ ପୁଷ୍ପାରାଣୀ ନାୟକ ତାଙ୍କ ସହଯୋଗୀ ଭାରତ ଗୀତିକା ଗାନ କରିବା ପରେ କବିବରଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକସ୍ତରୀୟ ରାଧାନାଥ ସାହିତ୍ୟ ଆଧାରିତ ପ୍ରତିଯୋଗିତା ବ୍ଲକର ସମସ୍ତ ସି ଆର ସି ସି, ବିଇଓ ଏବଂ ଏବିଇଓ ଏବଂ ରାଧାନାଥ ସ୍ମୃତି ସଂସଦଙ୍କ ସହଯୋଗରେ ସୋର ପବ୍ଲିକ ସ୍କୁଲଠାରେ ସଫଳତାର ସହିତ ସମ୍ପର୍ଣ୍ଣ ହୋଇଥିଲା। ଆଜିର ଉତ୍ସବର ପ୍ରାରମ୍ଭିକ ସୂଚନା ଉଦ୍ଧବ ଚରଣ ବିଶ୍ୱାଳ ପ୍ରଦାନ କରିଥିବା ବେଳେ ଅନିରୁଦ୍ଧ ରାଉତ ମଞ୍ଚ ସଂଚାଳନ ଓ ଗଙ୍ଗାଧର ପାଢୀ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ସଭାରେ ବିଧାୟକ ସୋର ମାଧବ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଜନ୍ମପୀଠର ବିକାଶ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ବିଧାୟକ ଉନ୍ନୟନ ପାଣ୍ଠିରୁ ପ୍ରଦାନ କରିବା ନିମନ୍ତେ ଘୋଷଣା କରିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ଡ. ସନ୍ତୋଷ କୁମାର ନାୟକ, ସମ୍ମାନିତ ଅତିଥିଭାବେ ଜୟରାମ ଦାସ, ଅନୁସୟା ମଲ୍ଲିକ, ସରପଞ୍ଚ ସୁପ୍ରିୟା ଜେନା, ସମିତି ସଭ୍ୟ ରାଜେଶ କୁମାର ନାୟକ ଓ ସଂସଦର ସଭାପତି ଲକ୍ଷ୍ମୀନାରାୟଣ ନାୟକ ଯୋଗ ଦେଇ ରାଧାନାଥଙ୍କ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଅପରାହ୍ନରେ କବି ସମ୍ମିଳନୀରେ ରାଜ୍ୟସ୍ତରୀୟ ବିଶିଷ୍ଟ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆୟୋଜିତ ସାନ୍ଧ୍ୟ ଅଧିବେସନ ସଂସଦର ସଭାପତି ଲକ୍ଷ୍ମୀନାରାୟଣ ନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ସଂଜୟ କୁମାର ଛୁଆଳସିଂ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଡ. ମନୋରମା ବିଶ୍ୱାଳ ମହାପାତ୍ର, ମୁଖ୍ୟବକ୍ତା ଡ. ଅରୋବିନ୍ଦ ଗିରି, ସମ୍ମାନିତ ବକ୍ତା କାଳିପଦ ପଣ୍ଡା, ସଂସଦର ସଂପାଦକ ଶୁଭେନ୍ଦୁ ରାୟ ଯୋଗ ଦେଇ ରାଧାନାଥ ଙ୍କ ସାହିତ୍ୟର ଚର୍ଚ୍ଚା କରିଥିଲେ। ଏହି ଅବସରରେ ଡ. ସତ୍ୟନାରାୟଣ ପଣ୍ଡାଙ୍କୁ କବିବର ସାହିତ୍ୟ ସମ୍ମାନ ରେ ସମ୍ମାନିତ କରାଯାଇଥିଲେ। ଗୌରଙ୍ଗ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀମନ୍ତ ପାତ୍ର, ଜୟକୃଷ୍ଣ ଦେହେରା, ପ୍ରଭାତ ପାକଳ, ଭଗବାନ ଲେଙ୍କା, ରାଜେନ୍ଦ୍ର ରଣା, ପ୍ରଦୀପ ବିଶ୍ୱାଳ, ରତ୍ନାକର ବାରିକ, ଅଜିତ କୁମାର ସିଂହ, ରାଜ କମଳ ଘୋଷ, ପ୍ରଭାତ ପରିଡ଼ା, ବିଶ୍ୱନାଥ ଘୋଷ, ସସ୍ମିତା ସିଂହ, କଲ୍ୟାଣୀ ଘୋଷ, କାମାକ୍ଷା ପ୍ରସାଦ ସିଂହ ସହଯୋଗ କରିଥିଲେ।

## କୃଷି ମହାବିଦ୍ୟାଳୟ ଘୋଷଣା ଦାବିରେ ଜନସମ୍ପର୍କ ଶିବିର

ବାଲେଶ୍ୱର,୨୯।୯ (ସମିସ): ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଅବସରରେ ସ୍ଥାନୀୟ ବିଚାରଗଞ୍ଜ ଛକ ପାର୍ଶ୍ୱରେ ଜନସମ୍ପର୍କ ଶିବିର ଆରମ୍ଭ ହୋଇଛି। ବାଲେଶ୍ୱର ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାରୀ ପରିଚାଳିତ ସ୍ୱାସ୍ଥ୍ୟସେବା କେନ୍ଦ୍ର ଗୁଡ଼ିକରେ ଆବଶ୍ୟକୀୟ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ଓ ଏମ୍‌ସ ସାଟେଲାଇଟ ସେଂଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଫକୀରମୋହନ ମେଡିକାଲ କଲେଜରେ ହୃଦରୋଗ, ସ୍ନାୟୁରୋଗ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ବିଭାଗ ଖୋଲିବା ସହ ସମସ୍ତ ଖାଲି ଥିବା ପଦବୀରେ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ପ୍ରଭୃତି ପଦବୀ ପୂରଣ କରିବା ଆଦି୧୯ଦଫା ଦାବି ପୂରଣ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ଉପସଭାପତି ନିରଞ୍ଜନ ରାଉତଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଡା ତାରାକାନ୍ତ ନନ୍ଦ, ଶଶାଙ୍କ ଶେଖର ଦତ୍ତ, କମଳାକାନ୍ତ ନାୟକ, ଇଂ ବନମାଳୀ ନାୟକ, ଶଚୀନ୍ଦ୍ର ଦାସ, କ୍ରିଷ୍ଣା ବିଶ୍ୱାସ, ବନ୍ଦନା ପାତ୍ର ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଏହି ଶିବିର ଆସନ୍ତା ଦଶହରା ପର୍ଯ୍ୟନ୍ତ ଚାଲିବ। ସମିତିର ଜିଲ୍ଲା ସଭାପତି ଡ. କେଶବ ଚରଣ ପଣ୍ଡା, ସାଧାରଣ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ରଙ୍କ ସମେତ ଯତୀନ ପାତ୍ର, ରବିନାରାୟଣ ଭୋଳ, ନାରାୟଣ ଦାସ, ରବୀନ୍ଦ୍ର ମହାଳିକ, ସ୍ନେହଲତା ପତି, ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କେତେକ ଦୁର୍ଗାପୂଜା ତୋରଣ ପାର୍ଶ୍ୱରେ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ପୋଷ୍ଟର ଲଗାଯାଇଛି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତାବ୍ଦୀ ବର୍ଷ ଉଦ୍‌ଘାଟିତ

ବାଲେଶ୍ୱର,୨୯।୯ (ସମିସ): ଆରଏସଏସ ଏକ ସଂଗଠନ ନୁହେଁ, ଏକ ବିଚାର ବୋଲି ସଂଘ ଶତାବ୍ଦୀ ବର୍ଷ ଉଦଘାଟନ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବ କ୍ଷେତ୍ର (ଓଡ଼ିଶା, ପଶ୍ଚିମବଙ୍ଗ, ସିକିମ ଓ ଆଣ୍ଡାମାନ) ସହ ପ୍ରଚାରକ ଜଳଧର ମାହାତୋ କହିଛନ୍ତି। ଆରଏସଏସ ବାଲେଶ୍ୱର ନଗର ଈଶାନେଶ୍ୱର ଉପନଗର ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ବାଲେଶ୍ୱର ଚ୍ୟମ୍ବର ଅଫ ଇଣ୍ଡଷ୍ଟ୍ରିଜ ଆଣ୍ଡ ସଞ୍ଜୟ ଦାସ ଓ ନଗର ସଂଘ ଚାଳକ ଗୋପାଳ ନାୟକ ଉପସ୍ଥିତ ଥିଲେ। ଏକ ଭବ୍ୟ ପଥ ସଞ୍ଚଳନରେ ବାହାରି ନଗର ପରିକ୍ରମା କରିଥିଲେ। ସେହିପରି ବାଲେଶ୍ୱର ନଗରର ରାମେଶ୍ୱର ଉପନଗର କାର୍ଯ୍ୟକ୍ରମ ଭୀମପୁରା ଠାରେ ହୋଇଥିବାବେଳେ ମୁଖ୍ୟବକ୍ତା ଭାବେ ପୂର୍ବକ୍ଷେତ୍ର ଧର୍ମ ପ୍ରସାର ପ୍ରମୁଖ ବିନୟ ଭୂୟାଁ, ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ସୂର୍ଯ୍ୟେନ୍ଦୁ କୁମାର ଦେଓ ଯୋଗ ଦେଇଥିଲେ। ସେହିଭଳି ଝାଡ଼େଶ୍ୱର ଉପନଗର କାର୍ଯ୍ୟକ୍ରମ ମାଣିଖମ୍ବ ଶିଶୁ ମନ୍ଦିରରେ ହୋଇଥିବା ବେଳେ ଏଥିରେ ଡ. ସୁବୋଧ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ଜମୁଛି କାଉମାରୀ ନବରାତ୍ରି ପୂଜା ଓ ଗ୍ରାମୀଣ ମେଳା



କାଳିପଦା, ୨୯।୯ (ସମିସ): ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ କାଉମାରୀ ନବ ରାତ୍ରି ପୂଜା ଓ ମେଳା ଏବେ ଜମିବାରେ ଲାଗିଛି। ପୂଜା ଅବକାଶରେ ଦୈନିକ ଯଜ୍ଞ, ଆଳତୀ, ଭଜନ ସନ୍ଧ୍ୟା, ଆତସବାଜି କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ, ସମୂହ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହେଉଛି। ନବ ରାତ୍ରି ଅବସରରେ ଆଜି ମଧ୍ୟ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଲତାଯୋଡି ସଂସ୍କୃତ କଲେଜର ଅଧ୍ୟକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନାରାୟଣ ପାଣିଗ୍ରାହୀ, ଦିବାକର ସାମନ୍ତରା, ପୁରସ୍ତମ ନାୟକ, ରଞ୍ଜନ କୁମାର ପଣ୍ଡା, ଗଙ୍ଗାଧର ପଢ଼ିଆରୀ, ଅନାଦି ପଢ଼ିଆରୀ, ଯତୀନ୍ଦ୍ର ପରିଡା, ବୃନ୍ଦାବନ ପଢ଼ିଆରୀ, ରାମନାଥ ପଢ଼ିଆରୀ, ହିମାଂଶୁ ପାଢ଼ୀ, ଗୋପାଳ ପରିଡା, ରବୀନ୍ଦ୍ର ବିଶ୍ୱାଳ, ହରେକୃଷ୍ଣ ସାମଲ, ମହେଶ୍ୱର ନାୟକ, ପ୍ରଦୀପ କୁମାର ସାମନ୍ତରାୟ ପ୍ରମୁଖ ଏଥିରେ ସହଯୋଗ କରିଛନ୍ତି।

## ସମାଜସେବୀଙ୍କ ବିୟୋଗ

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୨୯।୯ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଜପୁର ପଞ୍ଚାୟତର ଓଲିନ୍ଦା ଗ୍ରାମ ନିବାସୀ ତଥା ସିପିଏମର ବର୍ଷିୟାନ ସାଥୀ ବାବୁଲାଲ ବାରିକଙ୍କ ସହଧର୍ମିଣୀ ସନ୍ଧ୍ୟାରାଣୀ ବାରିକଙ୍କ ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସିପିଏମ୍ ଜଳେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରି, କୃଷକ ନେତା ଜୀବନ ପରିଡ଼ା ଓ ଓଲିନ୍ଦା ବ୍ରାଞ୍ଚ ସମ୍ପାଦକ ଅଶ୍ୱିନୀ ପ୍ରଧାନ ତାଙ୍କ ଘରେ ଉପସ୍ଥିତ ହୋଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ରାଜପୁରର ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ପରିଡ଼ା ମଧ୍ୟ ତାଙ୍କ ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମଦ ଜବତ, ଦୁଇ ଗିରଫ

ବାଲେଶ୍ୱର,୨୯।୯ (ସମିସ): ଦୁର୍ଗାପୂଜା ଅବସରରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଛି। ଏହି କ୍ରମରେ ଆଜି ଅବକାରୀ ବିଭାଗ ପକ୍ଷରୁ ଭୋଗରାଇ ଓ କମର୍ଦ୍ଦା ଅଂଚଳରେ ଚଢ଼ଉ କରାଯାଇ ବିପୁଳ ପରିମାଣରେ ପଶ୍ଚିମବଙ୍ଗ ମାର୍କା ଦେଶୀ ମଦ ଜବତ କରାଯିବା ସହ ଦୁଇ ଜଣ ବେପାରୀକୁ ଗିରଫ କରାଯାଇଛି। ଗିରଫ ବେପାରୀମାନେ ହେଲେ ଭୋଗରାଇ ଅଞ୍ଚଳର ସୁରାପତି ଜେନା ଏବଂ କମର୍ଦ୍ଦା ଅଞ୍ଚଳର ଗୁରୁବାରୀ ମୁର୍ମୁ।

# ସ୍ୱାଧୀନତା ସଂଗ୍ରାମୀ ଦୁର୍ଗା ଦାସଙ୍କ ୧୦୬ତମ ଜୟନ୍ତୀ

ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର,୨୯।୯ (ସମିସ)



ସ୍ୱର୍ଗତ ଦୁର୍ଗା ଦାସ ଥିଲେ ଭୋଗରାଇ ମାଟିର ଅମୃତ ସନ୍ତାନ। ସେ ଥିଲେ ଅମ୍ଳାନ ଐଶ୍ୱର୍ଯ୍ୟର ଅଧିକାରୀ। ତାଙ୍କ ଭଳି ନିର୍ଭୀକ ଓ ନିରହଂକାରୀ ଲୋକ ସେବକ ବିରଳ। ସେ କେବଳ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତା ନଥିଲେ ସେ ଲୋକନୀତିରେ ବିଶ୍ୱାସ କରୁଥିବା ମହାନ ଜନ ସେବକ ବୋଲି ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଶଙ୍ଖାରୀସ୍ଥିତ ମନ୍ମଥ-ମନୋଜ ସ୍ମାରକୀ ସଭା ଗୃହ ପରିସରରେ ଦୁର୍ଗା ଦାସ ଫାଉଣ୍ଡେସନ ଓ ମନ୍ମଥ-ମନୋଜ ଫାଉଣ୍ଡେସନ ମିଳିତ ସହଯୋଗରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗା ଦାସଙ୍କ ୧୦୬ ତମ ଜୟନ୍ତୀ ଅବସରରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଫାଉଣ୍ଡେସନ ର ସଭାପତି ତଥା ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦଙ୍କ ପୌରହିତ୍ୟ ରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ କହିଥିଲେ ଯେ ଦୁର୍ଗା ବାବୁ ଜନତାଙ୍କ ତ୍ରାଣକର୍ତ୍ତା ଥିଲେ। ନିଜେ ଅଭାବ ଅସୁବିଧାରେ ଜର୍ଜରିତ ଥିଲେ ସୁଦ୍ଧା ଲୋକଙ୍କ ଅଭାବ ଦୂର କରିବା ପାଇଁ ସେ ଥିଲେ ସଦା ତତ୍ପର। ମୁଖ୍ୟବକ୍ତା ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସତୀଶ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ ଯେ ଜଗତ ଜନନୀ ମା ଦଶଭୂଜା ଦୁର୍ଗାଙ୍କ ମହା ସପ୍ତମୀ ତିଥିରେ ଜନ୍ମ ଗ୍ରହଣ କରିଥିବା ଦୁର୍ଗା ବାବୁ ସପ୍ତ ଶକ୍ତି ଓ ଗୁଣର ଅଧିକାରୀ। ତାଙ୍କର ତ୍ୟାଗପୂତ ତଥା ଆଦର୍ଶଗତ ଜୀବନା ଦର୍ଶନ ସାମ୍ପ୍ରତିକ ଯୁବସମାଜଙ୍କ ପ୍ରତି ନିଶ୍ଚିତ ପ୍ରେରଣା ଦାୟୀ। ବିଶିଷ୍ଟ ଅତିଥି ଭାବେ ସୁବାସିନୀ ଜେନା ଯୋଗ ଦେଇ କହିଥିଲେ ଯେ ଦୁର୍ଗାବାବୁ କେବଳ ଭୋଗରାଇ କିମ୍ବା ବାଲେଶ୍ୱର ନୁହଁ ସେ ସମଗ୍ର ରାଜ୍ୟ ପାଇଁ ଥିଲେ ପ୍ରେରଣାର ଉତ୍ସ। ତାଙ୍କର ତ୍ୟାଗ ଓ ସଂଗ୍ରାମୀ ଜୀବନର ପରାକାଷ୍ଠା ନିଶ୍ଚିତ ପ୍ରଶଂସା ଯୋଗ୍ୟ। ସମ୍ମାନୀତ ଅତିଥି ଭାବେ ସୁବାସ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଫାଉଣ୍ଡେସନର ଟ୍ରଷ୍ଟି ଆଶିଷ ଦାସ ପ୍ରମୁଖ ଙ୍କ ସହ ଶିକ୍ଷକ ନେତା ଗୋପବନ୍ଧୁ ମହାପାତ୍ର, ବିପଦ ଭଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇ ବ୍ୟକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା, ସନ୍ତୋଷ କୁମାର ପାତ୍ର, ସମାଜସେବୀ ରମାକାନ୍ତ କରଣ, ଗିରିଶ ଦତ୍ତ, ନିବେଦିତା ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ରାଜକିଶୋର ଜେନା ପ୍ରମୁଖଙ୍କ ସହ ବହୁ ବୁଦ୍ଧିଜୀବୀ, ଶିକ୍ଷକ, ସମାଜସେବୀ ଏହି ସଭାରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସମାଜସେବୀ ସୁଶାନ୍ତ ନାୟକ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, ପରିଚୟ ପ୍ରଦାନ ଏବଂ ସଭା ସଞ୍ଚାଳନ କରିଥିବା ବେଳେ ଦୁର୍ଗାବାବୁଙ୍କ କନିଷ୍ଠ ପୁତ୍ର ତଥା ଭୋଗରାଇ ବିଧାୟକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ମଧ୍ୟମ ପୁତ୍ର ଅପରାଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନ ପକ୍ଷରୁ କବି ଶ୍ରୀକୁମାର ଘୋଷ, ଶାଶ୍ୱତ ଜେନା, ଅନନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ରାଜନଗରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା’


ଜରିମୂଳ ବଜାର


ମା’ ଦୁର୍ଗା, ଥାନପତି


ମା’ ବନଦୁର୍ଗା, ଗଳିଦାଣ୍ଡ


ମା’ ଶାରଳା


ଗଙ୍ଗାମାତା, ମାଛ ମାର୍କେଟ

## ଚାରଣ ଗୋଷ୍ଠୀ ସଂଗଠକ ସହଦେବ ସାମଲଙ୍କ ପରଲୋକ



କେନ୍ଦ୍ରାପଡ଼ା,୨୯।୯ (ସମିସ): ଅସୁରେଶ୍ୱର ଅଞ୍ଚଳର ଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ଚାରଣ ଗୋଷ୍ଠୀ ସଂଗଠକ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ତଳା ଗ୍ରାମର ସହଦେବ ସାମଲଙ୍କ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟ କରୁଥିବା ଚାରଣ ଗୋଷ୍ଠୀ ସଂଗଠନର ସେ ପ୍ରମୁଖ ସଂଗଠକ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ଜୟନ୍ତୀ, ବଡ଼ଭାଇ ନିରଞ୍ଜନ, ସାନଭାଇ କପିଳେନ୍ଦ୍ର ଓ ପତିତପାବନ, ଦୁଇପୁତ୍ର ପବିତ୍ର ଓ ସୁବ୍ରତ, ବୋହୂ ଲିପ୍‌ସିତା ଓ ନନ୍ଦିତା, ନାତିନାତୁଣୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ସାମଲ "ସମ୍ବାଦ"ର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିନିଧି ସୁବ୍ରତ ସାମଲଙ୍କ ପିତା। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଯୁବନେତା ରାଜେଶ ପଣ୍ଡା, ପ୍ରାକ୍ତନ ପୌର ସଦସ୍ୟ ହିରଣ୍ୟ ପଣ୍ଡା, ସମ୍ବିତ ଶ୍ରୀଚନ୍ଦନ, ଶଳା ଦିଗମ୍ବର ସ୍ୱାଇଁ, ବାନାମ୍ବର ସ୍ୱାଇଁ, ପୀତାମ୍ବର ସ୍ୱାଇଁ, ବୀରବର ସ୍ୱାଇଁ, ସମୁଦି ଅଜୟ ପ୍ରଧାନ, ନାରାୟଣ ପ୍ରଧାନ, ମନୋଜ ପ୍ରଧାନ, ଉମେଶ ଦାସ, ସମାଜସେବୀ ପ୍ରଦୀପ ମହାନ୍ତି, ଯୁବ ବିଜେଡି ନେତା ରାଜେଶ ଦାସ, ବରିଷ୍ଠ ବିଜେପି ନେତା ଭୁବନମୋହନ ଜେନା, 'ସକାଳ'ର ଜିଲ୍ଲା ପ୍ରତିନିଧି ଦେବଦତ୍ତ ଦାଶ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଫଟୋଗ୍ରାଫର ପ୍ରଦୀପ ସାହୁ, ସନ୍ତୋଷ ପଣ୍ଡା, ସୁଶାନ୍ତ ନାୟକ, ମୁକ୍ତେଶ୍ୱର ସ୍ୱାଇଁ, ପ୍ରସନ୍ନ ଧଳ, ସମାଜସେବୀ ସରୋଜ ଜେନା, ରମାକାନ୍ତ ପଣ୍ଡା, ଟିନା ଭୂୟାଁ, ବିଜେପି ନେତା ପ୍ରତାପ ଦାସ ପ୍ରମୁଖ ତାଙ୍କ ବନ୍ତଳାସ୍ଥ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ପବିତ୍ରମୋହନ ମୁଖାଗ୍ନି ଦେଇଥିଲେ।

● କମ ମଦ ଧରି ଅଧିକ ଦେଖାଇ କୋର୍ଟ ଚାଲାଣ କରିବା ମନ୍ତବ୍ୟ ଘଟଣା

## ରାଜନଗର ଓକିଲ ସଂଘର ନିନ୍ଦା; ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି




ରାଜନଗର, ୨୯।୯ (ସମିସ): ଦୁର୍ଗାପୂଜା ଶାନ୍ତି କମିଟି ବୈଠକରେ ଆଇଆଇସିଙ୍କ କମ୍ ମଦ ଧରି ଅଧିକ ଦେଖାଇ କୋର୍ଟ ଚାଲାଣ କରାଯାଉଥିବା ମନ୍ତବ୍ୟକୁ ଆଜି ଅପରାହ୍ନରେ ରାଜନଗର ଓକିଲ ସଂଘ ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଉମେଶ ଦାସ, ସମ୍ପାଦକ ଭଜକୃଷ୍ଣ ମିଶ୍ର, ବରିଷ୍ଠ ଆଇନଜୀବୀ ଲକ୍ଷ୍ମଣ ରାଉତ, ସରୋଜ ମହାନ୍ତି, ମନ୍ମଥ ରାଉତ, ବିଶ୍ୱନାଥ ବାରିକ, ପ୍ରଦୀପ ଦାସ, ଜନ୍ମଜୟ ବେହେରା, ଦେବଦତ୍ତ ସେଠୀ ପ୍ରମୁଖ ଘୋର ନିନ୍ଦା କରିଛନ୍ତି। ଚଳିତ ମାସ ୨୨ ତାରିଖ ଦିନ ଥାନା ପରିସରରେ ପୁଲିସ ପକ୍ଷରୁ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସାରିବାକୁ ବୈଠକ ଡକାଯାଇଥିଲା। ଉକ୍ତ ବୈଠକରେ ଆଇଆଇସି ମଦ ନ ବାହାରିଲେ ମଧ ଅଧିକ ମଦ ଜବତ କରିଥିବା ଦର୍ଶାଇ ଜେଲ ପଠାଉଛୁ। ଗତ ଦୁଇଦିନ ଭିତରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛୁ। ୧୦ ଲିଟରରୁ କମ ମଦ ଜବତ କରି କୋର୍ଟ ଚାଲାଣ କଲେ ମାଜିଷ୍ଟ୍ରେଟ ଆମ ଉପରେ ବିଗୁଡୁଛନ୍ତି। ଫରୱାର୍ଡ ନ କରିବା ପାଇଁ କହି ଜାମିନ ଦେଇ ଦେଉଛନ୍ତି ପ୍ରୋଭିଜନ ଅନୁଯାୟୀ। ସେଥିପାଇଁ ମଦ ନ ବାହାରିଲେ ମଧ ଅଧିକ ମଦ ଦେଖାଇ କୋର୍ଟ ଚାଲାଣ କରୁଛୁ ବୋଲି ଆଇଆଇସି ଖୋଲା ବୈଠକରେ କହିବା ଓ ଏହାର ଭିଡିଓ ଭାଇରାଲ ହେବା ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ଶାନ୍ତି କମିଟି ସମ୍ମୁଖରେ ଦାୟିତ୍ୱହୀନ ମନ୍ତବ୍ୟ ବିରୁଦ୍ଧରେ ରାଜନଗର ଓକିଲ ସଂଘ ପକ୍ଷରୁ ଘୋର ନିନ୍ଦା କରାଯିବା ସହିତ ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ଜିଲ୍ଲା ସଙ୍ଘକୁ ଅବଗତ କରିବା ସହ ଜିଲ୍ଲା ବାର ଆସୋସିଏସନଙ୍କ ପରାମର୍ଶକ୍ରମେ ଯାହା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ, ତାହା କରିବୁ ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜନଗର ଓକିଲ ସଂଘର ସଭାପତି ଶ୍ରୀ ଦାସ କହିଛନ୍ତି।

## ଦୁର୍ଗାପୂଜା ପାଇଁ କୁଶିଆପାଳ ପଞ୍ଚାୟତ ଉତ୍ସବମୁଖର

ଡେରାବିଶ, ୨୯।୯ (ସମିସ): ଆଜି ମା’ ଦୁର୍ଗାଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି । ଏ ଉପଲକ୍ଷେ ଡେରାବିଶ ବ୍ଲକ୍ ଅଧୀନସ୍ଥ କୁଶିଆପାଳ ପଞ୍ଚାୟତ ଉତ୍ସବମୁଖର ହୋଇପଡ଼ିଛି। ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ମା’ ଦୁର୍ଗାଙ୍କ ମୂର୍ତ୍ତି ସମତେ ମା’ ଲକ୍ଷ୍ମୀ, ଶ୍ରୀହନୁମାନଜୀଉଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ବାବୁରାମପାଟଣା ଗ୍ରାମରେ ମା’ ଦୁର୍ଗା ଦୀର୍ଘ ୪୫ ବର୍ଷ ହେବ ପୂଜା ପାଇ ଆସୁଥିବା କମିଟିର ଅଂଶୁମାନ ଦାସ ପ୍ରକାଶ କରିଛନ୍ତି। ମାଟି ସାହିରେ ମା’ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇଆସୁଥିବାବେଳେ ବାବୁରାମପାଟଣାରେ ମା’ ବନଦୁର୍ଗା ପୂଜା ପାଇଆସୁଛନ୍ତି। ମା’ ଦୁର୍ଗାଙ୍କ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଥିବା ଥାନପତି ପୂଜା କମିଟି କର୍ମକର୍ତ୍ତା ସମାଜସେବୀ ସରଳରେଖା ସାହୁ ପ୍ରକାଶ କରିଛନ୍ତି। ଏହି ପୂଜା ନିମନ୍ତେ ସମଗ୍ର ପଞ୍ଚାୟତରେ ବିଭିନ୍ନ ପୂଜା ମଣ୍ଡପ ନିକଟରେ ଅସ୍ଥାୟୀ ଜଳଖିଆ ଦୋକାନ, ଷ୍ଟେସନାରୀ ଦୋକାନ, ଫାଷ୍ଟଫୁଡ୍ ଦୋକାନ ପଡ଼ିଛି।



କପିଳେଶ୍ୱର ସେବା ସମବାୟ ସମିତିକୁ ଆସିଛି ୨୨୨ ବସ୍ତା ୟୁରିଆ ସାର

## ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼; ନିଆଗଲା ପୁଲିସର ସହାୟତା



ଡେରାବିଶ,୨୯।୯ (ସମିସ): ଧାନଚାଷ ପାଇଁ ଏବେ ୟୁରିଆ ସାରର ସଙ୍କଟ ଦେଖାଦେଇଛି। ଖୋଲା ବଜାରରେ ମଧ ୟୁରିଆ ସାରର ଘୋର ଅଭାବ। ସରକାର ମାର୍କଫେଡ୍ ଜରିଆରେ ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ବିଫଳ ହୋଇଛନ୍ତି। ଫଳରେ ପ୍ରତ୍ୟେକ ସମବାୟ ସମିତିକୁ ଆସୁଥିବା ସାର ନେବା ପାଇଁ ଚାଷୀଙ୍କ ମଧ୍ୟରେ ପ୍ରତିଯୋଗିତା ହେବା ସହ ଗଣ୍ଡଗୋଳ ଘଟୁଛି। ଆଜି ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ଅଧୀନ ହରିଅଙ୍କସ୍ଥ କପିଳେଶ୍ୱର ସେବା ସମବାୟ ସମିତିରେ। ସମିତିକୁ ଆସିଥିବା ୨୨୨ ବସ୍ତା ସାର ନେବାକୁ ୫୦୦ରୁ ଅଧିକ ଚାଷୀଙ୍କ ଭିଡ଼ ହୋଇଥିଲା। ସମସ୍ତ ଚାଷୀ ସାର ନେବାକୁ ପ୍ରତିଯୋଗିତା କରିବା ସହିତ ଜିଦ୍ ଧରି ବସିଥିଲେ। ଫଳରେ ପରିଚାଳନା କମିଟି ଓ ସମବାୟ କର୍ମଚାରୀ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ଚାନ୍ଦୋଳ ଫାଣ୍ଡି ପୁଲିସର ସହାୟତା ନେଇଥିଲେ। ଚାନ୍ଦୋଳ ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ଧାଡ଼ି କରି ସାର ସରିବା ପର୍ଯ୍ୟନ୍ତ ବିକ୍ରୟ କରିଥିଲେ। ତେବେ ସାର ନ ପାଇ ନିରାଶ ହୋଇ ଫେରିଥିବା ଚାଷୀଙ୍କୁ ପରବର୍ତ୍ତୀ ସମୟରେ ସାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଏନ୍‌ସିସି ଛାତ୍ରଙ୍କ ଆର୍ମି ପ୍ରଶିକ୍ଷଣ



ପଞ୍ଚୁପାଣ୍ଡବ,୨୯।୯ (ସମିସ): ଡେରାବିଶ ବ୍ଲକ୍‌ର ତିନୋଟି ବିଦ୍ୟାଳୟରୁ ପ୍ରାୟ ୯୭ ଜଣ ଏନସିସି ଛାତ୍ର ଯାଜପୁରରେ ଆର୍ମି ପ୍ରଶିକ୍ଷଣ ନେଉଛନ୍ତି। ଦାମୋଦରଜୀଉ ବିଦ୍ୟାପୀଠରୁ ୨୫ ଜଣ, ଡେରାବିଶ ସରକାରୀ ଉଚ୍ଚବିଦ୍ୟାଳୟରୁ ୪୭ ଓ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟରୁ ୨୫ ଜଣ ଏନ୍‌ସିସି ଛାତ୍ର ଆର୍ମି ପ୍ରଶିକ୍ଷଣ ନେବାକୁ ଯାଜପୁର ଯାଇଛନ୍ତି। ଏହି ପ୍ରଶିକ୍ଷଣ ୧୦ ଦିନ ଧରି ଚାଲିବ ବୋଲି ଦାମୋଦରଜୀଉ ବିଦ୍ୟାପୀଠ ଏନ୍‌ସିସି ଶିକ୍ଷକ ବିଭୂତି ଭୂଷଣ ଘଡାଇ କହିଛନ୍ତି। ତାଙ୍କ ସହ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟ ଶିକ୍ଷକ କମଳାକାନ୍ତ ସାହୁ ଯାଇଛନ୍ତି।

## 'ଧୋୟାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଧରଣୀଧରଙ୍କ ଭୂମିକା ଅବିସ୍ମରଣୀୟ'



ପଟ୍ଟାମୁଣ୍ଡାଇ,୨୯।୯ (ସମିସ): ଚୀର ଅବହେଳିତ ବନ୍ୟା ପ୍ରପୀଡ଼ିତ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଦିବଂଗତ ସ୍ୱାସ୍ଥ୍ୟ ସହାୟକ ଧରଣୀଧର ନାଥଶର୍ମାଙ୍କ ଭୂମିକା ଚିରକାଳ ଅବିସ୍ମରଣୀୟ ହୋଇରହିବ ବୋଲି ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳ ଗ୍ରାମର ଦିବଂଗତ ସ୍ୱାସ୍ଥ୍ୟ ସହାୟକ ସମାଜସେବୀ ଧରଣୀଧର ନାଥଶର୍ମାଙ୍କ ଏକାଦଶାହ ଅବସରରେ ତରଡ଼ିପାଳଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଧୋୟାଞ୍ଚଳ ବିକାଶ ପରିଷଦ ସମ୍ପାଦକ ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବ୍ରାହ୍ମଣୀ କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଇଡ୍‌କୋ ପ୍ରଶାସନିକ ଅଧିକାରୀ ସୁବାସ ନାଥଶର୍ମା, ଇଂ ଦେବାଶିଷ ଶର୍ମା, ଅଧାପିକା ସୁସ୍ମିତା ନାଥଶର୍ମା, ଅଧାପକ ହେମନ୍ତ ପରିଡ଼ା, ଅଧାପକ ରବିରଞ୍ଜନ ଶର୍ମା, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ପତ୍ରପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଆରାଧନା ଦାଶ, କବି ସଚିତ୍ର ବେହୁରା, ଶିକ୍ଷାବିତ ଅରୂପାନନ୍ଦ ବିଶ୍ୱାଳ, ତରଡ଼ିପାଳ ସମିତିସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ଶିକ୍ଷାବିତ ଆନନ୍ଦ ମହାପାତ୍ର, ଆଡ଼ଭୋକେଟ ଶମ୍ଭୁନାଥ ଶର୍ମା, ଶିକ୍ଷାବିତ ସୁରେଶ ଜେନା, ସଂଗୀତଜ୍ଞ ସୁଧାଂଶୁ ଦାସ, କାର୍ତ୍ତିକ ରାଉତ, ନାରାୟଣ ବିଶ୍ୱାଳ, ନୃସିଂହ ରାଉତ, ବିଚିତ୍ର ବେହେରା, ସୁଶୀଲ ବିଶ୍ୱାଳ, ସତ୍ୟବାଦୀ ପ୍ରଧାନ ପ୍ରମୁଖ ଯୋଗଦେଇ ଦିବଂଗତ ଧରଣୀଧର ନାଥଶର୍ମା ଅବହେଳିତ ବନ୍ୟା ପ୍ରପୀଡ଼ିତ ଧୋୟାଞ୍ଚଳ ଲୋକଙ୍କୁ ନିରଳସ ସ୍ୱାସ୍ଥ୍ୟସେବା ଯୋଗାଇ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ ବୋଲି ପ୍ରକାଶ କରିବା ସହିତ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ନାଥଶର୍ମା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁକାନ୍ତୀ ନାଥଶର୍ମା, ଶ୍ରଦ୍ଧାଞ୍ଜଳି ନାଥଶର୍ମା, ମଧୁସ୍ମିତା ଶର୍ମା, ଅରବିନ୍ଦ ଶର୍ମା, ପ୍ରକାଶ ଶର୍ମା ଓ କରୁଣାକର ନାଥଶର୍ମା ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉତ୍ସବ



ଡେରାବିଶ,୨୯।୯ (ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ କଲେଜ ଛକସ୍ଥ ମାତୃବାଟିକା ମଣ୍ଡପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉତ୍ସବ ଆୟୋଜିତ ହୋଇଛି। ଚାନ୍ଦୋଳ, ଦାନପୁର ଓ ଇନ୍ଦାଲୋ ମଣ୍ଡଳର ମିଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଉଦ୍ଧବ ପାତ୍ର ଯୋଗଦେଇଥିଲେ। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ଓ ପରେ ଶସ୍ତ୍ର ପୂଜନ କାର୍ଯ୍ୟକ୍ରମ ଓ ଭାରତମାତା, ଡକ୍ଟରଜୀ ଓ ଗୁରୁଜୀଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ପରେ ସଂଘର ଗୈରିକ ଧ୍ୱଜା ଉତ୍ତୋଳନ କରାଯାଇ ସମବେତ ପ୍ରାର୍ଥନା ଓ ଧ୍ୱଜା ପ୍ରଣାମ କରାଯାଇଥିଲା। ମୁଖ୍ୟବକ୍ତା ତଥା ସଂଘର ଜିଲ୍ଲା ଶାରିରୀକ ପ୍ରମୁଖ ସୁନାକର ବେହେରା ସଂଘର ଉତ୍ପତ୍ତି, ଏକଶହ ବର୍ଷର ଇତିବୃତାନ୍ତ ସହିତ ସଂଘ ପ୍ରତିଷ୍ଠାତା ଓ ପ୍ରଥମ ସରସଂଘ ଚାଳକ ଡକ୍ଟର କେଶବ ବଳିରାମ ହେଡଗେୱାର ଓ ଦ୍ୱିତୀୟ ସରସଂଘ ଚାଳକ ଗୁରୁଜୀ ମାଧବ ସଦାଶିବ ଗୋଲୱାଲକରଙ୍କ ଜୀବନ ଆଦର୍ଶ ଓ ସଂଘର ବିଚାର ପନ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓମ୍‌ପ୍ରକାଶ ନାୟକ, ନିର୍ମଳ ଜେନା, ବିକ୍ରମ ଦାସ, ପ୍ରତୀକ ପଣ୍ଡା, ହିମାଂଶୁ ଜେନା, ସୁଦାମ ମଲିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଆଲୋକ ଶିଖା ପକ୍ଷରୁ ମନ୍ଦିର ସଫେଇ



ଗୋବିନ୍ଦପୁର, ୨୯।୯ (ସମିସ): ଆଲୋକ ଶିଖା ପରିବାର ପକ୍ଷରୁ ଆଜି ବାଙ୍ଗରା ନିକଟସ୍ଥ ଛୋଟାଗଡି ଶିବ ମନ୍ଦିର ପାଖରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଲୋକ ଶିଖା ୟୁଥ୍‌ର ରାଜ୍ୟ ସମ୍ପାଦକ ସୁରେଶ ବିଶ୍ୱାଳ ଓ ଆଲୋକ ଶିଖା ପ୍ରତିଷ୍ଠାତା ରତ୍ନାକର ସେଠୀ, ଆଲୋକ ଶିଖା ୟୁଥ୍‌ର ପ୍ରୋଗ୍ରାମ ଅଫିସର ପ୍ରଜ୍ଞାପରମିତା ସାହୁ ଓ ଆଲୋକ ଶିଖା ପରିବାର ୟୁଥ୍‌ର ୬୦ ଜଣ ସଦସ୍ୟ ଯୋଗାଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ତତ୍‌ସହିତ ଗାନ୍ଧୀଙ୍କ ସ୍ୱପ୍ନର ଗାଁ "ସ୍ୱଚ୍ଛ ଗାଁ’ ଉପରେ ସ୍ଲୋଗାନ ଦେଇ ଦିଗଦର୍ଶନ ପ୍ରଦାନ କରିଛନ୍ତି। ଆଲୋକ ଶିଖା ପରିବାରର ରାଜ୍ୟ ସମ୍ପାଦକଙ୍କୁ ଆଲୋକ ଶିଖା ପରିବାର ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

■ ଡେରାବିଶ ପୁଲିସକୁ ସଫଳତା

## ଜାତୀୟ ରାଜପଥ ଲୁଟେରା ଗ୍ୟାଙ୍ଗର ତିନିଜଣ ଗିରଫ

ଡେରାବିଶ/ପଞ୍ଚୁପାଣ୍ଡବ,୨୯।୯ (ସମିସ): ଡେରାବିଶ ପୁଲିସ୍‌କୁ ଆଜି ବଡ଼ ସଫଳତା ମିଳିଛି। ଡେରାବିଶ ଥାନା ଅଧିକାରୀ ଅମ୍ବିକା ଦାସଙ୍କ ନେତୃତ୍ୱରେ ଏସ୍‌ଆଇ ବିଜୟ ଦାସ ସଦଳବଳେ ବିଭିନ୍ନ ସ୍ଥାନରେ ଚଢ଼ଉ ଆଜି ଜାତୀୟ ରାଜପଥ ଲୁଟେରା ଗ୍ୟାଙ୍ଗର ତିନିଜଣ ସଦସ୍ୟଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛନ୍ତି। ଏହି ତିନିଜଣ ହେଲେ ଯାଜପୁର ଜିଲ୍ଲା ପତରାଜପୁର ଗ୍ରାମର ଚନ୍ଦ୍ରଭାନୁ ବେହେରା (୩୦) ଓ ନଳିପୁର ଗ୍ରାମର ଅମରେନ୍ଦ୍ର ବଳ (୨୬), କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ନଳିପୁର ଗ୍ରାମର ଅନନ୍ତ କିଶୋର ମଲିକ (୩୧)। ପୁଲିସ୍ ଏମାନଙ୍କ ନିକଟରୁ ୫ଟି ଗାଡ଼ି ବ୍ୟାଟେରୀ ଜବତ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଡେରାବିଶ ଥାନାରେ ୧୭୬/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ତିନିଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଯାତ୍ରୀଙ୍କଠାରୁ ଲୁଟ୍ ଓ ରାସ୍ତା କଡ଼ରେ ରଖାଯାଇଥିବା ଟ୍ରକରୁ ବ୍ୟାଟେରି ଲୁଟ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଡେରାବିଶ ପୁଲିସ୍ ଏହି ଘଟଣାରେ ସମ୍ପୃକ୍ତ ଥିବା ଲୁଟେରାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଗତକାଲି ଆଇଆଇସି ଅମ୍ବିକା ଦାସଙ୍କ ନେତୃତ୍ୱରେ ଡେରାବିଶ ପୁଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପରୋକ୍ତ ତିନିଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା।

## ମା’କନକଦୁର୍ଗା ପୂଜା ମଣ୍ଡପରେ କଳସଯାତ୍ରା



ଡେରାବିଶ,୨୯।୯ (ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ଗ୍ରାମର ସୁଦର୍ଶନ ବାବାଙ୍କ ପୂଜା ମଣ୍ଡପରେ ଆୟୋଜିତ ମା’ କନକ ଦୁର୍ଗାଙ୍କ ପୂଜା ଉପଲକ୍ଷେ ସପ୍ତମୀ ତିଥିରେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରତ୍ୟୁଷରେ ପଲେଇସ୍ଥ ସିଦ୍ଧ ମହାପୁରୁଷଙ୍କ ନିକଟସ୍ଥ ବାଲିଗଡ଼ିଆଠାରୁ ପୂଜାର୍ଚ୍ଚନା ସହିତ ପୂର୍ଣ୍ଣ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ବାବାଜୀ ସୁଦର୍ଶନ ଓ ପୂଜା କମିଟି ସଭାପତି ରଶ୍ମିରଞ୍ଜନ ନାଥଶର୍ମାଙ୍କ ନେତୃତ୍ୱରେ ଶତାଧିକ ଶ୍ରଦ୍ଧାଳୁ ଏହି କଳସଯାତ୍ରାରେ ସାମିଲ ହୋଇଥିଲେ।

## ଜିଲ୍ଲାପାଳଙ୍କ ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ପଟ୍ଟାମୁଣ୍ଡାଇ,୨୯।୯ (ସମିସ)





କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ପୌର ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟାର ସ୍ମାର୍ଟ ପାର୍କ, ପୂର୍ତ୍ତ, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ବହୁମୁଖୀ କୋଠା ଘର ଓ ରାସ୍ତା, ପ୍ରସ୍ତାବିତ ଗୋଶାଳା ନିର୍ମାଣ ସ୍ଥଳ, ପ୍ରସ୍ତାବିତ ପଟ୍ଟାମୁଣ୍ଡାଇ ଡାକବଙ୍ଗଳା ନିର୍ମାଣ ସ୍ଥଳ, ବସ୍ତିବାସିନ୍ଦାଙ୍କ ଥଇଥାନ ସ୍ଥଳ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷା ଜଳ ନିଷ୍କାସନ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନକୁ ଅନୁଧାନ କରିଥିଲେ।

ପଟ୍ଟାମୁଣ୍ଡାଇ ପୌର ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଧାୟକ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ବିଭିନ୍ନ ସରକାରୀ ଯୋଜନା କାର୍ଯକାରିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ପରିଦର୍ଶନ କରିଥିବା ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଓ ଅବସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବସ୍ତିବାସିନ୍ଦାଙ୍କ ଥଇଥାନ, ଉଠା ଦୋକାନୀଙ୍କ ଥଇଥାନ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମୁଖ୍ୟ ସମସ୍ୟା ବର୍ଷା ଜଳ ନିଷ୍କାସନ ଆଦି କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ପ୍ରତ୍ୟେକ କାର୍ଯ୍ୟକ୍ରମ ନିଷ୍ପାର ସହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବାସିନ୍ଦାଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇବା, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ, ବସ୍ତିବସିନ୍ଦା ଓ ଉଠାଦୋକାନୀ ଥଇଥାନ ସର୍ବୋପରି ଜଳନିଷ୍କାସନ ବ୍ୟବସ୍ଥା ସଠିକ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ପୌର ପ୍ରଶାସନକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ସବଡିଭିଜନ ଦାବିର ଯଥାର୍ଥତା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅନୁକୂଳ ରିପୋର୍ଟ ପ୍ରଦାନ କରିବାକୁ ବିଧାୟକ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ସମେତ ପୂର୍ତ୍ତ, ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ ଓ ଡ୍ରେନେଜ ବିଭାଗ ପଦସ୍ଥ ଅଧିକାରୀ ସମେତ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଢେଙ୍କାନାଳ,୨୯ ।୯ (ସମିସ): ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ସିମିଳିଆ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗ୍ରାମର ଲଗନ ବେହେରାଙ୍କ ପୁଅ ଶୁଭମ ବେହେରା । କୌଣସି କାରଣରୁ ଶୁଭମ ବିଦ୍ୟୁତ ଆଘାତରେ ଗୁରୁତର ହୋଇପଡ଼ିଥିଲେ । ସେଠାରେ ଥିବା ତାଙ୍କ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ଢେଙ୍କାନାଳ,୨୯ ।୯ (ସମିସ): ଢେଙ୍କାନାଳ ସଦର ଥାନା କାଇମାଟି ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସେ ହେଲେ ଗ୍ରାମର ନିରୋଦ ବେହେରାଙ୍କ ପୁଅ ବିବେକାନନ୍ଦ ବେହେରା । ବିବେକାନନ୍ଦ ଘର ଭିତରେ ରଶିରେ ଝୁଲୁଥିବା ଦେଖି ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିରି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ ।

## ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

ଢେଙ୍କାନାଳ,୨୯ ।୯ (ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବଳଦିଆବନ୍ଧ ଓମଫେଡ୍ ପାର୍ଲର ନିକଟରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ବଳଦିଆବନ୍ଧର କିରଣ ସାହୁ । କିରଣ କୌଣସି କାମରେ ବାଇକ୍ ଯୋଗେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ସେଠାରେ ସେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।

● ଗୋରୁପଲଙ୍କ ସହିତ ଧକ୍କାହେଲା ବାଇକ୍

## ଜଣେ ମୃତ, ଜଣେ ଗୁରୁତର

ଢେଙ୍କାନାଳ,୨୯ ।୯ (ସମିସ): ଢେଙ୍କାନାଳ-କାମାକ୍ଷାନଗର ପୂର୍ତ୍ତ ରାସ୍ତାର ଅଁଳାବେରେଣୀ ବଜାର ନିକଟରେ ଗୋରୁପଲଙ୍କ ସହ ବାଇକ୍ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁରତ ଆହତ ହୋଇଛନ୍ତି । ମୃତକ ହେଲେ ବାଙ୍କୁଆଳ ଗ୍ରାମର ବୀରବର ସାହୁଙ୍କ ପୁଅ ବିକାଶ ସାହୁ । ଗୁରୁତର ଯୁବକଙ୍କ ପରିଚୟ ମିଳିନାହିଁ । ସନ୍ଧ୍ୟାରେ କାମାକ୍ଷାନଗର ପଟୁ ୨ ଯୁବକ ଏକ ବାଇକ ଯୋଗେ ଦ୍ରୁତଗତିରେ ଢେଙ୍କାନାଳ ଯାଉଥିଲେ । ଏହି ସମୟରେ ଅଁଳାବେରେଣୀ ବଜାର ନିକଟରେ ରାସ୍ତା ମଝିରେ ଗୋରୁପଲ ଛିଡ଼ା ହୋଇଥିବା ବେଳେ ବାଇକ ସେମାନଙ୍କ ସହ ଧକ୍କା ହୋଇଥିଲା ।

## ଗୋଶାଳାକୁ ୨୬ ଗୋରୁ ସ୍ଥାନାନ୍ତର



ଢେଙ୍କାନାଳ,୨୯ ।୯ (ସମିସ): ଲକ୍ଷ୍ମୀପୂଜାକୁ ଦୃଷ୍ଟିରେ ରଖି ଢେଙ୍କାନାଳ ପୌରପାଳିକା ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ଗଣେଶ ବଜାର ଗୋପବନ୍ଧୁ ଟାଉନ ହଲଠାରୁ ୨୬ ଗାଈ ଓ ଷଣ୍ଢଙ୍କୁ କାଓ କାଫ ଗାଡ଼ି ଦ୍ୱାରା ରଞ୍ଜାସ୍ଥିତ ଗୋଶାଳାକୁ ପଠାଯାଇଛି । ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କାଞ୍ଚନବଜାର ଶାରଦୀୟ ପୂଜା



ଢେଙ୍କାନାଳ,୨୯ ।୯ (ସମିସ): ଢେଙ୍କାନାଳ କାଞ୍ଚନ ବଜାରରେ ସାର୍ବଜନୀନ ପୂଜା ପ୍ରତିଷ୍ଠାନ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ପାଳିତ ହେଉଛି । ଷଷ୍ଠୀ ତିଥିରେ ମା'ଙ୍କ ବେଲବରଣ କରାଯାଇଥିଲା । ସପ୍ତମୀରେ କଳସ ଯାତ୍ରା କରାଯାଇ ମା'ଙ୍କ ଅଧିବାସ ପୂଜା, ଚକ୍ଷୁଦାନ ଓ ଅନ୍ୟାନ୍ୟ ନୀତି କରାଯାଇଥିଲା । ମଙ୍ଗଳବାର ମହାଷ୍ଟମୀ ପୂଜା ସହ ଚଣ୍ଡୀପୂଜା କରାଯିବ । ଏ ବର୍ଷ ମା'ଙ୍କଠାରେ ରୁପା ଅଳଙ୍କାର ଲାଗି କରାଯାଇଛି । ୧୯୬୯ରୁ ବଙ୍ଗୀୟ ଧାରାରେ ପୂଜାର୍ଚ୍ଚନା କରାଯାଉଛି । ମୁଖ୍ୟ ପୂଜକ ଜୟନ୍ତ ମୁଖାର୍ଜୀ, କର୍ତ୍ତା ସୁବାସ ଚନ୍ଦ୍ରସେନ ପୂଜାକାର୍ଯ୍ୟ କରୁଛନ୍ତି ।

ଧରାବତରଣ କଲେ ମା' ଜଗତଜନନୀ

## ଭୁବନ ଅଞ୍ଚଳର ୨୨ ମଣ୍ଡପରେ ପୂଜା ଆରମ୍ଭ

ଭୁବନ,୨୯ ।୯ (ସମିସ)



ଧରାବତରଣ କରିଛନ୍ତି ଜଗତଜନନୀ ମା' ଦୁର୍ଗା । ଏଥିପାଇଁ ଗାଁରୁ ସହର ସବୁଠି ଉତ୍ସବମୁଖର । ରବିବାର ମା'ଙ୍କ ଷଷ୍ଠୀପୂଜା ଅନୁଷ୍ଠିତ ହୋଇଛି । ଭୁବନ ସହରର ୨୨ ମଣ୍ଡପରେ ମା'ଙ୍କ ପୂଜା ହେଉଛି । ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳା ଓ ଫୁଲରେ ସାଜସଜ୍ଜାରେ ମଣ୍ଡପଗୁଡ଼ିକ ଝଲସିଉଠୁଛି । କିଛି ମଣ୍ଡପରେ ମା'ଙ୍କୁ ଚାନ୍ଦି ଅଳଙ୍କାରରେ ଆଭୂଷିତ କରାଯାଇଛି । ମା' ଦୁର୍ଗାଙ୍କ ସହ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ ପ୍ରମୁଖ ପାର୍ଶ୍ୱ ଦେବଦେବୀଙ୍କୁ ନେଇ ମେଢ଼ଗୁଡ଼ିକ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି ।

ସହରର ସର୍ବପୁରାତନ ୧୯୪୫ରେ ଆରମ୍ଭ ହୋଇଥିବା ବନଦୁର୍ଗା, ୧୯୭୧ ଦେଶଦୁର୍ଗା, ୧୯୯୯ ହରପାର୍ବତୀ, ୨୦୦୦ରେ ସେନସାହି ହରଗୌରୀ, ୨୦୦୧ରେ ନୂଆଭୁବନ ଓ ବାଜିଛକ, ୨୦୦୨ କ୍ଲାସିକ କ୍ଲବ, ହାଟୁଆ ବଣିକ ସଂଘ, ପୋଥାଳ ସାହି, ବିଘ୍ନ ମହାନ୍ତି ଛକ, ନୂଆ ଭୁବନ ମଝୀସାହିରେ ପୂଜା ହେଉଛି । ଅନଳରେ ପୂଜା ୫୭ବର୍ଷରେ ପଦାର୍ପଣ କରିଛି । ପ୍ରତ୍ୟୁଷ କୁଅଁରଙ୍କ ନେତୃତ୍ୱରେ ପଳାଶପିଠିଆରେ ଏ ବର୍ଷ ପ୍ରଥମ କରି ପୂଜା ହେଉଛି ।

## 'ରାଜକୋଷ ଅର୍ଥରେ ମୂର୍ତ୍ତି ସ୍ଥାପନ ସୁପ୍ରିମକୋର୍ଟଙ୍କ ଅବମାନନା'

ଢେଙ୍କାନାଳ,୨୯ ।୯ (ସମିସ): ଓଡ଼ିଶା ସରକାର ରାଜକୋଷରୁ ୧୪ କୋଟି ଟଙ୍କା ବ୍ୟୟ କରି ୭୫ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ନିଷ୍ପତ୍ତିକୁ ଜିଲ୍ଲା ବୁଦ୍ଧିଜୀବୀ ସଙ୍ଗଠନ ବିରୋଧ କରିଛି । ଏ ସମ୍ପର୍କରେ ସଭାପତି ଡା. ତୁଷାରକାନ୍ତି ନାୟକ, ଉପସଭାପତି ରୁଦ୍ରପ୍ରକାଶ ସରଣ, ସରୋଜ ସତପଥୀ, ସଦସ୍ୟ ବିନୟ କୁମାର ସାହୁ, ଗୀତା ସାମଲ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗତ ସରକାରଙ୍କ ଦ୍ୱାରା ରାଜକୋଷରୁ ଅର୍ଥ ଖର୍ଚ୍ଚକରି ସର୍ବସାଧାରଣ ଜମିରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପାରିବ ନାହିଁ ବୋଲି ନିକଟରେ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ତାମିଲନାଡୁ ସରକାର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଉକ୍ତ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ମାଗିଥିବା ଅନୁମତି ଅପିଲକୁ ନ୍ୟାୟମୂର୍ତ୍ତି ବିକ୍ରମ ନାଥ ଏବଂ ପ୍ରଶାନ୍ତ କୁମାର ମିଶ୍ର ଖାରଜ କରିବା ସହ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସରକାର ରାଜକୋଷରୁ ଅର୍ଥ ଖର୍ଚ୍ଚକରି ପୂର୍ବତନ ନେତା ଅବା ଜନନାୟକମାନଙ୍କ ମୂର୍ତ୍ତି ସ୍ଥାପନ କରିପାରିବେ ନାହିଁ । ସ୍ଥାନ ଅଭାବରୁ ଜନସାଧାରଣ ଟ୍ରାଫିକ ସମସ୍ୟା ଏବଂ ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ସର୍ବସାଧାରଣ ସ୍ଥାନରେ ମୂର୍ତ୍ତି ସ୍ଥାପନ କରାଯାଇ ପାରିବ ନାହିଁ ବୋଲି ରାୟରେ ଉଲ୍ଲେଖ କରିଛନ୍ତି । ଏହି ଅପିଲ ମାଡ୍ରାସ ହାଇକୋର୍ଟରେ ପୂର୍ବରୁ ମଧ୍ୟ ଖାରଜ ହୋଇଯାଇଥିଲା । ସେତେବେଳେ ହାଇକୋର୍ଟ ତାମିଲନାଡୁ ସରକାରଙ୍କୁ ଏଣେତେଣେ ମୂର୍ତ୍ତି ସ୍ଥାପନ ନ କରି ଗୋଟିଏ ଲିଡର୍ସ ପାର୍କ ସ୍ଥାପନ କରି ବିଭିନ୍ନ ଜନନାୟକମାନଙ୍କ ମୂର୍ତ୍ତି ସ୍ଥାପନ ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ମୂର୍ତ୍ତି ସ୍ଥାପନ ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ ଆଦେଶର ଅବମାନନା ହେବ ବୋଲି ସଙ୍ଗଠନ ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସରକାର ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କଲେ ଜନସ୍ୱାର୍ଥ ମାମଲାର ସମ୍ମୁଖୀନ ହୋଇପାରନ୍ତି ବୋଲି ସଙ୍ଗଠନ ଚେତାବନୀ ଦେଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସରକାର ମୂର୍ତ୍ତି ସ୍ଥାପନ ନିଷ୍ପତ୍ତିରୁ ଓହରିଯିବାକୁ ସଙ୍ଗଠନ ପକ୍ଷରୁ କୁହାଯାଇଛି । ଏହି ପତ୍ରର ନକଲ ମୁଖ୍ୟ ଶାସନ ସଚିବ ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରାଯାଇଛି ।

## କରଣ ସମାଜର ସାଧାରଣ ସଭା ଓ ଲେଖନୀ ପୂଜା



ଢେଙ୍କାନାଳ,୨୯ ।୯ (ସମିସ): ସ୍ଥାନୀୟ କରଣ ସମାଜର ସାଧାରଣ ସଭା ଏବଂ ଲେଖନୀ ପୂଜା ସ୍ଥାନୀୟ ସୂର୍ଯ୍ୟ ମଣ୍ଡପରେ ଅନୁଷ୍ଠିତ ହୋଇଛି । ସୋମେନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଲେଖନୀ ପୂଜା ହୋଇଥିଲା । ପରେ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ ଓ ସମ୍ପାଦକ ରବିନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟ ଯୋଗୀନାଥ ମହାନ୍ତି, ଦୀପକ ପ୍ରସାଦ ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ଉଦୟନାଥ ମହାନ୍ତି, ସଦସ୍ୟା ନିରୁପମା ଦାସ ପ୍ରମୁଖ ସମାଜର ଆଗାମୀ ରୂପରେଖ, ନୂତନ ସଦସ୍ୟ ଗ୍ରହଣ, ସାମଜିକ କାର୍ଯ୍ୟକ୍ରମ ଆୟୋଜନ ଏବଂ ସମାଜକୁ ସୁଦୃଢ଼ କରିବାର ବିଭିନ୍ନ ଦିଗ ଉପରେ ନିଜର ମତ ରଖିଥିଲେ । ଏହି ଅବସରରେ ସର୍ବସମ୍ମତି କ୍ରମେ କୋର କମିଟି ଗଠନ କରାଯାଇଛି । କମିଟିରେ ଯୋଗୀନାଥ ମହାନ୍ତି, ବନବିହାରୀ ମହାନ୍ତି, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଦୀପକ ପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ମନୋଜ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ନାରାୟଣ ପଟ୍ଟନାୟକ, ବିନୋଦ ମହାନ୍ତି, ରାଜେଶ ପଟ୍ଟନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି । ଏହି କମିଟି ସଦସ୍ୟମାନଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରି ଦୁଇମାସ ମଧ୍ୟରେ ଏକ ସାଧାରଣ ସଭା ଆୟୋଜନ କରିବେ । ସେହି ସଭାରେ ସମାଜର ସଭାପତି, ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତା ଚୟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ସମାଜର ମହିଳାମାନଙ୍କୁ ସଂଘଠିତ କରିବା ପାଇଁ ନିରୁପମା ଦାସଙ୍କୁ ଦାୟିତ୍ୱ ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଜୟ ପଟ୍ଟନାୟକ, ସତୀଶ ପଟ୍ଟନାୟକ, ଗିରିଜାକାନ୍ତ ପଟ୍ଟନାୟକ, ଜୟକୃଷ୍ଣ ପଟ୍ଟନାୟକ, ନଗେନ୍ଦ୍ର ମହାନ୍ତି, ମନ୍ମଥ ପଟ୍ଟନାୟକ, ନରେନ୍ଦ୍ର କୁମାର ମହାନ୍ତି, ଅବିନାଶ ପଟ୍ଟନାୟକ, ଜୟନ୍ତ କୁମାର ମହାନ୍ତି, ଦୃଦୟାନନ୍ଦ ମହାନ୍ତି, ନିରୋଦ ପଟ୍ଟନାୟକ, ରବୀନ୍ଦ୍ର ପଟ୍ଟନାୟକ, ସତ୍ୟଜିତ ପଟ୍ଟନାୟକ, ବିଭୂତି ବଲ୍ଲଭ ପଟ୍ଟନାୟକ, ବିପିନି ବିହାରୀ ପଟ୍ଟନାୟକ, ବିରଜା ପଟ୍ଟନାୟକ, ଅଜୟ କୁମାର ପଟ୍ଟନାୟକ, ବସନ୍ତ କୁମାର ମହାନ୍ତି, ସ୍ୱରୂପାନନ୍ଦ ଦାସ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ । ସମାଜର ପ୍ରତିଷ୍ଠାତା ସଦସ୍ୟ ତଥା ଉପଦେଷ୍ଟା ସ୍ୱର୍ଗତ ଜିତେନ୍ଦ୍ର ପଟ୍ଟନାୟକଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା ।

## ୱାକୋ ଇଣ୍ଡିଆ କିକ୍ ବକ୍ସିଂରେ ଢେଙ୍କାନାଳକୁ ୫ ପଦକ

ଢେଙ୍କାନାଳ,୨୯ ।୯ (ସମିସ): ହିମାଚଳପ୍ରଦେଶର ସୋଲାନ, ନାଓନିର ଡ. ୱାଇଏସ ପର୍ମାର ବିଶ୍ୱବିଦ୍ୟାଳୟରେ ସେପ୍ଟେମ୍ବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ୱକୋ ଇଣ୍ଡିଆ ଜୁନିଅର ନ୍ୟାସନାଲ କିକ୍ ବକ୍ସିଂ ଚାମ୍ପିଅନସିପ ଅନୁଷ୍ଠିତ ହୋଇଥିଲା । ଏହି ଚାମ୍ପିଅନସିପରେ ୱାକୋ ଓଡ଼ିଶା ୩୨ଟି ପଦକ ହାସଲ କରିଛି । ସେଥିମଧ୍ୟରୁ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ ଗୋଟିଏ ରୌପ୍ୟ ଏବଂ ୪ଟି କାଂସ୍ୟ ସହ ୫ ପଦକ ଅକ୍ତିଆର କରିଛି । ବାଳିକା ବିଭାଗରେ ରୋଜାଲିନ ସ୍ୱାଇଁ ୬୫ କେଜି କିକ୍ଲାଇଟରେ ରୌପ୍ୟ ଏବଂ ପଏଣ୍ଟ ଫାଇଟରେ କାଂସ୍ୟ ପଦକ, ଗାୟତ୍ରୀ ପଟ୍ଟନାୟକ ୫୫କେଜି ଲାଇଟ କଣ୍ଟାକ୍ଟ ଫାଇଟରେ କାଂସ୍ୟ, ବାଳକ ବିଭାଗରେ ଓମପ୍ରସାଦ ଭଞ୍ଜ ୟଙ୍ଗର ଜୁନିଅର ୬୭ କେଜି ଫୁଲ କଣ୍ଟାକ୍ଟ ଫାଇଟରେ କାଂସ୍ୟ, ଶୁଭଙ୍କର ନାୟକ ଓଲ୍ଡର ଜୁନିଅର୍ ୫୪ କେଜି ଫୁଲ କଣ୍ଟାକ୍ଟ ଫାଇଟରେ କାଂସ୍ୟ ପଦକ ହାସଲ କରିଛନ୍ତି । ମିହିର କୁମାର ସାହୁ ଓଡ଼ିଶା ଟିମ କୋଚ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ସଫଳତା ପାଇଁ ଆମେଚର କିକ ବକ୍ସିଂ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ସମସ୍ତ ସଦସ୍ୟ ଏବଂ କୋଚମାନେ ସମସ୍ତେ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




## କ୍ରେଡିଟ୍ କାର୍ଡ ନାଁରେ ଲୁଟିନେଲେ ୨୫ ହଜାର ଟଙ୍କା

ଖଜୁରିଆକଟା,୨୯ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଜଣେ ଶିକ୍ଷୟିତ୍ରୀଙ୍କଠାରୁ ସାଇବର ଠକମାନେ ଠକି ନେଇଛନ୍ତି ଟଙ୍କା । ହିନ୍ଦୋଳ ବ୍ଲକ ହିନ୍ଦୋଳ ଥାନା ବାଉଁଶପୋଖରୀ ପଞ୍ଚାୟତ କର୍ଣ୍ଣପୁର ଗ୍ରାମ ବାସିନ୍ଦା ତଥା ବରଡ଼ାପାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜଲୀ ବିଶ୍ୱାଳ ଗତ ୧୭ ତାରିଖ ଏସ୍‌ବିଆଇ ହିନ୍ଦୋଳ ଶାଖାରେ କ୍ରେଡିଟକାର୍ଡ ପାଇଁ ଆବେଦନ କରିଥିଲେ । ୨୦ ତାରିଖ କାର୍ଡ ଇସ୍ୟୁ ପାଇଁ ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ ଏକ ଫୋନ୍ କଲ୍ ଆସିଥିଲା । କଲ୍ କରିଥିବା ବ୍ୟକ୍ତି ଓଟିପି ମାଗିଥିଲେ । ଜଲୀ ଓଟିପି ଦେବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅନଲାଇନ ସପିଙ୍ଗ ଦ୍ୱାରା ପ୍ରଥମେ ୧୯ ହଜାର ୭୦୦ ଟଙ୍କା ଓ ପରେ ୩ ପର୍ଯ୍ୟାୟରେ ୨ହଜାର ଲେଖାଏଁ ୬ହଜାର ଟଙ୍କା ସମୁଦାୟ ୨୫ ହଜାର ୭ଶହ ଟଙ୍କା କଟିଯାଇଥିଲା । ଏ ସଂକ୍ରାନ୍ତରେ ଜଲୀ ସାଇବର କ୍ରାଇମ ପୋର୍ଟାଲ ଜରିଆରେ ଅନୁଗୋଳ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ସାଇବର ଥାନା ପକ୍ଷରୁ ତଦନ୍ତ କରାଯାଉଛି ।

## ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ସମାରୋହ ଉଦଘାଟନ




ଖଜୁରିଆକଟା,୨୯ ।୯ (ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ଚଳିତ ବର୍ଷ ସାରା ଦେଶରେ ଶତାବ୍ଦୀ ସମାରୋହ ପାଳନ କରୁଛି । ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ମଣ୍ଡଳ ରାଣୀ ଲକ୍ଷ୍ମୀବାଈ ପ୍ରଭାତ ଶାଖା ଆନୁକୂଲ୍ୟରେ ଖଜୁରିଆକଟାଠାରେ ଶତାବ୍ଦୀ ସମାରୋହ ପାଳନ କରଯାଇଇଛି । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିରଞ୍ଚିନାରାୟଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ବିଭାଗର ଶଶିକାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସେବା ପ୍ରମୁଖ ତପନ କୁମାର ସାମଲ, ଜିଲ୍ଲା ସମର ସଜ୍ଜା ପ୍ରମୁଖ ସନ୍ତୋଷ କୁମାର ସାହୁ, ଖଣ୍ଡ ସେବା ପ୍ରମୁଖ ପ୍ରମୋଦ କୁମାର ରାଜ ପ୍ରମୁଖ ଯୋଗଦେଇଥିଲେ । ହିନ୍ଦୋଳ ଖଣ୍ଡର ଶତାଧିକ ସ୍ୱୟଂସେବକ ଉପସ୍ଥିତ ଥିଲେ ।

## ମା' ବ୍ରାହ୍ମଣୀ ଦେବୀଙ୍କ ଅଷ୍ଟମୀ ପୂଜା



ଢେଙ୍କାନାଳ,୨୯ ।୯ (ସମିସ): ସ୍ଥାନୀୟ ବାଜିଚୌକଠାରେ ଥିବା ମା'ବ୍ରାହ୍ମଣୀ ଦେବୀଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି । ଷୋଡ଼ଶ ଉପଚାର ପୂଜା ସହ ମା'ଙ୍କ ମହାସ୍ନାନ, ମଇଲମ, ସିନ୍ଦୂର ଏବଂ ମହାସିଙ୍ଗାର ବେଶ କରାଯାଇ ଅଷ୍ଟମୀର ମହାଯଜ୍ଞ ଆରମ୍ଭ ହୋଇଥିଲା । ମୁଖ୍ୟ ପୂଜକ ସନ୍ତୋଷ କୁମାର ଦେବତା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିବା ବେଳେ କର୍ତ୍ତା ଭାବେ ଉପେନ୍ଦ୍ର ମୋହନ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ । ଅପରାହ୍ନ ୩ଟାରେ ପ୍ରସାଦସେବନ କରାଯାଇଥିଲା । ସନ୍ଧ୍ୟାରେ ମାଆଙ୍କ ୧୦୮ ଦୀପ ଆଳତି କରାଯାଇଥିଲା । ଏଥିରେ ଢେଙ୍କାନାଳ ସହରର ବହୁତ ଭକ୍ତ ଯୋଗଦେଇଥିଲେ । ପୂଜକ ରାମଚନ୍ଦ୍ର ମହାପାତ୍ର, ଗୋବିନ୍ଦ ମହାପାତ୍ର, ସମ୍ପାଦକ ଅଭୟ ସିଂହ, ସଭାପତି ସଂଗ୍ରାମ କେଶରୀ ପାଣି ଓ ସଭ୍ୟ ରାଜା ସିଂହ ଓ ବୁନୁ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା ।

ଜଳବିଭାଜିକାରେ ଅନିୟମିତତା ଘଟଣା

## ବିଧାୟକଙ୍କୁ ଅଭିଯୋଗ କଲେ ଶତାଧିକ ଗ୍ରାମବାସୀ

କଙ୍କଡ଼ାହାଡ଼,୨୯ ।୯ (ସମିସ)



ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଜରଡ଼ା ଦେହୁରୀହତା ଜଳବିଭାଜିକା କମିଟିରେ ହୋଇଥିବା ବିଲ୍ ସମ୍ପୂର୍ଣ୍ଣ ବେଆଇନ ଭାବେ ହଡ଼ପ କରିଥିବା ନେଇ ରବିବାର ପଡ଼ାତିରା ଉଚ୍ଚ ବିଦ୍ୟାଳୟରେ ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ବିଧାୟକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଚାଷୀଙ୍କ ସହାୟତା ରାଶି ହଡ଼ପ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ କମିଟିର ସଦସ୍ୟ ଏବଂ ହିତାଧିକାରୀ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଗ୍ରାମବାସୀ । ଜରଡ଼ା ଓ ଦେହୁରୀହତା ଗ୍ରାମକୁ ନେଇ ଗଠିତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ ବାଲିଚେତନା ନାଳ ୧ ଜଳବିଭାଜିକା କମିଟି ଗଠନ ହୋଇଛି । ଏହି କମିଟିରେ ପ୍ରାୟ ୧୪ଜଣ ସଦସ୍ୟ ଅଛନ୍ତି । କିନ୍ତୁ କମିଟିର କୌଣସି ସଦସ୍ୟଙ୍କୁ ନ ପଚାରି ସଭାପତି ଏବଂ ସମ୍ପାଦକଙ୍କ ମନମୁଖି ଭାବେ ଲକ୍ଷ ଲକ୍ଷ ଟଙ୍କା ହେରଫେର କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏପର୍ଯ୍ୟନ୍ତ କୌଣସି ତଦନ୍ତ କରାଗଲା ନାହିଁ । ଅନ୍ୟପକ୍ଷରେ ଉଭୟ ଗ୍ରାମରେ ଥିବା ପୁରୁଣା ପୋଖରୀକୁ ନୂଆ ଦର୍ଶାଇ ଜଳବିଭାଜିକା ତରଫରୁ ମିଥ୍ୟା ବିଲ୍ କରାଯିବା ସହ ମନରେଗା ଯୋଜନାରେ ସେହି ସମାନ ପୋଖରୀ ପୁନରୁଦ୍ଧାର କରାଯାଇଥିବା ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ପରଜଙ୍ଗ ବିଧାୟକ ବିଭୂତିଭୂଷଣପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## କୁମୁଦିନୀଙ୍କ ଏକାଦଶାହରେ ସ୍ମୃତିସଭା



ଗଁଦିଆ,୨୯ ।୯ (ସମିସ): ଗଁଦିଆ ସ୍ମୃତି ସଂସଦ ଆନୁକୂଲ୍ୟରେ ସଂସଦର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଡାଳସିଂହ ମାର୍ଥାପୁରରେ ବିଶିଷ୍ଟ ମହିଳା କୁମୁଦିନୀ ରାଉତଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ପରିବେଶବିତ ଉପେନ୍ଦ୍ର କୁମାର ରାଉତ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ରହଲ୍ଲାଦ ମିଶ୍ର, ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ଡ. ସମୀର କୁମାର ସାହୁ, ଉପସଭାପତି ଡମ୍ବରୁଧର ସେଠୀ ପ୍ରମୁଖ ଯୋଗଦେଇଥିଲେ । ସ୍ୱର୍ଗୀୟା କୁମୁଦିନୀ ରାଉତଙ୍କ ପୁଅ ଭୁବନେଶ୍ୱର ରାଉତ ମାଆଙ୍କ ସ୍ମୃତିରେ କବିତା ପାଠ କରିଥିଲେ । କବୟିତ୍ରୀ ଉପମା ସାମଲ 'ମୋ ମାଆ' କବିତା ପାଠ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ରାଉତଙ୍କ ପୁଅ କୃଷ୍ଣପ୍ରସାଦ ରାଉତ, ହଳଧର ରାଉତ ଓ ସୁଶୀଳ କୁମାର ରାଉତଙ୍କ ସମେତ ବୋହୁ ଓ ଆତ୍ମୀୟସ୍ୱଜନ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।